• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

•VOLUME- 43 •ISSUE-75 •MONDAY •8 SEPTEMBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୭୫ •ସୋମବାର •୮ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦






**ଏସିଆ କପ୍ ପୁରୁଷ ହକି**

## ଭାରତ ଚାମ୍ପିଅନ

**୪-୧ ଗୋଲ୍‌ରେ ଦ.କୋରିଆ ପରାସ୍ତ**

■ **ରାଜଗିର, ୭।୯ (ଏଜେନ୍ସି):** ଆୟୋଜକ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫାଇନାଲ୍‌ରେ ଡବଲ ଗୋଲ୍ ଦେଇଥିବା ଭାରତର ଫରୱାର୍ଡ ଖେଳାଳି ସୁଖଜିତ ସିଂହଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅଭିଷେକ ନୈନ୍‌ଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏସିଆ କପ୍ ଚାମ୍ପିଅନ ହେବା ଫଳରେ ଭାରତ ଏଫଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାବର୍ଷ ନେଦରଲାଣ୍ଡସ ଓ ବେଲ୍‌ଜିୟମ୍‌ରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। (ବିବରଣୀ: ପୃଷ୍ଠା-୧୨)




## ଇନ୍ଦୁ ପୂର୍ଣ୍ଣିମାରେ ପୂର୍ଣ୍ଣଗ୍ରାସ ଗ୍ରହଣ

■ **ଭୁବନେଶ୍ୱର, ୭।୯ (ସମିସ):** ଭାଦ୍ରବ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଆଜି (ରବିବାର) ମହାକାଶରେ ବିରଳ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଛି। ଭାରତ ସମେତ ବିଭିନ୍ନ ରାଷ୍ଟ୍ରରେ ଗ୍ରହଣଜନିତ ଏହି ମହାଜାଗତିକ ଦୃଶ୍ୟକୁ କୋଟିକୋଟି ଜନତା ଉପଭୋଗ କରିଛନ୍ତି। ମେଘମୁକ୍ତ ଥିବା ଆଜିର ଭାଦ୍ରବ ଆକାଶରେ ଚନ୍ଦ୍ରମା ଖେଳିଯାଇଥିବା ବେଳେ ରାତି ୯.୫୭ ଠାରୁ ରାତି ୧.୨୭ ପର୍ଯ୍ୟନ୍ତ ଇନ୍ଦୁ ପୂର୍ଣ୍ଣିମାର ଜହ୍ନ ପୃଥିବୀର ଛାଇରେ ଢାଙ୍କି ହୋଇଯାଇଥିଲା। ଜ୍ୟୋତିଷ ଶାସ୍ତ୍ର ମତରେ ପୂର୍ଣ୍ଣ ରାହୁଗ୍ରସ୍ତ ଏହି ଚନ୍ଦ୍ରଗ୍ରହଣ ପାଇଁ ସକାଳ ୯.୫୭ରୁ ପାକତ୍ୟାଗ ସହ ୧୨.୫୭ରୁ ଦେବନୀତି ନିଷେଧ ରହିଥିଲା।

## ଧସିଲା କଳିଙ୍ଗା ଘାଟି




■ **ଜି.ଉଦୟଗିରି, ୭।୯ (ସମିସ):** ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରୁ ପଥର ଖସୁଛି। ଆଜି ଅପରାହ୍ଣରେ ଏକ ବିରାଟ ପଥର ରାସ୍ତା ଉପରକୁ ଖସିପଡ଼ିଥିଲା। ତେବେ ସେ ସମୟରେ କୌଣସି ଯାନବାହନ ଚଳାଚଳ କରୁନଥିବାରୁ ଏକ ବଡ଼ ଅଘଟଣ ଟଳି ଯାଇଛି। ରାସ୍ତା ଉପରେ ପଥରଟି ପଡ଼ିରହିବାରୁ ଭାରୀଯାନ ଯାତାୟାତରେ କିଛି ସମୟ ପାଇଁ ସମସ୍ୟା ହୋଇଥିଲା। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଗାର୍ଡୱାଲକୁ ଅଧିକ ଉଚ୍ଚା କରିବା ସହ ୱାଲ ନଥିବା ସ୍ଥାନରେ ନିର୍ମାଣ କରିବାକୁ ଦାବି ହୋଇଛି।

# ଫୁଲିଲା ମହାନଦୀ

## ୩ ଜିଲ୍ଲାକୁ ବନ୍ୟା ଭୟ ● ସତର୍କ ରହିବାକୁ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୭।୯ (ସମିସ):** ହୀରାକୁଦର ୨୪ ଟି ଗେଟ୍‌ରୁ ନିଷ୍କାସିତ ହୋଇଥିବା ବନ୍ୟାଜଳ ରବିବାର ସକାଳେ ମୁଣ୍ଡଳୀ ଅତିକ୍ରମ କରିଛି। ହୀରାକୁଦ ଓ ମହାନଦୀର ତଳମୁଣ୍ଡରେ ହୋଇଥିବା ବର୍ଷା ପାଣି ମିଶି ବର୍ତ୍ତମାନ ପାଖାପାଖି ୭ ଲକ୍ଷ କୁସେକ୍ ଜଳ ପ୍ରବାହିତ ହେଉଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ମହାନଦୀରେ ସର୍ବାଧିକ ପରିମାଣର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ମହାନଦୀ ଫୁଲିଉଠିବା ସହ ବଡ଼ମ୍ବାସ୍ଥିତ ଭଟ୍ଟାରିକା ପୀଠକୁ ଛୁଇଁଛି ବନ୍ୟାଜଳ। ମହାନଦୀରେ ଜଳସ୍ତର ବଢୁଥିବା ଯୋଗୁଁ କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାର ବିଭିନ୍ନ ଶାଖାନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି। ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ପ୍ରଶାସନ ସତର୍କ ସୂଚନା ଜାରି କରିଛି।

**ମୁଣ୍ଡଳୀରେ ୭ ଲକ୍ଷ୍ୟ କୁସେକ୍ ଜଳ ପ୍ରବାହିତ**

**୧୧ରୁ ରାଜ୍ୟରେ ପୁଣି ବଢ଼ିବ ବର୍ଷାର ପ୍ରଭାବ**

ଶନିବାର ଦିନ ୧୧ ଟାରୁ ମହାନଦୀର ମୁଣ୍ଡଳୀଠାରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଥିଲା। ଏହି ଧାରା ପ୍ରାୟ ଜାରି ରହିଥିବା ବେଳେ ଧୀରେ ଧୀରେ ଏହା ହ୍ରାସ ହେବା ନେଇ ଆକଳନ କରାଯାଉଛି।

ଅନ୍ୟପଟେ ହୀରାକୁଦରେ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି।

ଏହି ସ୍ଥିତିକୁ ନେଇ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମୁଣ୍ଡଳୀରେ ମହାନଦୀ ▶ପୃଷ୍ଠା-୭



## ଦିଲ୍ଲୀ ଗସ୍ତରେ ନବୀନ



■ **ଭୁବନେଶ୍ୱର, ୭।୯ (ସମିସ):** ବିଜେଡି ସୁପ୍ରିମୋ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାବେଳେ ଦଳୀୟ ସାଂସଦଙ୍କ ସହ ଏନେଇ ଆଲୋଚନା କରିପାରନ୍ତି ବୋଲି ସୂଚନା ମିଳିଛି।

ତାଙ୍କ ଦିଲ୍ଲୀ ଗସ୍ତ ସଂପର୍କରେ ସୂଚନା ଦେଇ ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, "କିଛି ସାମାଜିକ ପ୍ରତିବଦ୍ଧତା ପାଇଁ ମୁଁ ଏବେ କିଛି ଦିନ ପାଇଁ ଦିଲ୍ଲୀରେ ଅଛି।"

## ଜନ୍ମଦିନ ପାର୍ଟିରେ ଗଣଦୁଷ୍କର୍ମ

■ **କୋଲକାତା, ୭।୯ (ଏଜେନ୍ସି):** କୋଲକାତାରେ ଆଉ ଏକ ଅମାନୁଷିକ ଘଟଣା। ଜଣେ ଯୁବତୀଙ୍କ ଜନ୍ମଦିନ ପାର୍ଟି ତାଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଛି। ଜନ୍ମଦିନ ପାର୍ଟିରେ ଯୁବତୀଙ୍କୁ ତାଙ୍କ ଦୁଇଜଣ ପରିଚିତ ଲୋକ ଗଣଦୁଷ୍କର୍ମ କରିଛନ୍ତି। ଏନେଇ ୨୦ ବର୍ଷୀୟା ଯୁବତୀ ଜଣକ ଦୁଷ୍କର୍ମ ଅଭିଯୋଗ ଆଣିବା ପରେ ଘଟଣା ସାମ୍ନାକୁ ଆସିଛି। କୋଲକାତାର ହରିଦେବପୁର ଥାନା ଅଞ୍ଚଳରେ ଗତ ଶୁକ୍ରବାର ଏହି ଘଟଣା ଘଟିଛି। ଦୁଇ ଅଭିଯୁକ୍ତ ଯୁବତୀଙ୍କୁ ତାଙ୍କ ଜନ୍ମଦିନ ପାର୍ଟି ଆୟୋଜନ ବାହାନାରେ ରିଜେଣ୍ଟସ ପାର୍କ ଅଞ୍ଚଳରେ ଏକ ଫ୍ଲାଟକୁ ଡାକିଥିଲେ। ସେଠାରେ ଖାଇବା ପରେ ଯୁବତୀ ଜଣକ ଯେତେବେଳେ ଘରକୁ ବାହାରିଥିଲେ ଏହି ଦୁଇଜଣ କବାଟ ବନ୍ଦ କରିଥିଲେ। ଦୁଇ ଅଭିଯୁକ୍ତ ହେଲେ ଚନ୍ଦନ ମଲିକ ଓ ଦୀପ। ଦୀପ ସରକାରୀ ଚାକିରି କରୁଥିବା ପୁଲିସ ଜାଣିବାକୁ ପାଇଛି। ଚନ୍ଦନ ଜନ୍ମଦିନ ପାଳନ କରିବାକୁ ଯୁବତୀଙ୍କୁ ଦୀପ ଘରକୁ ନେଇଯାଇଥିଲା। ଯୁବତୀଙ୍କ ବିରୋଧ ସତ୍ତ୍ୱେ ସେମାନେ ଦୁଷ୍କର୍ମ କରିଥିଲେ। ▶ପୃଷ୍ଠା-୭

## ଗଣେଶ ବିସର୍ଜନ ବେଳେ ୪ ବୁଡ଼ିଗଲେ

**୧୩ ନିଖୋଜ**

■ **ମୁମ୍ବଇ,୭।୯ (ଏଜେନ୍ସି):** ମହାରାଷ୍ଟ୍ରରେ ଗଣେଶ ବିସର୍ଜନ ଅବସରରେ ବିଭିନ୍ନ ସ୍ଥାନରେ ଏକାଧିକ ଅଘଟଣ ଘଟିଛି। ଏଥିରେ ୪ ଜଣ ଶ୍ରଦ୍ଧାଳୁ ବୁଡିଯାଇଥିବା ବେଳେ ୧୩ ଜଣ ନିଖୋଜ ଅଛନ୍ତି ରବିବାର ପୁଲିସ କହିଛି। ପୁଣେ ଜିଲ୍ଲାର ଚକନ ଅଞ୍ଚଳରେ ଭିନ୍ନ ଭିନ୍ନ ଘଟଣାରେ ୪ ଜଣ ଭାସି ଯାଇଛନ୍ତି। ୱାକି ଖୁର୍ଦ୍ଦର ଭାମା ନଦୀରେ ଦୁଇଜଣ ଓ ଶେଲ ପିମ୍ପାଲଗାଓଁରେ ଜଣେ ଶ୍ରଦ୍ଧାଳୁ ▶ପୃଷ୍ଠା-୭



## ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଇଲେ ୧୮% ଜିଏସ୍‌ଟି



■ **ନୂଆଦିଲ୍ଲୀ, ୭।୯ (ଏଜେନ୍ସି):** ପାର୍ବଣ ଋତୁ ପୂର୍ବରୁ ଜୋମାଟୋ, ସ୍ୱିଗୀ ଏବଂ ମ୍ୟାଜିକ୍‌ପିନ୍ ଭଳି ଅନ୍‌ଲାଇନ୍ ଫୁଡ୍ ଏଗ୍ରିଗେଟରମାନେ ସେମାନଙ୍କର ଗ୍ରାହକଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଏହି କମ୍ପାନୀଗୁଡ଼ିକ ପ୍ଲାଟଫର୍ମ ଫି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଯାହାଫଳାରେ ସାରା ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅନ୍‌ଲାଇନରେ ଖାଦ୍ୟ ଅର୍ଡର କରିବା ମହଙ୍ଗା ହୋଇଯିବ। କାରଣ ସେପ୍ଟେମ୍ବର ୨୨ ରୁ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ଚାର୍ଜ ଉପରେ ୧୮% ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବାକୁ ଯାଉଛି। ସ୍ୱିଗୀ କିଛି ନିର୍ଦ୍ଦିଷ୍ଟ ବଜାରରେ ଜିଏସ୍‌ଟି ସହିତ ଏହାର ପ୍ଲାଟଫର୍ମ ଚାର୍ଜ ୧୫ ଟଙ୍କାକୁ ବୃଦ୍ଧି ▶ପୃଷ୍ଠା-୭

**ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ**

## ଆଶା-ଆଶଙ୍କାରେ ଦଳଡିଆଁ

**ଏକାଧିକ ନୂଆ ଆଶାୟୀ, ମନ୍ତ୍ରୀଙ୍କୁ ଘାରିଛି ବାଦ୍ ପଡ଼ିବାର ଭୟ**

**ମନ୍ତ୍ରୀ ପଦ ନ ମିଳିଲେ ଡିପିସି ଅଧ୍ୟକ୍ଷ, ରାଜ୍ୟ ସଂଗଠନରେ ମିଳିବ ଦାୟିତ୍ୱ !**

**ଦିଲ୍ଲୀ ଗଲେ ମନମୋହନ, ଆଜି ଯିବେ ମୁଖ୍ୟମନ୍ତ୍ରୀ ମୋହନ**

■ **ଭୁବନେଶ୍ୱର, ୭।୯ (ସମିସ):** ଗତ ସପ୍ତାହେ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ୪ ଦିନିଆ ଦିଲ୍ଲୀ ଗସ୍ତ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଦୁଇ ଥର ଦିଲ୍ଲୀ ଗସ୍ତ ରାଜ୍ୟ ରାଜନୀତିରେ ଉଷ୍ମତା ଭରିଛି। ଗ୍ରହଣ ସପ୍ତାହ ପରେ କୌଣସି ଦିନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଏବେ ବିଜେପିରେ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଏହି ଚର୍ଚ୍ଚା ଆଲୋଚନା ମଧ୍ୟରେ ବେଶ୍ ଚିନ୍ତାରେ ଅଛନ୍ତି ଦଳଡିଆଁ ବିଧାୟକ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ୟ ଦଳରୁ ଆସି ବିଜେପି ଟିକଟରେ ନିର୍ବାଚନ ଜିଣିଥିବା ବିଧାୟକ ଏବେ ଆଶା, ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଦଳଡିଆଁଙ୍କ ମଧ୍ୟରୁ କିଛି ବିଧାୟକଙ୍କ ନାମ ମନ୍ତ୍ରିମଣ୍ଡଳ ରେସରେ ରହିଥିବା ଚର୍ଚ୍ଚା ହେଉଛି। ତେବେ ଅନ୍ୟ ଦଳରୁ ଆସିଥିବାରୁ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଯିବାର ଭୟ ସେମାନଙ୍କୁ ଘାରୁଛି। ଯାହାକୁ ନେଇ ସେମାନେ ନିଜ ନିଜ ନେତାଙ୍କ ନିକଟରେ ରାତିଦିନ ଅଧିଆ ପଡୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଦଳ ମଧ୍ୟରେ ପ୍ରବଳ ଗୋଷ୍ଠୀବିବାଦ କାରଣରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭବ ହୋଇପାରୁ ନଥିଲା। ତେବେ ନିକଟରେ ଦଳର ଶୀର୍ଷ ନେତାଙ୍କ ମଧ୍ୟରେ ଏନେଇ ସହମତି ଆସିଥିବା କୁହାଯାଉଥିବା ବେଳେ ଖୁବଶୀଘ୍ର ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯିବ ବୋଲି ଆଲୋଚନା ଜୋର୍ ଧରିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଆଶାୟୀ ନିଜ ନିଜ ନେତାଙ୍କ ନିକଟରେ ଲବି ରାଜନୀତି ଜୋର୍ କରିଥିବା ବେଳେ ଦଳଡିଆଁ ବିଧାୟକ ମଧ୍ୟ ଏଥିରେ ପଛରେ ନାହାନ୍ତି। ବିଶେଷକରି ଅନ୍ୟ ଦଳରୁ ଆସିଥିବା ବିଧାୟକ ପ୍ରଶାନ୍ତ ଜଗଦେବ, ସିଦ୍ଧାନ୍ତ ମହାପାତ୍ର, ଆକାଶ ▶ପୃଷ୍ଠା-୭

**ଲଗାମଛଡ଼ା କଳାବଜାରୀ**

## ସାର ପାଇଁ ରାଜରାସ୍ତାରେ ଚାଷୀ

■ **ଭୁବନେଶ୍ୱର, ୭।୯ (ସମିସ):** ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଛି। ଚାଷ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ପୂର୍ବବର୍ଷ ତୁଳନାରେ ରାଜ୍ୟରେ ଏଥର ଅଧିକ ପରିମାଣ ଜମି ଚାଷ ହୋଇଛି। ମାତ୍ର ଚାଷ ପାଇଁ ଜରୁରୀ ସାର ଚାଷୀଙ୍କୁ ମିଳୁନି। ରାଜ୍ୟବ୍ୟାପୀ ମାସାଧିକ କାଳ ହେଲା ସାର ସମସ୍ୟା ଲାଗି ରହିଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସାର ଯୋଗାଣସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଘନ ଘନ ବୈଠକ ବସୁଛି। କାଗଜପତ୍ରରେ ସାରର ଉପଲବ୍ଧତା ବି ଦର୍ଶାଯାଉଛି। କିନ୍ତୁ ବାସ୍ତବରେ ସାର ପାଇଁ ପ୍ରତ୍ୟେକ ଦିନ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଛି। ସାର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ଥିବା ସରକାର କହୁଥିବା ବେଳେ ଚାଷୀଙ୍କୁ ଆବଶ୍ୟକ ମୁତାବକ ମିଳୁନଥିବା ଅଭିଯୋଗ ହେଉଛି। ତେଣୁ କେବେ ସାର ସମସ୍ୟାର ସମାଧାନ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ସରକାରୀ ସାର ବାହାରେ କଳାବଜାରୀ ହେଉଥିବା ଭଳି ଅଭିଯୋଗ ଆସୁଥିଲେ ବି ସରକାର ଏହାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି।

ଗତକାଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପୃଥକ୍ ପୃଥକ୍ ଭାବେ ସାରସ୍ଥିତିର ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ବୈଠକରେ କୃଷି ଓ ସମବାୟ ସଚିବ ଉପସ୍ଥିତ ଥିଲେ। ସବୁ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଲାମ୍ପସ୍, ପାକ୍ସରେ ସାର ପହଞ୍ଚିବା, ଚାଷୀମାନଙ୍କୁ ସାର ଯୋଗାଣ, କଳାବଜାରୀ ରୋକିବା ଉପରେ ବୈଠକରେ ବିସ୍ତୃତ ▶ପୃଷ୍ଠା-୭

**ସମୀକ୍ଷାରେ ସୀମିତ ସରକାରୀ କାର୍ଯ୍ୟାନୁଷ୍ଠାନ**



**ମିଳୁନି ୟୁରିଆ**

## ଜାତୀୟ ରାଜପଥ ଅବରୋଧ

■ **ଏମ୍‌ଭି-୭୯/ମାଲକାନଗିରି, ୭।୯(ସମିସ):** ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଆଜି ମହାରାଜପାଲ୍ଲୀ ପଞ୍ଚାୟତରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଉତ୍ତ୍ୟକ୍ତ ଚାଷୀମାନେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ମହାରାଜପାଲ୍ଲୀ ପଞ୍ଚାୟତ ସମ୍ମୁଖ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କାଲିମେଲା ଲ୍ୟାମ୍ପସ ଏମ୍‌ଡି ଚନ୍ଦନ କୁମାର ମଦଲାଙ୍କ ନେତୃତ୍ୱରେ ଲ୍ୟାମ୍ପସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ▶ପୃଷ୍ଠା-୭

## ରାଜଧାନୀରେ ପୁଣି ହତ୍ୟା

**ଯୁବକଙ୍କୁ ମାରି ଶୌଚାଳୟ ପଛରେ ଫିଙ୍ଗିଦେଲେ**



■ **ଭୁବନେଶ୍ୱର, ୭।୯ (ସମିସ):** ରାଜଧାନୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ମଞ୍ଚେଶ୍ୱର ଥାନା ରେଳଡବା ମରାମତି କାରଖାନା ନିକଟ ଖେଳ ପଡ଼ିଆରେ କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଧରାପଡ଼ିଯିବା ଭୟରେ ଅଭିଯୁକ୍ତମାନେ ଶବକୁ ଲୁଚାଇ ଦେଇଥିଲେ। ଆଜି ପୁଲିସ୍ ଖେଳ ପଡ଼ିଆରେ ଥିବା ପାଇଖାନା ପଛପଟୁ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଦୁଇ ଦିନ ତଳୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁମାନ କରୁଛି। ଯୁବକଙ୍କ ପରିଚୟ ମିଳିନଥିବା ବେଳେ ବୟସ ପାଖାପାଖି ୩୫ବର୍ଷ ହେବ ବୋଲି କୁହାଯାଉଛି। ମୃତକଙ୍କ ପରିଚୟ ମିଳିବା ପରେ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯିବ। ପରିବାରଲୋକ ଆସିଲେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

ଅପରପକ୍ଷେ, ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଏକାଧିକ ନମୁନା ସଂଗ୍ରହ କରିଛନ୍ତି। କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ହତ୍ୟା କରିବା ପରେ ପଥରରେ ମୁଣ୍ଡକୁ ଛେଚି ଦେଇଥିବା ପୁଲିସ ସନ୍ଦେହ କରୁଛି। ଯୁବକଙ୍କ ପରିଚୟ ମିଳି ନଥିବାରୁ ପୁଲିସ ନିଜଆଡ୍ରୁ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆ ଭିତରେ ଏକ ଶୌଚାଳୟ ରହିଛି। ଯୁବକଙ୍କୁ ହତ୍ୟା କରିବା ପରେ ଏହି ଶୌଚାଳୟ ପଛରେ ମୃତଦେହକୁ ଫିଙ୍ଗିଥିଲେ। କେହି ନ ଜାଣିବା ପାଇଁ ହତ୍ୟାକାରୀ ମୃତଦେହ ଉପରେ ପଟା ଏବଂ ଅଳିଆ ପକାଇ ଦେଇଥିଲା। ୨ ଦିନ ତଳେ ହତ୍ୟା କରାଯାଇଥିଲେ ମଧ୍ୟ କେହି ଜାଣିପାରି ନଥିଲେ। ଆଜି ସନ୍ଧ୍ୟାରେ ▶ପୃଷ୍ଠା-୭

‘ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ’ରେ ଇତିହାସ ସୃଷ୍ଟିକଲେ

# ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଲେ ଅନୁପର୍ଣ୍ଣା ରାୟ



ମୁମ୍ବାଇ, ୭।୯ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ଅନୁପର୍ଣ୍ଣା ରାୟ ଇତିହାସ ସୃଷ୍ଟି କରିଛନ୍ତି। ଶନିବାର ଶେଷ ହୋଇଥିବା ‘ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ’ରେ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଛନ୍ତି। ପ୍ରଥମ ଚଳଚ୍ଚିତ୍ରରେ ଅନୁପର୍ଣ୍ଣା ଏହି କୃତିତ୍ୱ ହାସଲ କରିଛନ୍ତି। ‘ସଙ୍ଗ୍ସ ଅଫ୍ ଫରଗଟନ ଟ୍ରିଜ୍’ ପାଇଁ ସେ ଏହି ପୁରସ୍କାର ହାତେଇଛନ୍ତି। ଫରଗଟନ ଟ୍ରିଜ୍ ଚଳଚ୍ଚିତ୍ରକୁ ଅନୁରାଗ କଶ୍ୟପ ଉପସ୍ଥାପନ କରିଥିଲେ। ‘ଓରିଜୋଣ୍ଟି କମ୍ପିଟେସନ ସେକ୍ସନ’ରେ ଏହାର ପ୍ରିମିୟର ଅନୁଷ୍ଠିତ ହୋଇଥିଲା। ନୂଆ ଧାରା ଏବଂ ପ୍ରତିଭାଙ୍କୁ ସାମ୍ନାକୁ ଆଣୁଥିବା ଚଳଚ୍ଚିତ୍ର ପାଇଁ ଏହା ଉଦ୍ଦିଷ୍ଟ। ଚଳିତ ଥର ପ୍ରଥମ ଫିଲ୍ମ, ଇଣ୍ଡି ଫିଚର୍ସ ଏବଂ କମ୍ ପରିଚୟ ହାସଲ କରିଥିବା ଚଳଚ୍ଚିତ୍ରକୁ ଧ୍ୟାନ ଦିଆଯାଇଥିଲା। ଅନୁପର୍ଣ୍ଣା ଏହି ପୁରସ୍କାରକୁ ଜୋର ଜବରଦସ୍ତି ଚୁପ୍ କରାଯାଇଥିବା, ଅଣଦେଖାର ଶିକାର ହୋଇଥିବା ଏବଂ କ୍ଷମତାକୁ କମ୍ କରି ଆକଳନ କରାଯାଇଥିବା ମହିଳାଙ୍କୁ ସମର୍ପିଛନ୍ତି। ଏହି ବିଜୟ ଦ୍ୱାରା ଅନେକ ରୁଦ୍ଧ ସ୍ୱର, ଅକୁହା କାହାଣୀ ଏବଂ କ୍ଷମତା ବାହାରକୁ ଆସିବ ବୋଲି ସେ କହିଛନ୍ତି। ଏହି ଚଳଚ୍ଚିତ୍ର ଜଣେ ମହିଳାଙ୍କ କାହାଣୀ ଉପରେ ଆଧାରିତ।

ବୟସ୍କ ହେଲେ ଜାପାନ ରାଜକୁମାର ହିସାହିତୋ

# ୪୦ ବର୍ଷ ପରେ ପୁରୁଷ ସଦସ୍ୟ ହେଲେ ବୟସ୍କ



ନୂଆଦିଲ୍ଲୀ,୭।୯(ଏଜେନ୍ସି): ଜାପାନ ରାଜକୁମାର ହିସାହିତୋ ଏବେ ଆନୁଷ୍ଠାନିକ ଭାବେ ବୟସ୍କ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ରାଜମହଲରେ ୧୯ ବର୍ଷୀୟ ହିସାହିତୋଙ୍କ ବୟସ୍କ ହେବା ନେଇ ଏକ ଉତ୍ସବ ତଥା ସମାରୋହର ଆୟୋଜନ ହୋଇଥିଲା। ସେ ସମ୍ରାଟ୍ ନାରୁହିତୋଙ୍କ ଭଣଜା। ସବୁଠାରୁ ବଡ଼ କଥା ହେଉଛି ଯେ, ଗତ ୪୦ ବର୍ଷରେ ପ୍ରଥମଥର ପାଇଁ ରାଜ ପରିବାରର ଜଣେ ପୁରୁଷ ସଦସ୍ୟ ବୟସ୍କ ହୋଇଛନ୍ତି। ହିସାହିତୋ ବୟସ୍କ ହେବା ପରେ ରାଜ ପରିବାରେ ଆନନ୍ଦର ଲହରି ଖେଳିଯାଇଛି। ଫଳରେ ସେ ଏବେ ରାଜସିଂହାସନର ଉତ୍ତରାଧିକାରୀ ସୂଚୀରେ ଦ୍ୱିତୀୟସ୍ଥାନରେ ରହିଛନ୍ତି। ଏହି ଉତ୍ସବ ରାଜ ପରିବାରରୁ ହିଁ ଆରମ୍ଭ ହୋଇଛି। ହିସାହିତୋଙ୍କୁ ସମ୍ରାଟଙ୍କଠାରୁ ଏକ ସ୍ୱତନ୍ତ୍ର ପ୍ରକାର ମୁକୁଟ ଦିଆଯାଇଛି। ଏଥିସହ ସେ ରାଜପରିବାରର ଜଣେ ବୟସ୍କ ସଦସ୍ୟ ହୋଇଛନ୍ତି। ଏହି ଉତ୍ସବ ଗୋଟିଏ ବର୍ଷ ପାଇଁ ବିଳମ୍ବିତ ହୋଇଥିଲା। କାରଣ ହିସାହିତୋ ସେତେବେଳେ ନିଜ ବିଶ୍ୱବିଦ୍ୟାଳୟ ପରୀକ୍ଷାକୁ ଧ୍ୟାନ କେନ୍ଦ୍ରିତ କରୁଥିଲେ। ସେ ବୟସ୍କତା ପ୍ରତୀକ ଭାବେ ପରିଗଣିତ ହେଉଥିବା ରାଜ ପରିବାରର ପାରମ୍ପରିକ ବସ୍ତ୍ର ପରିଧାନ କରିଥିଲେ। ଏହାପରେ ସେ ଔପଚାରିକ ପୋଷାକ ପିନ୍ଧି ରାଜ ପରିବାର ରଥରେ ୩ଟି ପବିତ୍ର ମନ୍ଦିରକୁ ଯାଇ ଆଶୀର୍ବାଦ ନେଇଥିଲେ।

୨୫୦୦ କୋଟିର ର୍ୟାକେଟ୍

# ଦୁବାଇରେ ଡ୍ରଗ୍ସ ସମ୍ରାଟ୍



ନୂଆଦିଲ୍ଲୀ, ୭।୯ (ଏଜେନ୍ସି): ଗତ ବର୍ଷ ନଭେମ୍ବର ୧୪ରେ ଦିଲ୍ଲୀର ନାଙ୍ଗଲୋଇରୁ ୨୫୦୦ କୋଟି ଟଙ୍କାର ୮୨ କେଜି କୋକେନ ଜବତ ହୋଇଥିଲା। ସାରା ଦେଶରେ ଚର୍ଚ୍ଚାରେ ଥିବା ଏହି ମାମଲାର ତଦନ୍ତରୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ହାତରେ ବଡ଼ ପ୍ରମାଣ ଲାଗିଛି। ଏହା ପଛର ମାଷ୍ଟରମାଇଣ୍ଡକୁ ଚିହ୍ନଟ କରାଯାଇଛି। ଅଭିଯୁକ୍ତର ନାମ ପବନ ଠାକୁର। ସେ ଦୁବାଇରେ ରହି ଏହି କଳା କାରବାର ଚଳାଇଛି। ଡ୍ରଗ୍ସ ଧରା ପଡ଼ିବା ପରେ ସେ ପରିବାର ସହ ଭାରତରୁ ଫେରାର ହୋଇଯାଇଥିଲା। ସେଠାରେ ରହି ସେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଛି। ପ୍ରଥମ ଥର ପାଇଁ ଏନ୍‌ସିବି ଏହା ବିରୋଧରେ ‘ଇଣ୍ଟରନ୍ୟାସନାଲ ତଥା ଇଣ୍ଟରପୋଲ ସିଲ୍‌ଭର ନୋଟିସ’ ଜାରି କରିଛି। ଅନ୍ତର୍ଜାତୀୟ ନିଶା କାରବାର ବିରୋଧରେ ଏହା ଏକ ବଡ଼ ପଦକ୍ଷେପ ବୋଲି ଅଧିକାରୀମାନେ କହୁଛନ୍ତି।

ସୂଚନା ଅନୁଯାୟୀ ସେ ମେକ୍ସିକୋରୁ ଏକ ବନ୍ଦର ଦେଇ ପବନ କୋକେନ ଭାରତକୁ ଆଣିଥିଲା। ପରେ ଟ୍ରକ୍ ଯୋଗେ ଏହାକୁ ଦିଲ୍ଲୀର ଏକ ଗୋଦାମ ଘରେ ରଖିଥିଲା। ଅଷ୍ଟ୍ରେଲିଆରୁ ଆହୁରି ଡ୍ରଗ୍ସ ଆଣିବାକୁ ଯୋଜନା କରିଥିଲା। ଏହି ନୋଟିସ୍ ଅନ୍ତର୍ଜାତୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକୁ ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ଅଭିଯୁକ୍ତର ସମ୍ପତ୍ତି, ବ୍ୟବସାୟ ଏବଂ ଆର୍ଥିକ କାର୍ଯ୍ୟଗୁଡ଼ିକୁ ଠାବ କରିବାକୁ ଅନୁମତି ଦେଇଥାଏ। ଏହା ଇଣ୍ଟରପୋଲର ୧୯୬ ସଦସ୍ୟ ଦେଶ ମଧ୍ୟରେ ଗୁଇନ୍ଦା ସୂଚନା ପ୍ରଦାନ ଏବଂ ଅବୈଧ ସମ୍ପତ୍ତି ଜବତକୁ ସହଜ କରିଥାଏ। ୟୁଏଇ, ସିଙ୍ଗାପୁର, ହଂକଂ ଏବଂ ଅନ୍ୟ ୟୁରୋପୀୟ ରାଷ୍ଟ୍ରଙ୍କୁ ଏହି ସିଲ୍‌ଭର ନୋଟିସ ପଠାଇ ଦିଆଯାଇଛି। ଅଭିଯୁକ୍ତ ପବନ ଏହି ସବୁ ଦେଶରେ ରିୟଲ ଇଷ୍ଟେଟ କାରବାର ଚଳାଇଛି। ସେଲ୍ କମ୍ପାନୀରେ ନିବେଶ କରି ଅନେକ ସଂଗଠନ ଚଳାଉଥିବା ବିଶ୍ୱାସ କରାଯାଉଛି।

ପବନ କେବଳ କୋକେନ କାରବାର

### ଅଭିଯୁକ୍ତ ପବନ ଠାକୁର ବିରୋଧରେ ସିଲ୍‌ଭର ନୋଟିସ

### ହାୱାଲା କାରବାର, ମନି ଲଣ୍ଡରିଂ ବ୍ୟବସାୟରେ ମଧ୍ୟ ଜଡ଼ିତ

### ଦୁବାଇରେ ରହିଛି ବିଳାସପୂର୍ଣ୍ଣ କାର୍ ଓ ଭିଲା

ନୁହେଁ, ବହୁ ପୂର୍ବରୁ ହାୱାଲା ର୍ୟାକେଟ ଏବଂ ମନି ଲଣ୍ଡରିଂ ବ୍ୟବସାୟ ଚଳାଉଥିଲା। ସେ ଦିଲ୍ଲୀର କୁଚ ମହାଜାନୀ ବଜାରରେ ହାୱାଲା ଏଜେଣ୍ଟ ଭାବେ କାମ କରୁଥିଲା। ସେ ଧିରେ ଧିରେ ବେଆଇନ କାରବାରକୁ ଲୁଚାଇବା ପାଇଁ ବଡ଼ ଧରଣର ନିଶାଦ୍ରବ୍ୟ ଚାଲାଣରେ ସାମିଲ ହୋଇଥିଲା। ତଦନ୍ତକାରୀ ଅଧିକାରୀଙ୍କ ମତରେ ପବନର କାରବାର ଭାରତ ସହିତ ଦୁବାଇରେ ବ୍ୟାପିଛି। ନିଶା କାରବାରରୁ ସେ ପାଉଥିବା କଳାଧନକୁ ଏକ ବଡ଼ ହାୱାଲା ସିଷ୍ଟମ ମାଧ୍ୟମରେ ପଠାଯାଉଥିଲା। ପ୍ରମାଣ ଭାବେ ଭାରତ, ଚୀନ୍, ସିଙ୍ଗାପୁର, ହଂକଂ ଏବଂ ୟୁଏଇରେ କ୍ରିପ୍ଟୋକରେନ୍ସି କାରବାର ଏବଂ ସୀମାପାର ସେଲ୍ କମ୍ପାନୀଗୁଡ଼ିକର ବ୍ୟବହାର କରାଯାଉଥିଲା।

ତଦନ୍ତ ରିପୋର୍ଟ ଅନୁଯାୟୀ ପବନର ସିଣ୍ଡିକେଟ୍ ନକଲି ଆମଦାନୀ-ରପ୍ତାନି କାଗଜପତ୍ର, କ୍ରିପ୍ଟୋ ସ୍ଥାନାନ୍ତର ଏବଂ ଜାଲ୍ ଆର୍ଥିକ ବିବରଣୀ ମାଧ୍ୟମରେ ୬୮୧ କୋଟି ଟଙ୍କାରୁ ଅଧିକ କଳାଧନକୁ ଧଳା କରିଥିଲା। ଇଡି ଅନେକ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନ ଥିଲା। ଏଥିଯୋଗୁଁ ପଟିଆଲା ହାଉସ କୋର୍ଟ ତା ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ପରେ ଭାରତ ଛାଡ଼ି ପଳାଇ ଥିଲା। ଦୁବାଇରେ ତାର ଅନେକ ସମ୍ପତ୍ତି, ବିଳାସପୂର୍ଣ୍ଣ କାର୍, ଭିଲା ଆଦି ରହିଛି।

ବିଦେଶୀ ଏଜେନ୍ସି ସହ ମିଶି ଚଳିତ ବର୍ଷ ଏନ୍‌ସିବି ନବୀନ ଚିଚକର, ଲିଜୋ ଜୋର ସମେତ ଚାରି ପ୍ରମୁଖ ନିଶା ବ୍ୟବସାୟୀଙ୍କୁ ଭାରତ ଆଣିବାରେ ସଫଳ ହୋଇଛି। ଏ ପର୍ଯ୍ୟନ୍ତ ଭାରତରେ ନିଶା କାରବାରରେ ସମ୍ପୃକ୍ତ ୨୧ ଜଣଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରାଯାଇଛି। ସେହିପରି ୧୦ ପ୍ରମୁଖ ପଳାତକଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ ଜାରି ହୋଇଛି।

# ନଦୀକୁ କାର୍ ଖସି ୩ ପୁଲିସ ଅଧିକାରୀ ମୃତ



ଉଜ୍ଜୈନ୍,୭।୯(ଏଜେନ୍ସି): ମଧ୍ୟପ୍ରଦେଶ ଉଜ୍ଜୈନର ସିପ୍ରା ନଦୀରେ ଏକ କାର୍ ଖସିପଡିବାରୁ ୩ ଜଣ ପୁଲିସ ଅଧିକାରୀ ମୃତ୍ୟୁବରଣ କରିଛନ୍ତି। ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ମହିଳା କନଷ୍ଟେବଲ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଏ ୩ ପୁଲିସ ଅଧିକାରୀମାନେ ହେଲେ ଅନହେଲ ଥାନା ଇନ୍‌ଚାର୍ଜ ଆଶୋକ ଶର୍ମା, ସବ୍-ଇନିସପେକ୍ଟର ମଦନଲାଲା ନିନାମା ଓ କନଷ୍ଟେବଲ ଆରତୀ ପାଲ୍। କିନ୍ତୁ ଆରତୀ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଏନ୍‌ଡିଆରଏଫ୍ ଟିମ୍ ତାଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛି। ଶନିବାର ରାତି ୮.୪୫ରେ ସିପ୍ରା ନଦୀର ଏକ ବଡ଼ ପୋଲ ଉପରେ ଆରତୀ କାର୍ ଚଳାଉଥିଲେ। ସେ ନିୟନ୍ତ୍ରଣ ହରାଇବାରୁ କାର୍ ପୋଲ ତଳକୁ ନଦୀ ଭିତରେ ଖସି ପଡିଥିଲା ବୋଲି ଏସ୍‌ପି ପ୍ରଦୀପ ଶର୍ମା କହିଛନ୍ତି। ଜଣେ ୧୪ ବର୍ଷୀୟ ଝିଅ ନିଖୋଜ ହେବା ପରେ ତାକୁ ଖୋଜିବାକୁ ଏହି ୩ ପୁଲିସ ଅଧିକାରୀ ଚିନ୍ତାମଣ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ନଦୀରେ ଏବେ ପ୍ରଖର ସୁଅ ଥିବାରୁ ଆରତୀଙ୍କ ମୃତଦେହକୁ ଠାବ କରାଯାଇ ପାରିନାହିଁ।

# ହଜରତବଲ ଦରଘା ବିବାଦ; ୨୬ ଅଟକ

ନୂଆଦିଲ୍ଲୀ,୭।୯(ଏଜେନ୍ସି): ଜମ୍ମୁ-କଶ୍ମୀର ଶ୍ରୀନଗରରେ ସେପ୍ଟେମ୍ବର ୩ରେ ହଜରତବଲ ଦରଘାରେ ହୋଇଥିବା ବିବାଦକୁ ନେଇ ପୁଲିସ ୨୬ ଜଣଙ୍କୁ ଅଟକ ରଖିଛି। ବିବାଦର ସିସିଟିଭି ଫୁଟେଜ ଭାଇରାଲ ହୋଇଥିଲା। ଏହି ଭାଇରାଲ ଭିଡିଓକୁ ଆଧାର କରି ପୁଲିସ ଏମାନଙ୍କୁ ଅଟକ ରଖିଛି। ୱାକଅଫ୍ ବୋର୍ଡ ଏହି ଦରଘାର ପୁନର୍ଗଠନ କରିଥିଲା। ଉଦ୍‌ଘାଟନ ଫଳକରେ ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭ ରହିଥିଲା। କିନ୍ତୁ କିଛି ଲୋକ ଏହାକୁ ବିରୋଧ କରିଥିଲେ ଓ ଆଶୋକ ସ୍ତମ୍ଭକୁ ଭାଙ୍ଗି ଦେଇଥିଲେ। ଫଳରେ ପୁଲିସ ଏମାନଙ୍କୁ ଅଟକ ରଖି ପଚରାଉଚରା କରିଛି। ଉଦ୍‌ଘାଟନ ଫଳକରେ ଅଶୋକ ସ୍ତମ୍ଭ ଚିହ୍ନକୁ ପିଡିପି, ନ୍ୟାସନାଲ କନଫରେନ୍ସ ସମେତ ବିଭିନ୍ନ ରାଜନୈତିକ ପାର୍ଟି ବିରୋଧ କରିଥିଲେ। କୌଣସି ଧାର୍ମିକ ସ୍ଥଳରେ ଜାତୀୟ ଚିହ୍ନ ଆଶୋକ ସ୍ତମ୍ଭ ଚିହ୍ନିତ ହେବାର ଦେଖିନାହିଁ ବୋଲି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି। ତେଣୁ ହଜରତବଲ ଦରଘାରେ ଏହାକୁ ଲଗାଇବାର କ’ଣ ଆବଶ୍ୟକତା ଅଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭର ଅପମାନ କଲେ ଅତିକମ୍‌ରେ ୩ ବର୍ଷ ଜେଲ୍ ଦଣ୍ଡ ହେବାର ଆଇନ ରହିଛି।

# ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁଙ୍କ ଇସ୍ତଫା

ଟୋକିଓ,୭।୯(ଏଜେନ୍ସି): ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ରବିବାର ଇସ୍ତଫା ଦେଇଛନ୍ତି। ଶାସକ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି)ର ବିଭାଜନକୁ ରୋକିବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ଜାପାନ ଗଣମାଧ୍ୟମ ଏନ୍‌କେଏଚ୍ ସୂଚନା ଦେଇଛି। ଇଶିବାଙ୍କ ମେଣ୍ଟ ସରକାର ଗତ ଜୁଲାଇରେ ଉଚ୍ଚ ସଦନ ଅର୍ଥାତ ହାଉସ୍ ଅଫ୍

### ଦଳ ବିଭାଜନକୁ ରୋକିବା ପାଇଁ ଛାଡିଲେ ପଦ



କାଉନସିଲର ନିର୍ବାଚନରେ ପରାସ୍ତ ହୋଇଥିଲା। ଇଶିବା ମଧ୍ୟ ଏଥିପାଇଁ କିଛି ଦିନ ତଳେ କ୍ଷମା ମାଗିଥିଲେ ଓ ଇସ୍ତଫା ଦେବା କଥା ଚିନ୍ତା କରୁଛନ୍ତି ବୋଲି କହିଥିଲେ। ନିର୍ବାଚନରେ ପରାଜୟ ପରେ ଏଲ୍‌ଡିପି ମଧ୍ୟରେ ଇଶିବାଙ୍କୁ ହଟାଇବା ନେଇ ଅଭିଯାନ ଆରମ୍ଭ ହୋଇଥିଲା। ପାର୍ଟିର କିଛି ନେତା ଓ ସାଂସଦ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ। ଫଳରେ ତାଙ୍କ ସ୍ଥିତି ଦୁର୍ବଳ ହୋଇଥିଲା ଓ ତାଙ୍କ ଉପରେ ପ୍ରବଳ ଚାପ ମଧ୍ୟ ଥିଲା। ଏବେ ଇଶିବା ହଟିବା ପରେ ଏବେ ପାର୍ଟିରେ ନୂଆ ନେତା ନିର୍ବାଚନ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି।

# ମୌସୁମୀ ଯାତନା: ହିମାଚଳରେ ୩୬୦ରୁ ଊର୍ଦ୍ଧ୍ୱ ମୃତ

**୪.୦୭ ଲକ୍ଷ କୋଟି ଟଙ୍କାର କ୍ଷତି ● ଉତ୍ତରାଖଣ୍ଡରେ ପୁଣି ବାଦଲ ଫଟା ବର୍ଷା ● ସେପ୍ଟେମ୍ବର ୯ରେ ପଞ୍ଜାବ ଯିବେ ପ୍ରଧାନମନ୍ତ୍ରୀ**



ନୂଆଦିଲ୍ଲୀ,୭।୯(ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଖାସ୍ କରି ଉତ୍ତର ଭାରତରେ ନାହିଁ ନଥିବା ସ୍ଥିତି ସୃଷ୍ଟି କରିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଥର ମୌସୁମୀ ଋତୁ (ଜୁଲାଇ ୨୪ରୁ ଆରମ୍ଭ କରି ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ)ରେ ବର୍ଷା, ବନ୍ୟା, ଭୂସ୍ଖଳନ ଜଡିତ ଘଟଣାରେ କେବଳ ହିମାଚଳ ପ୍ରଦେଶରେ ୩୬୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ହିମାଚଳ ସରକାର ଘୋଷଣା କରିଛନ୍ତି। ଏଥର ସିମ୍‌ଲାରେ ୧୧୬ ଓ କୁଲ୍ଲୁରେ ୧୧୩ ପ୍ରତିଶତ ବର୍ଷା ହୋଇଛି। ଏହା ସାମାନ୍ୟଠାରୁ ଦୁଇଗୁଣ। ଅର୍ଥାତ ଏଥର ବର୍ଷା ଦୁଇଗୁଣରୁ ଅଧିକ ହୋଇଛି।

ପଞ୍ଜାବର ୨୩ଟି ଜିଲ୍ଲାରେ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ତେବେ ଆସନ୍ତା ୩ ଦିନ ମଧ୍ୟ ବର୍ଷା ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ଲୁଧିଆନାର ସସରାଲି ଡ୍ୟାମ୍ ଭାଙ୍ଗିବାର ବିପଦ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୯ ତାରିଖରେ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବେ। ଏହି ରାଜ୍ୟରେ ୧୯୯୬ ଗାଁ ଜଳମଗ୍ନ ହୋଇଛି। ୩.୮୪ ଲକ୍ଷରୁ ଅଧିକ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି। ୪୬ ଜଣ ମୃତ୍ୟୁବରଣ କରିଛନ୍ତି। ୨୨, ୮୫୪ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୨୧୯ ରିଲିଫ୍ ଶିବିରକୁ ସକ୍ରିୟ କରାଯାଇଛି। ବନ୍ୟା ଯୋଗୁ ଏପର୍ଯ୍ୟନ୍ତ ୧,୭୪, ୪୫୪ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି।

ଉତ୍ତରାଖଣ୍ଡ ଉତ୍ତରକାଶୀ ଜିଲ୍ଲାର ନାଉଗାଁରେ ବାଦଲ ଫଟା ବର୍ଷା ହୋଇଛି। ଫଳରେ ବଜାର ଓ କିଛି ଘରେ ପାଣି ଓ ଆବର୍ଜନା ପ୍ରବେଶ କରିଛି। ସଡକ ଉପରେ ଥିବା ଗାଡ଼ିଗୁଡିକ ମଧ୍ୟ ପାଣି ସୁଅରେ ଭାସି ଯାଇଥିଲା। ସେହିପରି ଉତ୍ତରପ୍ରଦେଶ ମଥୁରାରେ ଯମୁନା ନଦୀର ପାଣି ସହରଠାରୁ ୧ କିମି ଦୂରରେ ପହଞ୍ଚିଛି। ଘାଟକୂଳରେ ଥିବା ଆଶ୍ରମଗୁଡିକରେ ୫ ଫୁଟ ଉଚ୍ଚର ପାଣି ପଶି ଯାଇଛି। ବୃନ୍ଦାବନ ପରିକ୍ରମା ମାର୍ଗ ମଧ୍ୟ ଜଳମଗ୍ନ ହୋଇଛି। ଗୁଜରାଟ ଓ ରାଜସ୍ଥାନ, ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଅର୍ଥାତ ରେଡ୍ ଆଲର୍ଟ ଜାରି କରାଯାଇଛି। ଗୋଆରେ ଅରେଞ୍ଜ ଏବଂ ମଧ୍ୟପ୍ରଦେଶ ଓ ବିହାର ସମେତ ୨୦ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା କାରଣରୁ ବାହାଦୂରଗଡ଼ର ରାସ୍ତା ଉପରେ ଠିଆ ହୋଇଥିବା ଗାଡ଼ିଗୁଡିକ ବୁଡିଯାଇଛି। ରାଜସ୍ଥାନର ଆଜମେରରେ ଦୁଇ ମହଲା କୋଠା ଭୁଶୁଡି ପଡିଛି। ସିରୋହିରେ ଏକ ନଦୀରେ ଜିପ୍ ଭାସି ଯାଇଛି। ଉତ୍ତରପ୍ରଦେଶର ଇଟାୱାରେ ଯମୁନା ନଦୀ ପାଇଁ ୭ଟି ଗାଁରେ ବନ୍ୟା ଆସିଛି। ଗୁଜରାଟର ସାବରମତୀ ନଦୀର ଜଳ ପତନ ବୃଦ୍ଧି ପାଇଛି। ଫଳରେ ତଳିଆ ଅଞ୍ଚଳରେ ସତର୍କତା ଜାରି କରାଯାଇଛି। ଗୁଜରାଟର ୭ ଜିଲ୍ଲାରେ ରେଡ୍ ଓ ୧୮ ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହିମାଚଳରେ ଭୂସ୍ଖଳନ ଯୋଗୁ ୭୦୫ ଜାତୀୟ ରାଜପଥ ବନ୍ଦ ହୋଇଛି। ବିହାରରେ ୨୦ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି।

# ଇସ୍ରାଏଲ ବିମାନ ବନ୍ଦରରେ ହୁତୀ ବିଦ୍ରୋହୀଙ୍କ ଡ୍ରୋନ୍ ଆକ୍ରମଣ

ତେଲ ଅଭିଭ୍,୭।୯(ଏଜେନ୍ସି): ୟେମେନର ହୁତୀ ବିଦ୍ରୋହୀ ରବିବାର ଇସ୍ରାଏଲ୍‌ର ରେମୋନ ବିମାନ ବନ୍ଦରରେ ଡ୍ରୋନ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ବୟସ୍କ ବ୍ୟକ୍ତିଙ୍କ ସମେତ ୫ ଜଣ ଲୋକ ମାମୁଲି ଭାବେ ଆହତ ହୋଇଛନ୍ତି। ଏହି ଡ୍ରୋନ୍ ବିମାନ ବନ୍ଦରର ପାସେଞ୍ଜର ଟର୍ମିନାଲରେ ମାଡ଼ ହୋଇଥିଲା। ଫଳରେ ଧୂଆଁ ଉଠୁଥିବାର ଦେଖାଯାଇଥିଲା। ଏହି ଡ୍ରୋନର ପରିଚୟ ମିଳିନାହିଁ ଓ ଏଥିପାଇଁ କୌଣସି ସାଇରନ ମଧ୍ୟ ବାଜି ନ ଥିଲା ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ଏହାପୂର୍ବରୁ ୟେମେନରୁ ଆସିଥିବା ୩ଟି ଡ୍ରୋନକୁ ଇସ୍ରାଏଲ ବାୟୁସେନା ମାରି ତଳକୁ ଖସାଇଥିଲା ବୋଲି କହିଛି। ଏହାପରେ ତୁରନ୍ତ ଏୟାର ସ୍ପେସ୍‌କୁ ବନ୍ଦ କରାଯାଇଥିଲା। ସୁରକ୍ଷା ଓ ବୈଷୟିକ ଯାଞ୍ଚ ଏବଂ ବାୟୁସେନା ମଞ୍ଜୁରି ପରେ ରେମୋନ ବିମାନ ବନ୍ଦରରୁ ବିମାନ ଉଡାଣ ଆରମ୍ଭ ହୋଇଥିଲା।

# ନାଇଜେରିଆରେ ୭୦ ଜଣଙ୍କୁ ହତ୍ୟା

ଅବୁଜା,୭।୯(ଏଜେନ୍ସି): ଆଫ୍ରିକୀୟ ଦେଶ ନାଇଜେରିଆର ଉତ୍ତରପୂର୍ବ ରାଜ୍ୟ ବୋରନୋରେ କୁଖ୍ୟାତ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ଜିହାଦୀମାନେ ଶୁକ୍ରବାର ରାତି ୮.୩୦ରେ ବଡ଼ ଧରଣର କାଣ୍ଡ ଘଟାଇଛନ୍ତି। ଏହି ଜିହାଦୀମାନେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଛନ୍ତି ବୋଲି ସ୍ଥାନୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ସୈନିକ ସାମିଲ ଅଛନ୍ତି। ବୋରନୋ ରାଜ୍ୟର ଦାରୁଲ ଜମା ଟାଉନ୍‌ରେ ଏହି ଆକ୍ରମଣ ହୋଇଥିଲା। ମୋଟର ବାଇକ୍‌ରେ ଡଜନେରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଅସ୍ତ୍ରଧରି ପହଞ୍ଚି ଥିଲେ ଓ ଆଖିବୁଜା ଗୁଳି ଚଳାଇଥିଲେ ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ସେମାନେ ମଧ୍ୟ କେତୋଟି ଘରେ ନିଆଁ ଲଗାଇ ଜାଳି ଦେଇଥିଲେ। ଘର ଘର ବୁଲି ପୁରୁଷଙ୍କୁ ଗୁଳି କରିଥିଲେ। କିନ୍ତୁ ମହିଳାଙ୍କୁ ଛାଡି ଦେଇଥିଲେ। ଶନିବାର ସକାଳ ସୁଦ୍ଧା ୭୦ଟି ମୃତଦେହ ଉଦ୍ଧାର କରାଯାଇଛି। ଆହୁରି କିଛି ନିଖୋଜ ଅଛନ୍ତି। ଉଲ୍ଲେଖଥାଉ କି, ଉତ୍ତରପୂର୍ବ ନାଇଜେରିଆରେ ଇସ୍‌ଲାମିକ୍ ଖଲିଫେଟ୍ ସ୍ଥାପନ କରିବା ଲକ୍ଷ୍ୟରେ ୨୦୦୯ରେ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ସ୍ଥାପନ ହୋଇଥିଲା। ଏହା ଏ ପର୍ଯ୍ୟନ୍ତ ୪୦,୦୦୦ ଲୋକଙ୍କ ଜୀବନ ନେଇଥିବା କୁହାଯାଉଛି।

# ୟୁକ୍ରେନରେ ରୁଷିଆର ସର୍ବବୃହତ୍ ଏୟାର ଷ୍ଟ୍ରାଇକ୍

**କିଭ୍‌ରେ ୮୦୦ରୁ ଅଧିକ ଡ୍ରୋନ୍, ମିସାଇଲ୍ ଆକ୍ରମଣ**



କିଭ୍,୭।୯(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ପାଖାପାଖି ୪ ବର୍ଷ ପୂରଣ କରିବାକୁ ଯାଉଛି। କିନ୍ତୁ କେହି ପଛକୁ ହଟିବାକୁ ଚାହୁଁନାହାନ୍ତି। ରୁଷ ପୁଣିଥରେ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ଏଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। କିଭ୍‌ସ୍ଥିତ ୟୁକ୍ରେନର ସରକାରୀ କୋଠାରୁ ଧୂଆଁ ବାହରୁଥିବାର ଦେଖାଯାଇଛି। ଏହି କୋଠାରେ ୟୁକ୍ରେନ ମନ୍ତ୍ରିମଣ୍ଡଳର ମୁଖ୍ୟାଳୟ ରହିଛି ଓ ଏଥିରେ ସବୁ ମନ୍ତ୍ରୀମାନଙ୍କ କର୍ଯ୍ୟାଳୟ ରହିଛି। ଗତ ରାତି ସାରା ରୁଷିଆ ଆକାଶମାର୍ଗରୁ ୮୦୫ଟି ଡ୍ରୋନ୍ ଓ ମିସାଇଲ୍ ଦ୍ୱାରା ଆକ୍ରମଣ କରିଥିଲା ବୋଲି ୟୁକ୍ରେନର ଅଧିକାରୀ ମାନେ ସୂଚନା ଦେଇଛନ୍ତି। ଯୁଦ୍ଧ ଆରମ୍ଭ ହେବାଠାରୁ ଏହା ରୁଷ୍‌ର ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ଡ୍ରୋନ ସମେତ ରୁଷ୍ ୧୩ଟି ମିସାଇଲ ମଧ୍ୟ ମାଡ଼ କରିଥିଲା। ତେବେ ରୁଷିଆର ୭୪୭ ଓ ୪ଟି ମିସାଇଲକୁ ଖସାଇ ଦିଆଯାଇଛି ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି। ତେବେ ୟୁକ୍ରେନର ୩୭ଟି ସ୍ଥାନ ଉପରେ ମିସାଇଲ ସହିତ ୫୬ଟି ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି ଅଧିକାରୀ କହିଛନ୍ତି।

ଟ୍ରମ୍ପଙ୍କୁ କଟାକ୍ଷ କଲେ ସଲ୍‌ମାନ

# ବିଶ୍ୱରେ ଅଶାନ୍ତି ସୃଷ୍ଟିକାରୀଙ୍କୁ ଦରକାର ଶାନ୍ତି ପୁରସ୍କାର

ମୁମ୍ବାଇ, ୭।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭର୍ତ୍ସନା କରିଛନ୍ତି ଅଭିନେତା ସଲ୍‌ମାନ ଖାନ। ସେ ନାମ ନ ନେଇ ନୋବେଲ ଶାନ୍ତି ପୁରସ୍କାର ଆଶା କରୁଥିବା ଏହି ମାର୍କିନ ରାଷ୍ଟ୍ରପତିଙ୍କ ଅଭିଳାଷକୁ ପରିହାସ କରିଛନ୍ତି। ବିଶ୍ୱରେ ସର୍ବାଧିକ ଅଶାନ୍ତି ସୃଷ୍ଟି କରିଥିବା ବ୍ୟକ୍ତି ନୋବେଲ ପୁରସ୍କାର ଚାହୁଁଥିବା କହିଛନ୍ତି। ରିୟଲିଟି ଶୋ’ ‘ବିଗ୍ ବସ୍-୧୯’ର ସାପ୍ତାହାନ୍ତ ସଂଘର୍ଷରେ ସେ ଏହି ଟିପ୍ପଣୀ ଦେଇଥିଲେ। ଏଠାରେ ଘରର ଶାନ୍ତି ଭଙ୍ଗ କରିବାକୁ ନେଇ ସେ ସବୁ ପ୍ରତିଯୋଗୀଙ୍କୁ ଭର୍ତ୍ସନା କରିଥିଲେ। ଏଥିରେ ଅନ୍ୟ ଘରର ଶାନ୍ତି ଭଙ୍ଗ ସହ ଝଗଡ଼ା କରୁଥିବା ପ୍ରତିଯୋଗୀ ତଥା ‘ପିସ୍ ଆକ୍ଟିଭିଷ୍ଟ’ ଫରାଜାନା ଖାନଙ୍କୁ ସେ ଗାଳି କରିଥିଲେ। ଏହି ସମୟରେ ସଲ୍‌ମାନ କହିଥିଲେ, ଏ ସବୁ କ’ଣ ଚାଲିଛି? ସାରା ବିଶ୍ୱରେ ଯିଏ ସର୍ବାଧିକ ସମସ୍ୟା ସୃଷ୍ଟି କରୁଛି ତାଙ୍କୁ ହିଁ ଶାନ୍ତି ପରୁସ୍କାର ଦରକାର। ସଲ୍‌ମାନଙ୍କ ଏହି ଟିପ୍ପଣୀ ଖୁବ୍ ଭାଇରାଲ ହେବାରେ ଲାଗିଛି। ଫରଜାନାକୁ ଦେଖି ସେ ଏହି ମନ୍ତବ୍ୟ ଦେଇଥିଲେ ମଧ୍ୟ ଟ୍ରମ୍ପଙ୍କୁ ଯୋଡ଼ି ଦେଖାଯାଉଛି। କାରଣ କିଛି ଦିନ ତଳେ ନରୱେର ଅର୍ଥମନ୍ତ୍ରୀଙ୍କୁ ଫୋନ କରି ଟ୍ରମ୍ପ ନୋବେଲ ପୁରସ୍କାର ମାଗିଥିଲେ।

# ସିବିଏସ୍‌ଇ ପରୀକ୍ଷା ଢାଞ୍ଚାରେ ଓଟିଇଟି

**ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ରହିବ ତୀକ୍ଷ୍ଣ ନଜର**

ଭୁବନେଶ୍ୱର, ୭।୯ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଉପସଭାପତିଙ୍କ ସମେତ ୮ଜଣ ବନ୍ଧା ହେବା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଚେତା ପଶିଛି। ଦୁଇଥର ତାରିଖ ଘୋଷଣା ପରେ ମଧ୍ୟ ପରୀକ୍ଷା କରିବାରେ ସଫଳ ହୋଇପାରି ନ ଥିବା ବୋର୍ଡ ଏଥର ନୂତନ ଢାଞ୍ଚାରେ ପରୀକ୍ଷା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ପ୍ରଶ୍ନପତ୍ର ସୁରକ୍ଷା ଏବଂ ପରୀକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିବା ପରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଢାଞ୍ଚାରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ବ୍ୟବସ୍ଥା ଆପଣାଇବାକୁ ଯାଉଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ତରାଇ କହିଛନ୍ତି, ଡିଜି ଲକର୍ ବ୍ୟବସ୍ଥା ସହ ବାକ୍ସ ବା ଟ୍ରଙ୍କରେ ପ୍ରଶ୍ନପତ୍ର ପଠାଯିବ। ବ୍ୟାପକ ପୁଲିସ୍ ସୁରକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ଜିଲ୍ଲାପାଳ, ଏସ୍‌ପି ଓ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ସହାୟତାରେ ପରୀକ୍ଷା ହେବ। ପୂର୍ବରୁ ପରୀକ୍ଷା କେନ୍ଦ୍ର ହୋଇଥିବା ରାଜ୍ୟର ୧୯୩ଟି ପରୀକ୍ଷା କେନ୍ଦ୍ରରେ ହିଁ ପରୀକ୍ଷା ହେବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପ୍ରଶ୍ନପତ୍ର ଲିକ୍ ଘଟଣାରେ 'ଘରଡିଙ୍କି କୁମ୍ଭୀର' ସାଜିଥିବା ଘଟଣାକୁ ଗୁରୁତ୍ୱର ସହ ନେଇ ଏଥର ପରୀକ୍ଷା ପରିଚାଳନା ଓ ସମ୍ବେଦନଶୀଳ କାର୍ଯ୍ୟ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପାଇଁ ଜୁଲାଇ ୨୦କୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଶ୍ନପତ୍ର ଲିକ୍ କାରଣରୁ ମଧ୍ୟରାତ୍ରିରେ ପରୀକ୍ଷା ବାତିଲ୍ କରାଯାଇଥିଲା। ଏପରିକି, ଅଗଷ୍ଟ ୩୧ରେ ପୁନଃପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ପରୀକ୍ଷା ପରିଚାଳନା କରିବାରେ ବୋର୍ଡ ବିଫଳ ହୋଇଥିଲା। ଆସନ୍ତା ୨୭ ତାରିଖରେ ସେହି ପରୀକ୍ଷା କରିବାକୁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏଥର ପରୀକ୍ଷା ହେବ ନା ପୁଣିଥରେ ଘୁଞ୍ଚିବ, ସେନେଇ ପ୍ରଶ୍ନ ଉଠିଥିଲା। ଏନେଇ ଶ୍ରୀ ତରାଇ କହିଛନ୍ତି ଯେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିଶ୍ଚିତ ଭାବେ ସେହି ଦିନ ହିଁ ପରୀକ୍ଷା ହେବ ବୋଲି ସେ ଦମ୍ଭୋକ୍ତି ରଖିଛନ୍ତି।

ଶିକ୍ଷକଙ୍କ ପଦନ୍ନୋତି ଓ ଚାକିରି ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)କୁ ସୁପ୍ରିମ୍‌କୋର୍ଟ ବାଧ୍ୟତାମୂଳକ କରିବା ପରେ ଓଟିଇଟି ପରୀକ୍ଷାର ଗୁରୁତ୍ୱ ବହୁଗୁଣିତ ହୋଇଛି। ରାଜ୍ୟରେ ସରକାର ଏହାକୁ କାର୍ଯ୍ୟକାରୀ କରିବା ପରେ ୨ ବର୍ଷ ମଧ୍ୟରେ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ପାରିଲେ ସେମାନଙ୍କ ଚାକିରି ଯିବାର ଆଶଙ୍କା ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଆଶା ଆଶଙ୍କା ଲାଗି ରହିଛି। ସୂଚନାଯୋଗ୍ୟ, ପରୀକ୍ଷା ପାଇଁ ଆସନ୍ତା ୧୭ତାରିଖରୁ ବୋର୍ଡ ୱେବସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ରାଜ୍ୟର ମୋଟ୍ ୭୫ ହଜାର ୪୦୩ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଏହି ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି।

**ଦାରିଙ୍ଗବାଡ଼ିରେ ଚାଞ୍ଚଲ୍ୟ**

# ନାବାଳିକାକୁ ଅପହରଣ କରି କାର୍ ଭିତରେ ଦୁଷ୍କର୍ମ

ଦାରିଙ୍ଗବାଡ଼ି, ୭।୯ (ସମିସ): କାର୍ ଭିତରେ ଜଣେ ନାବାଳିକାକୁ ଦୁଷ୍କର୍ମ ଭଳି ଏକ ଲଜ୍ଜାଜନକ ଚିତ୍ର କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳରୁ ଆସିଛି। ପୁଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଛି।

ସୂଚନାନୁସାରେ, ନାବାଳିକାଜଣଙ୍କ ଗତ ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀ ଘରକୁ ବୁଲି ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣି ପାଇଁ ଶୋଭାଯାତ୍ରା ହେଉଥିଲା। ଭଉଣୀଙ୍କ ସହ ସେ ଶୋଭାଯାତ୍ରା ଦେଖିବାକୁ ଯାଇଥିଲେ। ବାଟରେ ଜଣଙ୍କ ଘରେ ନାବାଳିକଜଣଙ୍କ ନିଜର ଜ୍ୟାକେଟ୍ ରଖିଥିଲେ। ଭସାଣି ସରିବା ପରେ ସେ ନିଜ ଜ୍ୟାକେଟ୍ ନେଇ ଫେରୁଥିବା ବେଳେ ସେହି ସମୟରେ ଏକ କାର୍ ତାଙ୍କର ବାଟ ଓଗାଳିଥିଲା। ନାବାଳିକାଜଣଙ୍କ କିଛି ବୁଝିବା ପୂର୍ବରୁ କାର୍ ଭିତରୁ ଜଣେ ଯୁବକ ବାହାରି ତାଙ୍କୁ ଅପହରଣ କରିନେଇଥିଲା। ତାଙ୍କୁ ସେ କାର୍‌ରେ ଦାରିଙ୍ଗବାଡ଼ି ସହର ବାହାରକୁ ନେଇଯିବା ପରେ ଏକ ନିଛାଟିଆ ସ୍ଥାନରେ କାର୍ ଭିତରେ ତାଙ୍କୁ ଦୁଷ୍କର୍ମ କରିଥିଲା।



ତେବେ କାର୍‌ର ଡୋର୍ ଖୋଲିବା ଦେଖି ନାବାଳିକାଜଣଙ୍କ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲା। ମାତ୍ର ଅଭିଯୁକ୍ତଜଣଙ୍କ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା ସହ ଚୁଟିକୁ ଘୋଷାଡ଼ି ଘୋଷାଡ଼ି ପୁଣିଥରେ କାର୍ ଭିତରକୁ ନେଇ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ତେବେ ନାବାଳିକାଜଣଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଜଣାଇବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପରିତ୍ୟକ୍ତ ଘରେ ନାବାଳିକାକୁ ଦୁଷ୍କର୍ମ

**ଡେଲାଙ୍ଗରେ ଲଜ୍ଜା!**

ଡେଲାଙ୍ଗ, ୭।୯ (ସମିସ): ପୁରୀ ଜିଲ୍ଲା ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ଅଞ୍ଚଳରେ ୧୨ବର୍ଷୀୟା ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଡେଲାଙ୍ଗ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ହେଲା, ସ୍ଥାନୀୟ ଅଞ୍ଚଳର ପଙ୍କଜ ସ୍ୱାଇଁ ଓରଫ କାବୁ।

ସୂଚନା ମୁତାବକ, ନାବାଳିକାଜଣଙ୍କ ଜଣେ ଛେଳିଚରାଳି। ପ୍ରତିଦିନ ଛେଳି ଚରାଇବାକୁ ଯାଆନ୍ତି। ୬ ଦିନ ତଳେ ନାବାଳିକାଜଣଙ୍କ ଛେଳି ଚରାଇବାକୁ ଯାଇଥିବା ବେଳେ ପଙ୍କଜ ତାକୁ ନାନା ପ୍ରଲୋଭନ ଦେଖାଇ ଏକ ନିକାଞ୍ଚନ ଜାଗାକୁ ଡାକି ନେଇଥିଲା। ସେଠାରେ ନାବାଳିକାର ପାଟି ବନ୍ଦ କରି ଏକ ପରିତ୍ୟକ୍ତ ଘରେ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ସଂପର୍କରେ ନାବାଳିକାଜଣଙ୍କ ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଗିରଫଦାରୀ ଭୟରେ ପଙ୍କଜ ଗାଁ ଛାଡ଼ି ଫେରାର୍ ହୋଇଯାଇଥିଲା। ପୁଲିସ ତାକୁ ବ୍ରହ୍ମଗିରି ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି ପୁଲିସ ଦୁହିଁଙ୍କ ଡାକ୍ତରୀମାଇନା କରାଇଛି। ଅନ୍ୟପଟେ, ନାବାଳିକାକୁ ଶିଶୁ ବିକାଶ ପରିଷଦରେ ଛଡ଼ାଯାଇଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

# ଦିଲ୍ଲୀ ଏମ୍‌ସକୁ ଯାଇପାରନ୍ତି ଅଭିଜିତ

ଭୁବନେଶ୍ୱର,୭।୯ (ସମିସ): ଏକାଧିକ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ଯାଇପାରନ୍ତି। ତାଙ୍କର ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏମ୍‌ସରେ ଶ୍ରୀ ମଜୁମଦାରଙ୍କୁ ଭେଟିବା ପରେ ଗଣମାଧ୍ୟମରେ ଏହା କହିଛନ୍ତି। ଡ. ମହାଲିଙ୍ଗ ଏମ୍‌ସରେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରୀ ଦଳ ସହ ଆଲୋଚନା କରିଛନ୍ତି। ତାଙ୍କର କିଡନୀ ଓ ଲିଭର୍ ସମସ୍ୟାରେ ସୁଧାର ଆସୁଛି। କିନ୍ତୁ ଅଭିଜିତ କଥାବାର୍ତ୍ତା କରୁନାହାନ୍ତି। ଅଧିକ ଚିକିତ୍ସା ଆବଶ୍ୟକ ହେଉଥିବାରୁ ଦରକାର ପଡ଼ିଲେ ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଏମ୍‌ସର ଡାକ୍ତରୀ ଟିମ୍ ଦିଲ୍ଲୀ ଏମ୍‌ସ ସହ କଥାବାର୍ତ୍ତା ହେବେ। ଆବଶ୍ୟକ ପଡ଼ିଲେ ଅଭିଜିତଙ୍କୁ ଏୟାରଲିଫ୍ଟ କରାଯାଇପାରେ ବୋଲି ଡ. ମହାଲିଙ୍ଗ କହିଛନ୍ତି।

ଗତ ୪ ତାରିଖରେ ଶ୍ରୀ ମଜୁମଦାରଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ତାଙ୍କୁ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଛି। ଆଇସିୟୁ ଓ ଏକମୋ ବିଶେଷଜ୍ଞ ଡାକ୍ତର ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିଛି। ଅଭିଜିତ ଅସ୍ମୋଟିକ୍ ଡିମାଏଲିନେସନ୍ ସିଣ୍ଡ୍ରୋମ୍ (ପୋଣ୍ଟିନ୍ ଓ ଏକ୍ସଟ୍ରାପୋଣ୍ଟିନ୍), ଦ୍ୱିପାକ୍ଷିକ ନିମୋନିଆ, ରକ୍ତ ସଂକ୍ରମଣ (ଏମଡିଆରଓ-ଆସେନଟୋବ୍ୟାକ୍ଟର), କ୍ରୋନିକ୍ ଯକୃତ ରୋଗ, ଡିସେଲେକ୍ଟ୍ରୋଲାଇଟେମିଆ (ହାଇପୋକଲେମିଆ, ହାଇପୋଫସଫେଟେମିଆ, ହାଇପୋମାଗ୍ନେସିମିଆ) ଓ ପୁଷ୍ଟିକର ଅଭାବ (ଭିଟାମିନଡି, ଫୋଲିକ୍ ଏସିଡ୍ ଅଭାବ) ଭଳି ରୋଗରେ ପୀଡ଼ିତ ଥିବା ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଜଣାପଡ଼ିଛି। ଆଣ୍ଟିବାୟୋଟିକ୍ ଓ ଅନ୍ୟାନ୍ୟ ଯାନ୍ତ୍ରିକ ସହାୟତାରେ ତାଙ୍କର ଚିକିତ୍ସା କରାଯାଉଥିବା ଡାକ୍ତର ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି।




ଅଭିଜିତ ମଜୁମଦାରଙ୍କ ଆରୋଗ୍ୟ କାମନା କରି ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

# ନାବାଳିକାକୁ ହତ୍ୟା କରି ନାଳରେ ଫିଙ୍ଗିଦେଲେ!

- ନିଖୋଜର ୧୬ଘଣ୍ଟା ପରେ ନାଳରୁ ଉଲଗ୍ନ ଶବ ଉଦ୍ଧାର
- ନ୍ୟାୟ ଦାବିରେ ଟାୟାର ଜାଳି ରାସ୍ତାରୋକ

ଅନୁଗୋଳ,୭।୯ (ସମିସ): ଶନିବାରଠାରୁ ନିଖୋଜ ଥିବା ଅନୁଗୋଳ ସଦର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଜଣେ ନାବାଳିକାଙ୍କ ଉଲଗ୍ନ ମୃତଦେହ ରବିବାର ଗାଁ ନିକଟ ଭାଲୁଖାଇ ନାଳରୁ ଉଦ୍ଧାର କରାଯାଇଛି। ମୃତକ ହେଲେ, ଅକ୍ଷୟ ସେଠଙ୍କ ସାନ ଝିଅ ଜସ୍ମିନ ସେଠ(୧୧)।



ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ନ୍ୟାୟ ଦାବିରେ ଗ୍ରାମବାସୀ ଟାୟାର୍ ଜାଳି ଅନୁଗୋଳ-ବନ୍ତଳା ମୁଖ୍ୟ ରାସ୍ତାକୁ ଶାବଳଭଙ୍ଗା ଛକରେ ଅବରୋଧ କରିଛନ୍ତି।

ଶନିବାର ଜସ୍ମିନ ସ୍କୁଲରୁ ଫେରିବା ପରେ ଖେଳିବାକୁ କହି ଘରୁ ବାହାରି ଯାଇଥିଲା। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀଙ୍କ ସହ ମିଶି ରାତିତମାମ ଖୋଜାଖୋଜି କରିଥିଲେ ହେଁ ଜସ୍ମିନଙ୍କ ପତ୍ତା ମିଳି ନଥିଲା। ଖବର ପାଇ ପୁଲିସ ମଧ୍ୟ ଗାଁରେ ପହଞ୍ଚି ଖୋଜାଖୋଜି କରିଥିଲା। ତଥାପି ଜସ୍ମିନଙ୍କ ସନ୍ଧାନ ମିଳିନଥିଲା। ତେବେ ଆଜି ସକାଳେ ଜସ୍ମିନଙ୍କ ମୃତଦେହ ଗାଁ ନିକଟ ଭାଲୁଖାଇ ନାଳରେ ଭାସୁଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ଜସ୍ମିନଙ୍କ ଶରୀରରେ କ୍ଷତଚିହ୍ନ ରହିଥିଲା। କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହେଲା, ତାହା ଅସ୍ପଷ୍ଟ ଥିବା ବେଳେ ପୁଲିସ ତୁରନ୍ତ ଘଟଣା ଉପରୁ ପରଦା ହଟାଇବା ପାଇଁ ଲୋକେ ଦାବି କରିଛନ୍ତି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**୨୨ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**

# ବସନ୍ତ ବିଶ୍ୱାଳ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା

ଭୁବନେଶ୍ୱର, ୭।୯ (ସମିସ): ବସନ୍ତ ବିଶ୍ୱାଳ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ। ରାଜ୍ୟର ସାମଗ୍ରିକ ବିକାଶକୁ ସେ ପ୍ରାଥମିକତା ଦେଉଥିଲେ। କୃଷି କ୍ଷେତ୍ରରୁ ଆରମ୍ଭ କରି ଜଳସେଚନ, ଭିତ୍ତିଭୂମି, ସଡ଼କ, ସେତୁ ଆଦି ନିର୍ମାଣ କରିବା ଏବଂ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉପରେ ଗୁରୁତ୍ୱ ଦେଉଥିଲେ। ରାଜ୍ୟର ବହୁବିଧ ବିକାଶରେ ତାଙ୍କର ଅନନ୍ୟ ଯୋଗଦାନ ଥିଲା। ଆଜିର ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ। ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଆୟୋଜିତ ରାଜ୍ୟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ ଆଜି ଏପରି ମତ ରଖିଛନ୍ତି।

ରାଜ୍ୟସ୍ତରୀୟ କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ ଯେ ବସନ୍ତ ବାବୁ ଯାହା କହନ୍ତି, ତାହାକୁ କାମରେ କରି ଦେଖାନ୍ତି। କଟକର ରିଙ୍ଗରୋଡ୍ ତାଙ୍କ ସମୟର ଶ୍ରେଷ୍ଠ କାର୍ଯ୍ୟ। ସ୍ୱର୍ଗତ ବିଶ୍ୱାଳ ରାଜନୀତିରେ ସବୁବେଳେ ଅମର ହୋଇ ରହିବେ। ସମ୍ମାନିତ ଅତିଥି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଅତ୍ୟନ୍ତ ସ୍ପଷ୍ଟବାଦୀ ନେତା ଥିଲେ। ତାଙ୍କ ଭିତରେ କପଟତା ନ ଥିଲା। ସଠିକ୍ ନିଷ୍ପତ୍ତି ନେବାରେ ତାଙ୍କର ପାରଦର୍ଶିତା ଥିଲା। ରିଙ୍ଗରୋଡ୍ ପାଇଁ କଟକବାସୀ ତାଙ୍କୁ ସବୁବେଳେ ମନେ ରଖିବେ। ସେ ସମସ୍ତଙ୍କ ସଙ୍ଗେ ମିଳିମିଶି କାମ କରୁଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଜଣେ ଗଭୀର ଅନୁଚିନ୍ତକ ଥିଲେ। ସେ ପୂର୍ତ୍ତ ମନ୍ତ୍ରୀ ଥିଲା ବେଳେ ତାଙ୍କୁ 'ସୁପର ଚିଫ୍-ମିନିଷ୍ଟରଡ଼' ବୋଲି ସମ୍ବୋଧନ କରାଯାଏ। କଟକ ଏବଂ ସମ୍ବଲପୁରରେ ରିଙ୍ଗରୋଡ୍ ନିର୍ମାଣ ତାଙ୍କର ଶ୍ରେଷ୍ଠ କାର୍ଯ୍ୟ। ସେ ରାଜୀବ ଭବନକୁ ସମୟ ଅବଧି ପୂର୍ବରୁ ନିର୍ମାଣ କରି ଏକ ଉଦାହରଣ ସୃଷ୍ଟି କରିଥିଲେ। ରାଜ୍ୟ ନିର୍ମାଣରେ ତାଙ୍କର ବହୁତ ଅବଦାନ ରହିଛି। ଅନ୍ୟତମ ଅତିଥି ଦୈନିକ 'ସମୟ'ର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ତାଙ୍କ ଦୁଃସାହାସିକ ବ୍ୟକ୍ତିତ୍ୱକୁ ପ୍ରଶଂଶା କରିଥିଲେ। ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଥିଲେ ଯେ ସ୍ୱର୍ଗତ ବିଶ୍ୱାଳ ରାଜଧାନୀ ଭୁବନେଶ୍ୱରର ମୂଳଦୁଆ ପକାଇଥିଲେ। ସେ ଯେଉଁ ଅନୁଷ୍ଠାନ ନିର୍ମାଣ କରିଛନ୍ତି, ତାହା ଆଜି ପର୍ଯ୍ୟନ୍ତ ଶିଖର ଛୁଉଁଛି। କଂଗ୍ରେସ ନେତା ମାନସ ଚୌଧୁରୀ ସ୍ୱଗତ ଭାଷଣ ପ୍ରଦାନ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ 'ସମୟ'ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଶତାୟୁ ପୁରୁଷ ତଥା ବିଶିଷ୍ଟ ଗାନ୍ଧୀବାଦୀ ଓ ସମାଜସେବୀ ପଦ୍ମଚରଣ ନାୟକ, ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ମିଶ୍ର, ବିଶିଷ୍ଟ ସାହିତ୍ୟିକା ପ୍ରଫେସର୍ ମନୋରମା ବିଶ୍ୱାଳ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସ୍କାଉଟ୍ସ ଗାଇଡ୍ସ ସଂଗଠନ ସମ୍ପାଦକ ସରୋଜ ଚନ୍ଦ୍ର ପାଇକରାୟ ଓ ଧାବକ ଅମିୟ କୁମାର ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ଆଜିଠୁ ପିତୃପକ୍ଷ ଆରମ୍ଭ

ପୁରୀ,୭।୯ (ସମିସ): ସୋମବାରଠାରୁ ଆରମ୍ଭ ହେବ ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ତେବେ ଏହି ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଥାନ୍ତି। ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ସେମାନେ ସ୍ନାନ କରି ତିଳତର୍ପଣ କରିଥା'ନ୍ତି। ବିଶ୍ୱାସ ରହିଛି, ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ 'ଅନ୍ଧାରରେ ଆସି ଆଲୁଅରେ ଯାଅ' ବୋଲି କୁହାଯାଇ ବିଦାୟ ଦିଆଯାଏ। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଓ ପିତୃପୁରୁଷଙ୍କ ଆତ୍ମାଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି।

**ରାଜ୍ୟରେ ସେମିକଣ୍ଡକ୍ଟର୍ କ୍ଲଷ୍ଟର୍ ପାଇଁ ପ୍ରକ୍ରିୟା ଆରମ୍ଭ**

# ରାଜଧାନୀରେ ୧୦୦୦ ଏକର ଜମି ଚିହ୍ନଟ

**୨୦୩୦ ସୁଦ୍ଧା ୧୨୦ ଚିପ୍ ଡିଜାଇନ୍ କମ୍ପାନୀକୁ ଆକୃଷ୍ଟ କରିବା ଲକ୍ଷ୍ୟ**

ଭୁବନେଶ୍ୱର, ୭।୯ (ସମିସ): ରାଜ୍ୟକୁ ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ନିକଟରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୪୦୦୦ କୋଟି ଟଙ୍କାର ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ରାଜ୍ୟ ସରକାର ନିଜ ଆଡ଼ୁ ମଧ୍ୟ ୨ଟି ପ୍ରକଳ୍ପ ସ୍ଥାପନ ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ୨ଟି ପ୍ରକଳ୍ପରେ ୨୬୦୦ କୋଟି ଟଙ୍କା ନିବେଶ କରାଯିବ। ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ରାଜ୍ୟ କରିବାକୁ ରାଜ୍ୟ ସରକାର ଦୂରଗାମୀ ଲକ୍ଷ୍ୟ ନେଇ ଆଗକୁ ବଢ଼ୁଛନ୍ତି। ଏହି କ୍ରମରେ ସରକାର ଭୁବନେଶ୍ୱର ବିମାନବନ୍ଦର ପାଶ୍ୱବର୍ତ୍ତୀ ଅଞ୍ଚଳରେ ୧୦୦୦ ଏକର ଜମି ଚିହ୍ନଟ କରିଛନ୍ତି। ଏହି ଜାଗାରେ ଗ୍ରୀନଫିଲ୍ଡ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର୍ ପ୍ରତିଷ୍ଠା କରାଯିବ।

ମିଳିଥିବା ସୂଚନାନୁଯାୟୀ, ରାଜ୍ୟ ସରକାର ଏହି କ୍ଲଷ୍ଟର ପ୍ରତିଷ୍ଠା ପାଇଁ ମାଲେସିଆର ଇଞ୍ଜିନିୟରିଂ ବିଶେଷଜ୍ଞଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। ସବୁ କିଛି ଯୋଜନା ଅନୁସାରେ କାର୍ଯ୍ୟନ୍ୱୟନ ହେଲେ ଖୁବ୍‌ଶୀଘ୍ର ଏହି କ୍ଲଷ୍ଟର୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ଗତ ଅଗଷ୍ଟ ମାସରେ ଓଡ଼ିଶା ପାଇଁ ଯେଉଁ ୨ଟି ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିଲେ, ସେଥିରୁ ଗୋଟିଏ ସିକସେମ୍ କମ୍ପାନୀର ପ୍ରକଳ୍ପ ରହିଛି। ଭୁବନେଶ୍ୱରରେ ସିକସେମ ସିଲିକନ କାର୍ବାଇଡ ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ ଫେବ୍ରିକେସନ୍ ୟୁନିଟ୍ ସହ ଏକ ଏଟିଏମପି (ଆସେମ୍ବ୍ଲି, ଟେଷ୍ଟିଂ, ମାର୍କେଟିଂ, ପ୍ୟାକେଜିଂ) ୟୁନିଟ୍ ପ୍ରତିଷ୍ଠା କରିବ। ଏହାର ଚିପ୍ ଫେବ୍ରିକେସନ୍ କ୍ଷମତା ବାର୍ଷିକ ୬୦ ହଜାର ୱେଫର୍ ରହିବାକୁ ଥିବା ବେଳେ ଏଟିଏମପି ପ୍ଲାଣ୍ଟର କ୍ଷମତା ୯୬ନିୟୁତ ୟୁନିଟ୍ ରହିବ ବୋଲି ଜଣାପଡ଼ିଛି। ଆସନ୍ତା ଅକ୍ଟୋବରରେ ସିକସେମ କମ୍ପାନୀର ଶିଳାନ୍ୟାସ କରାଯିବ। ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଚିହ୍ନଟ ସରିଥିବା ବେଳେ ଅନ୍ୟାନ୍ୟ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଥିବା ଜଣାପଡ଼ିଛି। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ନ୍ୟୁ-ମେକ୍ସିକୋର୍ ୩-ଡି ଗ୍ଲାସ୍ ସଲ୍ୟୁସନ୍ ପ୍ରତିଷ୍ଠା କରିବ। ଏହି କମ୍ପାନୀ ଏଟିଏମ୍‌ପି ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଥିବା ବେଳେ ଏହାର ବାର୍ଷିକ କ୍ଷମତା ୫୦ ନିୟୁତ ୟୁନିଟ୍ ରହିବ। ସେହିପରି ଏହା ବାର୍ଷିକ ୭୦ ହଜାର ଗ୍ଲାସ୍ ପ୍ୟାନେଲ ଉତ୍ପାଦନ କରିବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ନୂଆ ସେମିକଣ୍ଡକ୍ଟର୍ ନୀତି ଅନୁଯାୟୀ ଆସନ୍ତା ୨୦୩୦ ସୁଦ୍ଧା ପ୍ରାୟ ୧୦୦ରୁ ୧୨୦ ଚିପ୍ ଡିଜାଇନ କମ୍ପାନୀକୁ ଓଡ଼ିଶାରେ ନିବେଶ ପାଇଁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।


# ଦୁର୍ଘଟଣାରେ ଗଲା ୪ ଜୀବନ

## ଟ୍ରେଲରକୁ ପଛରୁ ପିଟିଲା ବାଇକ୍: ୨ ମୃତ

ରାଉରକେଲା,୭।୯ (ସମିସ): ସ୍ଥାନୀୟ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ନିକଟ ୧୦ ନମ୍ବର ରାଜ୍ୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କାଂଶବାହାଲ ଅଞ୍ଚଳର ଜସବିର ବେଗ ଓ ସୋନାଖାନ ଅଞ୍ଚଳର ରୋହିତ ମାଝୀ। ଆଜି ଦୁହେଁ ଏକ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରେଲରକୁ ପଛରୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଘୋଷଣା କରିଥିଲେ। ରାଜଗାଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପଥଚାରୀଙ୍କୁ ଧକ୍କା ଦେଲା ବାଇକ୍

ଫିରିଙ୍ଗିଆ,୭।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ସାଡିଙ୍ଗିଆ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ସାଡ଼ିଙ୍ଗିଆ ଗାଁର ଦାସେବନ କହଁର ଓ ବାଲିଗୁଡ଼ା ଥାନା ବାଟାଗୁଡ଼ା ପଞ୍ଚାୟତ ପୁସାଙ୍ଗିଆ ଗାଁର ଶଶିକାନ୍ତ ପ୍ରଧାନ। ସେହିଭଳି ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଦ୍ୱୟଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।





ସୂଚନାନୁସାରେ, ଦୁଇ ଦିନ ତଳେ ସ୍ତ୍ରୀ ଓ ପିଲାଙ୍କୁ ଧରି ଶଶିକାନ୍ତ ଶଶୁରଘର ସୁମେରବନ୍ଧ ପଞ୍ଚାୟତର ବଜଡ଼ି ଗାଁକୁ ଆସିଥିଲେ। ଶନିବାର ସନ୍ଧ୍ୟାରେ ସେ ୨ଶଳାଙ୍କ ସହ ବାଇକ୍‌ରେ ସାଡ଼ିଙ୍ଗିଆ ବଜାରକୁ ଯାଇ ରାତି ପ୍ରାୟ ୯ଟାରେ ଫେରୁଥିଲେ। ଶଶିକାନ୍ତ ବାଇକ୍‌ରେ ବସିଥିବା ବେଳେ ସାନ ଶଳା ଚଲାଉଥିଲେ। ସାଡ଼ିଙ୍ଗିଆ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ବଜାରରୁ କାମ ସାରି ଘରକୁ ଚାଲିଚାଲି ଫେରୁଥିବା ଦାସେବନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦାସେବନଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିଲା। ଶଶିକାନ୍ତ ମଧ୍ୟ ବାଇକ୍‌ରୁ ଛିଟିକି ପଡ଼ି ପ୍ରାଣ ହରାଇଥିବା ବେଳେ ତାଙ୍କର ଦୁଇ ଶଳା ଗୁରୁତର ଆହତ ହୋଇଥିଲେ।

ମୃତକଦ୍ୱୟ ଶ୍ରମିକ ଶ୍ରେଣୀର। ଶଶିକାନ୍ତ ମୁମ୍ବାଇର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରନ୍ତି। ନୂଆଁଖାଇ ଅବସରରେ ସେ ଘରକୁ ଆସିଥିଲେ। ତାଙ୍କର ଦୁଇଟି ଛୋଟ ଛୋଟ ଝିଅ ଅଛନ୍ତି। ଦୁର୍ଘଟଣା ପରେ ଉଭୟ ପରିବାରରେ ଶୋକର ଛାୟା ଖେଳି ଯାଇଛି। ଫିରିଙ୍ଗିଆ ଏଏସ୍‌ଆଇ ପ୍ରିୟରଞ୍ଜନ ନାଏକ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ବେପରୁଆ ଓ ଦ୍ରୁତ ଗାଡ଼ିଚାଳନା ପାଇଁ ଦୁର୍ଘଟଣା ଘଟିଥିବା ମୃତ ଦାସେବନ କହଁରଙ୍କ ବଡ଼ଭାଇ ତିଳେସନ ଥାନାରେ ଅଭିଯୋଗ କରିଛନ୍ତି।

# ମୃତ ଶ୍ରମିକଙ୍କ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ବନ୍ଦ

କବାଟବନ୍ଧ,୭।୯ (ସମିସ)



ଜେନାପୁର ଥାନା ଅଧୀନ ଅଞ୍ଜିରା ପଞ୍ଚାୟତ ବାଲିସାହି ନିକଟରେ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥକୁ ଦୀର୍ଘ ୫ ଘଣ୍ଟା ବନ୍ଦ ରଖିଲେ ଆନ୍ଦୋଳନକାରୀ। ଜାତୀୟ ରାଜପଥ ସମ୍ପ୍ରସାରଣରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ବିଦ୍ୟୁତ ଆଘାତରେ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଘଟଣାରେ କ୍ଷତିପୂରଣ ଦାବି କରି ଏହି ଆନ୍ଦୋଳନ କରାଯାଇଥିଲା। ମୃତ ଶ୍ରମିକ ଜଣଙ୍କ ଜେନାପୁର ଥାନା ଅଧନ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ମୁଥା ମଲ୍ଲିକଙ୍କ ପୁଅ ରଙ୍ଗାଧର ମଲ୍ଲିକ (୫୪)ବୋଲି ଜଣାପଡିଛି।

ଖବର ଅନୁସାରେ ରଙ୍ଗାଧର ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଏମ୍‌ଏସଆଇଏଲ୍ ଅଧୀନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କନ୍ତପଡ଼ା ଇଲେକ୍ଟ୍ରି ଅଫିସ ନିକଟରେ କାର୍ଯ୍ୟ କରୁଥିବା ସମୟରେ ୩୩ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆଘାତ ହୋଇ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। କମ୍ପାନୀରେ କାମ କରୁଥିବା ସମୟରେ ତାଙ୍କର ଦୁର୍ଘଟଣା ହୋଇଥିଲେ ମଧ କମ୍ପାନୀ ପକ୍ଷରୁ କୌଣସି ସହଯୋଗ କରାଯାଇ ନ ଥିଲା। ମୃତ ରଙ୍ଗାଧରଙ୍କ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଶରୀର ରଖି ଜାତୀୟ ରାଜପଥ ଅବରୋଧ କରି କ୍ଷତିପୂରଣ ଦାବି କରିବା ସହିତ ପରିବାରର ଜଣଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପାଇଁ ଦାବି କରିଥିଲେ। ରାସ୍ତା ଅବରୋଧ ହେବା ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଅପରାହ୍ନ ୪ଟା ସମୟରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଫଳରେ ବସ୍, କାର ଆଦିର ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଜେନାପୁର ପୁଲିସ, ଯାଜପୁର ରୋଡ଼ ଏସ୍‌ଡିପିଓ ପହଞ୍ଚିଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା। ପରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଭବେଶ କୁମାର ମାଝୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହିତ କ୍ଷତିପୂରଣ ସହିତ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରାୟ ୫ ଘଣ୍ଟା ଧରି ରାସ୍ତା ଅବରୋଧ ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ପ୍ରସ୍ତୁତି

ପାଣିକୋଇଲି,୭।୯(ସମିସ): ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ଆସନ୍ତା ୯ ତାରିଖରେ ମଞ୍ଚ କାର୍ଯ୍ୟାଳୟରେ ପାଳିତ ହେବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଭାପତି ନୃସିଂହ ଚରଣ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ରାୟ କାର୍ଯ୍ୟସୂଚୀ ସଂପର୍କରେ ସୂଚନା ଦେଇଥିଲେ। ଉକ୍ତ ଦିନ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସଭାପତି ଡ. ପ୍ରସନ୍ନ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଇଂ. ଗିରିଜା ଶଙ୍କର ମହାନ୍ତି, ସାଧାରଣ ସଂପାଦକ ରାଜକିଶୋର ସାମନ୍ତରାୟ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବିନ୍ଦ୍ର କୁମାର ବେହେରା ଓ ଅନ୍ୟାନ୍ୟ ସ୍ଥାନୀୟ ମହୋଦୟଗଣ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବରେ କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଡ. ଦାମୋଦର ମହାପାତ୍ର, ସଂଗଠନ ସଂପାଦକ ସତ୍ୟରଞ୍ଜନ ସ୍ୱାଇଁ, ଯୁଗ୍ମ ସଂପାଦକ ମଦନ ମୋହନ ବେହେରା, ଗୋକୁଳାନନ୍ଦ ମହାରଣା, ଗୌରାଙ୍ଗ ଚରଣ ବାରିକ, ନିରଞ୍ଜନ ରାଉତ, ସନାତନ ବିଶ୍ୱାଳ, ରାମଚନ୍ଦ୍ର ବେହେରା, ବୃନ୍ଦାବନ ଜେନା, ବୈଷ୍ଣବ ଚରଣ ସାହୁ, ପ୍ରତିମା ସୁରେଖା ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ଅନ୍ତ୍ୟରେ କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟସମୂହ ତାଏକ୍ୱୋଣ୍ଡୋ ଓ ଉସୁ ପ୍ରତିଯୋଗିତା



ଯାଜପୁର,୭।୯(ସମିସ): ଯାଜପୁର ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ଏବଂ ଉସୁ ପ୍ରତିଯୋଗିତା ଜିଲ୍ଲା ସ୍କୁଲ ଏବଂ ଇଣ୍ଡୋର ଷ୍ଟାଡିଅମଠାରେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁରମା ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଅଜୟ କୁମାର ଦାସ, ଜୁନିଅର ରେଡକ୍ରସ ଅଧିକାରୀ ଶଙ୍କର୍ଷଣ ବେହେରା, ତାଏକ୍ୱୋଣ୍ଡୋ ଜିଲ୍ଲା ସମ୍ପାଦକ ଯଯାତି କେଶରୀ ଧଳ, ଉସୁ ଜିଲ୍ଲା ସମ୍ପାଦକ କୈବଲ୍ୟ ନାୟକ ଯୋଗଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେଶ କୁମାର ସେଠୀ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଜିଲ୍ଲାର ୧୦ଟି ମଣ୍ଡଳର ସମସ୍ତ ବିଦ୍ୟାଳୟରୁ ୭୦ ଜଣ କ୍ରୀଡ଼ାବିତ୍ ଓ ୧୮ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି କ୍ରୀଡ଼ାକୁ ପ୍ରକାଶ କୁମାର ଲାଲା, ଏସ୍କେ ମସଜିଦ ବକ୍ସର, ଅରୁଣ କୁମାର ଜେନା, ସୋନାଲି ସାହୁ, ସମର ସିଂହ, ନିହାରିକା ପଣ୍ଡା, ଗଜେନ୍ଦ୍ର ମାଝୀ, ବିନୋଦ କୁମାର ଦଳାଇ, ରମେଶ ବଳ, କ୍ରୀଷ୍ଣା କୁମାର ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରୁ ଉତ୍ତୀର୍ଣ୍ଣ କ୍ରୀଡ଼ାବିତ୍ ଆସନ୍ତା ୧୦ ତାରିଖରେ କେନ୍ଦୁଝରର ବଡବିଲଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ନିରଞ୍ଜନ ଶତପଥୀ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସାର ସଙ୍କଟ ସହ କଳାବଜାରୀ ଅଭିଯୋଗ

ବିଞ୍ଝାରପୁର,୭।୯(ସମିସ): ବିଞ୍ଝାରପୁର ବ୍ଲକରେ ଥମୁନି ସାର ସଂକଟ। ବର୍ତ୍ତମାନ ଚାଷୀମାନଙ୍କ ପ୍ରଧାନ ଫସଲ ଧାନ ଚାଷ ୟୁରିଆ ସାରର ଚାହିଦା ଥିବା ବେଳେ ଚାଷୀଙ୍କୁ ଏହି ସାର ମିଳୁନି। ବିଞ୍ଝାରପୁର ବ୍ଲକରେ ସାର କଳାବଜାରୀ ଯୋଗୁଁ ପ୍ରଭାବିତ ହେଉଛି ଚାଷକାର୍ଯ୍ୟ। ରାସାୟନିକ ସାର୍ ଡିଏପି ପରେ ଏବେ ୟୁରିଆ ସାର ସଙ୍କଟ ଏବଂ କଳାବଜାରୀ ଫଳରେ ଚାଷ ପ୍ରଭାବିତ ହେଉଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲୋକମାନେ ସାର ପାଇଁ ରାତିରୁ ଲାଇନ୍ ଲଗାଇଛନ୍ତି। ସେହିପରି କିଛି ଜିଲ୍ଲାରେ ଚାଷୀମାନେ ରାସ୍ତାରୋକ ମଧ୍ୟ କରିଛନ୍ତି। ବର୍ତ୍ତମାନ ଅଭାବି ସମୟରେ ଚଢ଼ା ଦରରେ ସାର କ୍ରୟ କରି ଧାନ ଚାଷ କରିବା ଚାଷୀମାନଙ୍କ ପାଇଁ ସମ୍ଭବ ପର ହୋଇପାରୁନାହିଁ। ଅନ୍ୟ ପଟେ କୃଷି ସମବାୟ, ଲ୍ୟାମ୍ପସରେ ସାର ଆସୁନି କି ସମ୍ପାଦକମାନେ ଜାଣିଶୁଣି ଆଣୁନାହାନ୍ତି ତାହା ଚାଷୀମାନଙ୍କ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମବାୟ, ଲ୍ୟାମ୍ପସରେ ସାର ଆସୁନଥିବା ପଛରେ କ'ଣ କାରଣ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ଚାଷି ଦାବି କରୁଛନ୍ତି। ଡିଲର, କୃଷି ସମବାୟ, ଲ୍ୟାମ୍ପ ଅନ୍ୟାନ୍ୟ ଖୁଚୁରା ଦୋକାନୀମାନେ କେତେ ସାର ଉଠାଇ ବିକ୍ରି କରିଛନ୍ତି ତାହାର ଯାଞ୍ଚ ପ୍ରକ୍ରିୟା ଠିକ୍ ଭାବେ ହେଉନାହିଁ। ପ୍ରତ୍ୟେକ ଲାଇସେନ୍ସ ଦୋକାନୀମାନେ ଠିକ୍ ତଥ୍ୟ ଦେଉନାହାନ୍ତି। ବିଭାଗୀୟ ଅଧିକାରୀ ଏବିଷୟରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଞ୍ଝାରପୁର ବ୍ଲକ କୃଷି ଅଧିକାରୀଙ୍କୁ ପଚରା ଯିବାରୁ ସେ କହିଛନ୍ତି ସାର କଳାବଜାରୀ ରୋକିବା ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଚେଷ୍ଟା କରୁଛନ୍ତି।

## ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କର୍ମୀଙ୍କ ଦେହାନ୍ତ

ବିଞ୍ଝାରପୁର,୭।୯(ସମିସ): ବିଶିଷ୍ଟ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦଳରେ କର୍ମୀ ଗୟାଧର ଯେନା (୬୪)ଙ୍କ ମସ୍ତିଷ୍କାଘାତରେ ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପ୍ରାୟ ୩ ବର୍ଷ ଧରି ଅନ୍ୟାନ୍ୟ କେତେକ ରୋଗରେ ପୀଡ଼ିତ ହୋଇ ସେ ଚିକିତ୍ସିତ ହେଉଥିଲେ। ଏକଦା ସେ ପାର୍ଟିର ଜଣେ ସର୍ବକ୍ଷଣ କର୍ମୀ ଭାବେ କାମ କରୁଥିଲେ। ପରବର୍ତ୍ତୀ ସମୟରେ ସେ ଶିକ୍ଷକତା ବୃତ୍ତି ଆପଣେଇ ନେଇଥିଲେ। ଜଣେ ଛାତ୍ର ବତ୍ସଳ ଉତ୍ତମ ଶିକ୍ଷକ ଭାବେ ତାଙ୍କର ଖୁବ୍ ସୁନାମ ଥିଲା। ମୃତ୍ୟୁ ପର୍ଯ୍ୟନ୍ତ ସେ ଦଳର ଜଣେ ନିଷ୍ଠାପର କର୍ମୀ ଭାବେ କାମ କରିଯାଇଛନ୍ତି। ସେ ପାର୍ଟିର ଯାଜପୁର ଜିଲ୍ଲା କମିଟି ଅଧୀନ ଚିକଣା ଆଞ୍ଚଳିକ କମିଟିର ସଭ୍ୟ ଥିଲେ। ଡେମୋକ୍ରାଟିକ ଟିଚସ୍‌ର୍ ଅର୍ଗାନାଇଜେସନ୍ ଓଡ଼ିଶା ରାଜ୍ୟ କମିଟିର ସେ ସଂପାଦକ ମଣ୍ଡଳୀ ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁରେ ଏସ୍‌ୟୁସିଆଇ(କ) ଓଡ଼ିଶା ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ତଥା ଯାଜପୁର ଜିଲ୍ଲା କମିଟି ସଂପାଦକ ସୁରେନ୍ଦ୍ର ମଲ୍ଲିକ, ପାର୍ଟି ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନ, ଜିଲ୍ଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକ, ତରଙ୍ଗିଣୀ ଦାଶ, ସଂଯୁକ୍ତା ନାୟକ, ବ୍ରହ୍ମାନନ୍ଦ ମଲିକ, ବିଜୟ ସାମଲ, ରମାକାନ୍ତ ସାମଲ, ପ୍ରଫୁଲ୍ଲ ସାମଲ ପ୍ରମୁଖ ତାଙ୍କ ଶବଧାରାରେ ପୁଷ୍ପମାଲ୍ୟ ଅର୍ପଣ କରି ଶୋକବ୍ୟକ୍ତ କରିଛନ୍ତି।

## ବିନା ବେତନରେ ୩୫ ବର୍ଷ ଶିକ୍ଷକତା
# ଅବସର ପରେ ମଧ୍ୟ ଶିକ୍ଷାଦାନ




କବାଟବନ୍ଧ,୭।୯(ସମିସ): ଦିନେ କି ଦି'ଦିନ ନୁହେଁ; ଦୀର୍ଘ ୩୫ ବର୍ଷ ଧରି ସେ ବିନା ବେତନରେ କରିଚାଲିଛନ୍ତି ଶିକ୍ଷାଦାନ। ଟଙ୍କାଟିଏ ଦରମା ପାଇ ନଥିଲେ ମଧ୍ୟ ତାଙ୍କ ଶିକ୍ଷାଦାନ ଦିନଟିଏ ବି ବନ୍ଦ ହୋଇନାହିଁ। ବରଂ ଅବସର ଗ୍ରହଣ ପରେ ମଧ ସେ ଶିକ୍ଷାଦାନରୁ ବିରତ ହୋଇନାହାନ୍ତି। ଏଭଳି ଜଣେ ଶିକ୍ଷକ ହେଲେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମର୍ଜିତାପୁର ପଞ୍ଚାୟତ ବାଲିଗରୀ ପାଟଣା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗିରିଧାରୀ ପ୍ରଧାନ। ସ୍ଥାନୀୟ ମର୍ଜିତାପୁର ଠାରେ ଥିବା ଶ୍ରୀଶ୍ରୀ ହିଙ୍ଗୁଳା ବିଦ୍ୟାମନ୍ଦିରରୁ ଗତ ମାର୍ଚ୍ଚ ମାସରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଗିରିଧାରୀ ପ୍ରଧାନ। ବିନା କୌଣସି ଦରମାରେ ଦୀର୍ଘ ୩୫ ବର୍ଷ ନିରବଚ୍ଛିନ୍ନ ଭାବେ ଶିକ୍ଷାଦାନ କରି ସାରା ଓଡ଼ିଶାରେ ଏକ ଉଦାହରଣ ସୃଷ୍ଟି କରିବା ସହିତ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ଶିକ୍ଷକ ଶ୍ରୀ ପ୍ରଧାନ ଏହି ବିଦ୍ୟାଳୟରେ ୧୯୯୦ ମସିହାରେ ୬୧୦ ସ୍କିମ୍‌ରେ ଆଡିସିନାଲ ସେକ୍ସନ ଶିକ୍ଷକ ଭାବେ ନିଯୁକ୍ତି ପାଇ ଗତ ୨୦୨୫ ମାର୍ଚ୍ଚ ମାସରେ ଅବସର ଗ୍ରହଣ କରିଛନ୍ତି। ସରକାରୀ ନିୟମରେ ବୟସ ତାଙ୍କୁ ଅବସର ଦେଇଦେଇଛି। ମାତ୍ର ଜଣେ କର୍ତ୍ତବ୍ୟନିଷ୍ଠ, ଦୟିତ୍ୱବାନ, ଆଦର୍ଶ ଶିକ୍ଷକ ଭାବେ ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟରୁ ଅବସର ନେଇ ନାହାଁନ୍ତି। ଅବସର ପରେ ମଧ ଶ୍ରୀ ପ୍ରଧାନ ସେହି ସ୍କୁଲରେ ଶିକ୍ଷାଦାନ ଜାରି ରଖିଛନ୍ତି। କାଗଜପତ୍ର ତ୍ରୁଟି ପାଇଁ ତାଙ୍କୁ କୌଣସି ଦରମା ମିଳିନାହିଁ। ମାତ୍ର ସେଥିପାଇଁ ସେ ଦୁଃଖ ପ୍ରକାଶ କରିନାହାଁନ୍ତି କହି ଜଣେ ବିରଳ ଶିକ୍ଷକଙ୍କ ପରିଚୟ ସୃଷ୍ଟି କରିଛନ୍ତି। ପିଲାମାନେ ମୋ ଆତ୍ମା। ସେମାନଙ୍କୁ ଦେଖିଲେ ମୁଁ ସବୁକିଛି ଭୁଲି ଯାଏ। ପାରିଶ୍ରମିକ ତଥା ଦରମାକୁ ନେଇ ମୁଁ ଆଦୌ ଦୁଃଖିତ ନୁହେଁ ଏବଂ ନିଜ ସାମର୍ଥ୍ୟ ପର୍ଯ୍ୟନ୍ତ ଶିକ୍ଷାଦାନ କରିବି ବୋଲି ଏହି ଆଦର୍ଶ ଗୁରୁ କହିଛନ୍ତି। ସରକାରୀ ଅବହେଳା ପାଇଁ ଦରମା ପାଇ ନ ଥିବା ଏହି ଶିକ୍ଷକ ଜଣଙ୍କ ପାଇଁ ରାଷ୍ଟ୍ରପତି ପୁରସ୍କାର ଏକ ବଡ଼ ସମ୍ମାନ ହେବ ବୋଲି ଆଶା ରଖି ଅଞ୍ଚଳବାସୀ ଏହି ଦାବି କରିଛନ୍ତି। ଜଣେ ଶିକ୍ଷକଙ୍କ ପ୍ରତି ହୋଇଥିବା ଏଭଳି ଅବହେଳା ତାଙ୍କୁ କେବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିପାରିନି। ଏଭଳି ଜଣେ ଦାୟିତ୍ୱବାନ, କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତି, ଛାତ୍ରବତ୍ସଳ ଶିକ୍ଷକଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିବା ପାଇଁ ବିଭିନ୍ନ ମହଲରେ ଦାବି ଜୋର ଧରିଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲ୍ଲାପାଳଙ୍କୁ ଖୁବଶୀଘ୍ର ଏକ ଦାବି ପତ୍ର ପ୍ରଦାନ କରାଯିବ ବୋଲି ପୁରାତନ ଛାତ୍ର ସଂସଦ ପକ୍ଷରୁ ସୂଚନା ମିଳିଛି।

**ରାଷ୍ଟ୍ରପତି ପୁରସ୍କାର ପ୍ରଦାନ ପାଇଁ ଦାବି**

## ବିଶ୍ୱ ରୋବୋଟିକ୍ସ ଚାମ୍ପିଅନସିପ୍ — ରୋବୋ ଓଡ଼ିଶା ଚାମ୍ପିଅନ

ଯାଜପୁର,୭।୯(ସମିସ): ଯାଜପୁର ଜିଲ୍ଲା ବ୍ୟାସନଗର କିଡି କିଡ୍ସ ପ୍ରିମିୟମ ସ୍କୁଲର "ରୋବୋ-ଓଡିଶା' ଦଳ ନଏଡ଼ାରେ ଅନୁଷ୍ଠିତ ଟେକ୍ନୋସିଆନ ବିଶ୍ୱକପ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛି। ଗତ ୩୦ ଅଗଷ୍ଟରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ବିଶ୍ୱ ରୋବୋଟିକ୍ସ ଚାମ୍ପିଅନସିପ୍ ୨୦୨୫-ଟେକ୍ନୋଜିଆନ୍ ୯:୦ରେ ଇତିହାସ ସୃଷ୍ଟି କରିଛି। ଏହି ଯୁବ ଦଳ ଏକାଧିକ ବର୍ଗରେ ଶୀର୍ଷ ସ୍ଥାନ ହାସଲ କରି ବିଶ୍ୱସ୍ତରରେ ଓଡ଼ିଶାକୁ ଗର୍ବିତ କରିଛନ୍ତି। ଦଳର ପୁରୁଜିତ ପାଢ଼ୀ, ସାନଭି ଗୁପ୍ତା, ସାଇ ତିଲକ ଦାସ, ଶ୍ରେୟାଂଶ ଆଇଚ୍, ସାରା ମୋହନ୍ତୀ, ସାଇ ଅକ୍ଷଦା ମିଶ୍ର, ରିଦ୍ଧିମା ମାଥୁର, କିଶୋର କୁମାର ଜ୍ୟୋତିଶ, ଜଗଯନ୍ଦୁତା ଦାସ, ଅନିକେଶ ଦାସ ଏବଂ ନମିଶ ମହାକୁଲ ଉନ୍ନତ ପ୍ରଦର୍ଶନ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ସେମାନଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ପ୍ରଶିକ୍ଷକ ମାନସ ରଞ୍ଜନ ମହାନ୍ତି ଏବଂ ରଶ୍ମୀତା ମହାନ୍ତିଙ୍କ ଦ୍ୱାରା ମାର୍ଗଦର୍ଶନ କରାଯାଇଥିଲା। ପ୍ରତିଯୋଗିତାରେ ବିଶ୍ୱର ୬୦ରୁ ଅଧିକ ଦେଶ, ୨୨ ହଜାରରୁ ଅଧିକ ଛାତ୍ର ଅଂଶଗ୍ରହଣ କରିଥିବା ବେଳେ ରୋବୋ ଓଡିଶା ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏହି ସଫଳତା ସମ୍ପର୍କରେ କୋଚ୍ ମାନସ ରଞ୍ଜନ ମହାନ୍ତି କହିଛନ୍ତି, ଏହା କେବଳ 'ରୋବୋ ଓଡ଼ିଶା' ପାଇଁ ନୁହେଁ ବରଂ ସମଗ୍ର ଓଡ଼ିଶା ପାଇଁ ଏକ ବିଜୟ।



## ବିରିପଟା ଗ୍ରାମରେ ଖୁଦୁରୁକୁଣୀ ପୂଜା



କୁଆଁଗୋଲା,୭।୯(ସମିସ): ଦଶରଥପୁର ବ୍ଲକ ବିରିପଟା ଗ୍ରାମ ପୋଷ୍ଟାଲ ସାହିରେ ୭୦ବର୍ଷରୁ ଅଧିକ ହେବ ଆଡ଼ମ୍ବର ସହ ପାଳନ ହୋଇଆସୁଛି ଖୁଦୁରୁକୁଣୀ ପୂଜା। ଅନେକ ଅଞ୍ଚଳରେ ମା' ଦୁର୍ଗା, ମା କାଳୀ, ଅଗ୍ରପୁଜ୍ୟ ଗଣେଶ ପୂଜା ଆଦି ଭଳି ଏହି ଗାଁର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ ଖୁଦୁରୁକୁଣୀ ବା ଭାଲୁକୁଣି ପୂଜା। ମା'ଙ୍କର ମୃଣ୍ମୟ ପ୍ରତିମାକୁ ଫୁଲରେ ଅଚ୍ଛାଦିତ କରି ପାଞ୍ଚ ପାଳିଯାଏ ଚାଲିଥାଏ ଏହି ପୂଜା। ଆଜି ଚନ୍ଦ୍ରଗ୍ରହଣ ଯୋଗୁ ଦିନ ୧୧ଟା ସୁଦ୍ଧା ପୂଜା ଶେଷ କରାଯାଇଛି।

## ରୋଟାରୀ କ୍ଲବ୍ କଳିଙ୍ଗନଗରର ଅଧିଷ୍ଠାନ ଉତ୍ସବ




ବ୍ୟାସନଗର,୭।୯(ସମିସ): 'ରୋଟାରୀ କ୍ଲବ କଳିଙ୍ଗନଗର'ର ୧୨ତମ ଅଧିଷ୍ଠାନ ଉତ୍ସବ ସଭାପତି ରୋଟାରିଆନ କମଳଲୋଚନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୨ ଡିଜି ମନୋଜ କୁମାର ତ୍ରିପାଠୀ ଓ ଏଜି ସୁବାସ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମଞ୍ଚ ପରିଚାଳକ ଲୋକନାଥ ରାଉତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ କ୍ଲବର ପୂର୍ବତନ ସଭାପତି ମହେନ୍ଦ୍ର କୁମାର ପଣ୍ଡାଙ୍କ ସାନ ଝିଅ ରୋଶନି ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ଇଂ. କମଳଲୋଚନ ସାହୁ ୨୦୨୪-୨୫ ବର୍ଷର ବାର୍ଷିକ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ମନୋଜ କୁମାର ବାରିକଙ୍କୁ ୨୦୨୫-୨୬ବର୍ଷର ସଭାପତି ଭାବେ ଦାୟିତ୍ୱଭାର ଅର୍ପଣ ପୂର୍ବକ ଶପଥପାଠ କରାଯିବା ସହ ନୂତନ ସଭାପତି ଭାବେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୨୫-୨୬ ବର୍ଷ ପାଇଁ ନୂତନ ସମ୍ପାଦକ ଭାବେ ସଞ୍ଜୟ କୁମାର ମିଶ୍ରଙ୍କୁ ଦାୟିତ୍ୱଭାର ଅର୍ପଣ କରାଯାଇଛି। ୨ଜଣ ନୂତନ ସଭ୍ୟ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଅମ୍ବିକା ପ୍ରସାଦ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା କ୍ଲବ୍‌ର ବାର୍ଷିକ ପତ୍ରିକା 'ଶିଳ୍ପକଳା କଳିଙ୍ଗନଗର' ଉନ୍ମୋଚିତ ହୋଇଥିଲା। ଏଜି ସୁବାସ ଚନ୍ଦ୍ର ମହାପାତ୍ର, ମୁଖ୍ୟଅତିଥି ଡିଜି ମନୋଜ କୁମାର ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସରଜେଣ୍ଟ ସୂର୍ଯ୍ୟକାନ୍ତ ବିଶ୍ୱାଳ ଉପସ୍ଥାନ ତଥ୍ୟ ପ୍ରଦାନ ଏବଂ ଦୀନେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ନୂତନ ସଭାପତି ସଭାକୁ ସମ୍ପନ୍ନ କରିଥିଲେ। ସୁଦୀପ୍ କୁମାର ମିଶ୍ର, ଅକ୍ଷୟ ପତି, ଲୋକନାଥ ରାଉତ, ଦେବସ୍ମିତା ସାହୁ, ଅଚ୍ୟୁତାନନ୍ଦ ମହାନ୍ତି, ମହେନ୍ଦ୍ର ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ସୁଶାନ୍ତ ବରାଳ, ପରମେଶ୍ୱର ଦାଶ, ଶିବାନନ୍ଦ ନାୟକ, ଦେବକଲ୍ୟାଣ ଦାସ, ରାମଚନ୍ଦ୍ର ସେନାପତି, ସଞ୍ଜୟ ବୋଇତାଇ, ଯୁଧିଷ୍ଠିର ତରାଇ, କୈଳାଶ ଚନ୍ଦ୍ର ସାହୁ, ଜୟନ୍ତ ଦାସ, ହେମନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଭାଗବତ ଗୋସାଇଁଙ୍କ ପ୍ରତିଷ୍ଠା ଉତ୍ସବ

ବରୀ,୭।୯(ସମିସ): ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ଧାରପୁର ପଞ୍ଚାୟତର ନାଥପୁର ଗ୍ରାମରେ ଥିବା ବହୁ ପ୍ରାଚୀନ ଭାଗବତ ଗୋସାଇଁଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ବିଗ୍ରହଙ୍କୁ ସୁସଜ୍ଜିତ ବିମାନରେ ବସାଇ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଶହ ଶହ ସଂଖ୍ୟାର ପୁରୁଷ ଓ ମହିଳାମାନେ ଏକତ୍ରିତ ହୋଇ ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି ପକାଇ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭାଗବତ ଗୋସାଇଁଙ୍କ ବିଗ୍ରହକୁ ମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ନୂତନ ବିଗ୍ରହଙ୍କୁ ମନ୍ଦିର ପ୍ରବେଶ କରାଯାଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ବୁଲୁ ଯାଦବ, ହିମାଂଶୁ ଦାଶ ପ୍ରମୁଖ ଯୋଗଦେଇ ବିଗ୍ରହଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶ୍ୟାମସୁନ୍ଦର ଜେନା, ବନମାଳି ଜେନା, ବିପିନ ବିହାରୀ ଜେନା, କୁଞ୍ଜ ବିହାରୀ ଜେନା, ପ୍ରହଲ୍ଲାଦ ଜେନାଙ୍କ ସହ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପ୍ରଫୁଲ କୁମାର ରାଉତ
ତିଳପଦା, ଢେଙ୍କାନାଳ
ଆବିର୍ଭାବ: ୦୫.୦୯.୧୯୪୩ / ତିରୋଧାନ: ୨୯.୦୮.୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପ୍ରକାଶ କୁମାର ରାଉତ, ପ୍ରବିଣ କୁମାର ରାଉତ, ପ୍ରଶାନ୍ତ କୁମାର ରାଉତ, ନମିତା ରାଉତ, ଜ୍ୟୋତିର୍ମୟୀ ରାଉତ, ଆନନ୍ଦିତା ରାଉତ, ଗିନା, ଚୁମୁକି, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



୰ ଶ୍ରୀ ଅଭିରାମ ବେହେରା
କନ୍ଦରପୁର, ଦରଡ଼ାପାରି (ଗରାମ), ଜଗତସିଂହପୁର
ଧରାବତରଣ- ୧୫.୧୧.୧୯୫୩
ସ୍ୱର୍ଗାରୋହଣ- ୨୯.୦୮.୨୦୨୫
ଚାହିଁ ଚାହିଁ ୧୧ ଦିନ ବିତିଗଲା, ଆଜି ବି ଅପେକ୍ଷା କରିଛୁ ଆପଣଙ୍କ ଫେରିବା ବାଟକୁ। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶିର୍ବାଦ, ଆମ ଉପରେ ସବୁଦିନ ପାଇଁ ରହିଥାଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ : -
ସ୍ତ୍ରୀ - ଅନୁସୂୟା ବେହେରା, ପୁତ୍ର-ପୁତ୍ରବଧୂ, ଆଲୋକ, ଅମୀୟ, ଡକ୍ଟର ଦୀପଶିଖା, ଡକ୍ଟର ପ୍ରଦ୍ୟୋତି ବେହେରା, ନାତି-ନାତୁଣୀ, ଆଦର୍ଶ, ଆଦିତ୍ୟ, ଆଦ୍ୟାଶା, ଅସ୍ମିତା, ବନ୍ଧୁ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ବର୍ତ୍ତମାନ ସ୍ଥାୟୀ ଠିକଣା: ପ୍ଲଟ୍ ନଂ.୧୦୪/୨୦୧୭, ପାରାଦ୍ୱୀପ କଲୋନୀ, କଳିଙ୍ଗ ବିହାର, ଭୁବନେଶ୍ୱର

## ଯାଜପୁରରେ କାମଦେଉନି ସଡ଼କ ସୁରକ୍ଷା କମିଟି
# ଚଣ୍ଡିଖୋଲ-ଡୁବୁରୀ ରାଜପଥ ଶୋଚନୀୟ

ଯାଜପୁର, ୭।୯ (ସମିସ)



ଯାଜପୁର ଜିଲ୍ଲା ଦେଇ ଯାଇଥିବା ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଦିନକୁ ଦିନ ବିପର୍ଯ୍ୟସ୍ଥ ହେବାରେ ଲାଗିଛି। ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ଏହି ଜାତୀୟ ରାଜପଥର ଅବସ୍ଥା ସୁଧୁରୁନାହିଁ। ସେହିଭଳି ଚଣ୍ଡିଖୋଲ ଛକ ଆଉ ଛକ ଅବସ୍ଥାରେ ନାହିଁ; ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରାଯାଇଥିଲା। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଏହି ଅସନ୍ତୋଷ ନେଇ ଉଦ୍‌ବେଗ ପ୍ରକାଶ ସହ ନଭେମ୍ବର ଶେଷ ସୁଦ୍ଧା ଲୋକଙ୍କ ଗମନା ଗମନ ପାଇଁ ଭଲ ରାସ୍ତା କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

ସଡ଼କ ସୁରକ୍ଷା କମିଟି ବୈଠକରେ ସଭ୍ୟମାନେ ଏଭଳି ଅଭିଯୋଗ କରିଛନ୍ତି। ସଦସ୍ୟ ସତୀଶ ବିଶ୍ୱାଳ ଅଭିଯୋଗ କରିଛନ୍ତି, ଦେଶର ଇସ୍ପାତ ଶିଳ୍ପ ପ୍ରାଣକେନ୍ଦ୍ର କଳିଙ୍ଗନଗର ଏବଂ ଖଣି ଅଞ୍ଚଳ ସହ ପାରାଦୀପ ବନ୍ଦରକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥର ବିଭିନ୍ନ ଦୃଷ୍ଟିକୋଣରୁ ଯଥେଷ୍ଟ ଗୁରୁତ୍ୱ ରହିଛି। କେବଳ ଜରାଜୀର୍ଣ୍ଣ ରାସ୍ତା ପାଇଁ ଏହି ଜାତୀୟ ରାଜପଥରେ ଶତାଧିକ ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ରାସ୍ତା ନିର୍ମାଣରେ ନିମ୍ନମାନର ମାଟି ବ୍ୟବହାର କରାଯାଇଥିବାରୁ ଏହି ମାଟିକୁ ଜାତୀୟ ରାଜପଥ ବିଭାଗ ରିଜେକ୍ଟ କରିଥିଲେ। ଫଳରେ ରାସ୍ତା କାର୍ଯ୍ୟ ବହୁ ବିଳମ୍ବ ହେଲା। ଠିକାଦାର ଟଙ୍କା ଖାଇଲେ, ହେଲେ ପ୍ରତିଦିନ ଦୁର୍ଘଟଣାରେ ଲୋକେ ମୃତ୍ୟୁବରଣ କରୁଛନ୍ତି। ଏହି ରାଜପଥର ଚରମ ଦୂରାବସ୍ଥା ପାଇଁ ବହୁବାର ଜନଆନ୍ଦୋଳନ ହୋଇଛି। ପୂର୍ବରୁ ବହୁ ସଡ଼କ ସୁରକ୍ଷା ବୈଠକରେ ଏଥିନେଇ ପୂର୍ବ ଜିଲ୍ଲାପାଳମାନେ ଚରମବାଣୀ ଶୁଣାଇଛନ୍ତି। ଏପରିକି ଏଥନେଇ ଠିକାଦାରଙ୍କ ବିରୋଧରେ କେସ୍ କରିବାକୁ ଧମକ ବି ଜିଲ୍ଲାପାଳ ଦେଇଛନ୍ତି। ହେଲେ କୌଣସି କଥାର ପ୍ରଭାବ ପଡିନାହ। ଏହି ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଠିକାଦାରଙ୍କ ଭିତରେ ସଲାସୁତରାରେ ଏଭଳି ମନୋମୁଖୀ ନିମ୍ନମାନର କାର୍ଯ୍ୟ ଚାଲିଛି। ଏଥିପାଇଁ ସରକାର ଜନଅସନ୍ତୋଷର ଶିକାର ହେଉଛନ୍ତି। କଳିଙ୍ଗ ନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତାର ନିର୍ମାଣ ଓ ମରାମତି ଠିକଣା ଭାବେ ନ ହେବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ସେହିପରି ଆରୁହା, ଭଜଙ୍ଗା, ଖୋସାଲିପୁର ରେଲୱେ ବ୍ରିଜ, ବ୍ରହ୍ମଣୀ ବ୍ରିଜ, ବରତା, ଓସରା, ଚଢ଼େଇଧରା, ବାଲିସାହି ଆଦି ଅଞ୍ଚଳରେ ଜାତୀୟ ରାଜପଥରେ ଲୋକେ ଯାତାୟତ କରିବାକୁ ଭୟ କରୁଛନ୍ତି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଏହି ଅସନ୍ତୋଷ ନେଇ ଗଭୀର ଦୁଃଖ ପ୍ରକାଶ କରିଥିଲେ। ଏଥିନେଇ ଏକ କମିଟି କରି ତୁରନ୍ତ ଅନୁଧାନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ କହିଥିଲେ ସଡ଼କ ସୁରକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ରାସ୍ତା ଦୂରାବସ୍ଥା ପାଇଁ ସଡ଼କ ଦୁର୍ଘଟଣା ଘଟି ଜୀବନ ଯିବା ଅତ୍ୟନ୍ତ ଅମାନବୀୟ। ଲୋକଙ୍କ ଏଭଳି ଗୁରୁତର ସମସ୍ୟା ସହ ଖେଳିବାକୁ ବରଦାସ୍ତ କରାଯିବ ନାହିଁ। ଏହାସହ ଜିଲ୍ଲାର ବିଭିନ୍ନ ସଡ଼କ ସୁରକ୍ଷା ସମସ୍ୟା ନେଇ ଜିଲ୍ଲାପାଳ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମୁଖ୍ୟତଃ ମଦ୍ୟପ ଡ୍ରାଇଭରଙ୍କ ପାଇଁ ସଡ଼କ ସୁରକ୍ଷା ବିପନ୍ନ ହେଉଥିବାରୁ ଏଥିପ୍ରତି ପୁଲିସ୍ ଓ ପ୍ରଶାସନ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକ, ଶିଶିର କୁମାର ସାହୁ ଚଣ୍ଡିଖୋଲ ଆରଟିଓଙ୍କ ସହ ଜାତୀୟ ରାଜପଥର ଢେଙ୍କାନାଳ, କଟକ, ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟର ଅଧିକାରୀ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସ୍ୱାସ୍ଥ୍ୟ ଗଣଶିକ୍ଷା, ଉଚ୍ଚଶିକ୍ଷା ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହ ଚଣ୍ଡିଖୋଲ ଓ ଯାଜପୁରର ବିଭିନ୍ ଟ୍ରକ, ବସ୍ ମାଲିକ ସଂଘର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।

# ଦଶରଥପୁରରେ ବନ୍ୟା କଷ୍ଟ | ନଦୀରେ ଛାଡ଼ିଛି; ତଳ ମୁଣ୍ଡରେ ମାଡୁଛି

**ଦଶରଥପୁର, ୭।୯ (ସମିସ)**

ବୈତରଣୀ ଏବଂ ତାର ଶାଖା କାଣୀ ନଦୀରେ ଆସିଥିବା ୭ମ ବନ୍ୟାରେ ଦଶରଥପୁର ବ୍ଲକର ତଳ ମୁଣ୍ଡରେ ଥିବା ପଞ୍ଚାୟତ ଗୁଡିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବନ୍ୟାର ସ୍ଥିତିରେ ଉନ୍ନତି ଆସିଥିଲେ ମଧ୍ୟ କାଣୀ ନଦୀ କସପା ପଞ୍ଚାୟତ ଦରଘା ନିକଟରେ ସୃଷ୍ଟି ଘାଇ ମରାମତି କାର୍ଯ୍ୟ ଜାରି ରହିଛି। ବନ୍ୟା ଜଳ ତଳମୁଣ୍ଡ ପଞ୍ଚାୟତର ରାସ୍ତାଘାଟ, ଚାଷ ଜମି, ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବୁଡ଼ି ଯାଇଛି। କଣ୍ଟପଡ଼ା ନିକଟ ମୁକୁଳା ମୁହାଣ ଦେଇ ବନ୍ୟା ଜଳ କୟାଁ ପଞ୍ଚାୟତ ଧରମପୁର, ଗହିରାପାଳ, ଇଚ୍ଛାପୁର, ଗରବନ୍ଧ, ଦରଭା, ଗୁଣ୍ଠୁଣିପଡ଼ା, ମାଧପୁର, ଲକ୍ଷ୍ମୀପୁର, କୟାଁ, ମଲ୍ଲୀପୁର ସମେତ କମାରଢିହି ପଞ୍ଚାୟତର କେଳାଙ୍ଗ, କମାରଢିହି, ସହିମାଡ଼, ଇଟାପଡ଼ା ଆଦି ଗ୍ରାମର ମୁଖ୍ୟ ରାସ୍ତା, ଚାଷଜମି ଜଳମଗ୍ନ ହୋଇଯାଇଛି। ପଞ୍ଚାୟତର ପ୍ରମୁଖ ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁଁ ଅଞ୍ଚଳରେ ରେସନ ସାମଗ୍ରୀ ବଣ୍ଟନରେ ସମସ୍ୟା ଉପୁଜିଛି। ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ରରୁ ରାସନ ସାମଗ୍ରୀ ଆଣିବାରେ ଉପଭୋକ୍ତାଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବଣ୍ଟନ କେନ୍ଦ୍ର ପକ୍ଷରୁ ସାମଗ୍ରୀ ବଣ୍ଟନ ଅବଧି ବନ୍ଦ ହୋଇଯିବ ବୋଲି ଚେତାବନୀ ଦିଆଯିବା ସହ ଉପଭୋକ୍ତାଙ୍କୁ ଶୀଘ୍ରଶୀଘ୍ର ସାମଗ୍ରୀ ନେବାକୁ କୁହାଯାଉଥିବାରୁ ଉପଭୋକ୍ତା ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି। କାହାକୁ ଡଙ୍ଗାରେ ରାସନ ସାମଗ୍ରୀ ଆଣିବାକୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ବେଳେ କିଏ କେମିତି ରାସନ ସାମଗ୍ରୀ ଆଣିବ ଚିନ୍ତାରେ ପଡ଼ିଛନ୍ତି। ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ରାସନ ସାମଗ୍ରୀ ବଣ୍ଟନ ଅବଧି ବୃଦ୍ଧି କରିବା ନେଇ ଉପଭୋକ୍ତାଙ୍କ ପକ୍ଷରୁ ଦାବି ହୋଇଛି।

# କ୍ଷତିଗ୍ରସ୍ତ ସେତୁର ସ୍ଥିତି ଅନୁଧ୍ୟାନ



**ବରୀ, ୭।୯ (ସମିସ):** ଲଗାଣ ବର୍ଷାରେ ଯାଜପୁର ଜିଲ୍ଲାର ସ୍ଥିତି ବେହାଲ ହୋଇ ଯାଇଥିବାବେଳେ ଏହାର ପ୍ରଭାବରେ ଦୁଧେଇ ନାଳ ଉପରେ ଥିବା ସେତୁ କ୍ଷତିଗ୍ରସ୍ତ ହୋଇଛି। ସେତୁ ଟି ଠିଆ ହୋଇଥିବା ବେଳେ ଏହାର ଆପ୍ରୋଚ ରୋଡ ଭାସିଯାଇଛି। ତେବେ କ୍ଷତିଗ୍ରସ୍ତ ସେତୁକୁ ଅନୁଧ୍ୟାନ କରିବା ପାଇଁ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସେଠାରେ ପହଞ୍ଚିଥିଲେ। ଗତ ଗୁରୁବାର ସକାଳେ ବରୀ ନିର୍ବାଚନ ମଣ୍ଡଳୀର ସୁଜନପୁର ଏବଂ ରୁଦ୍ରପୁର ପଞ୍ଚାୟତକୁ ସଂଯୋଗ କରୁଥିବା ଦୁଧେଇ ନାଳ ଉପରେ ଥିବା ପାଇଲିଂ ସେତୁ ସହିତ ଆପ୍ରୋଚ ରୋଡ୍ ଭାସି ଯାଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଜନ ସାଧାରଣ ଯାତାୟାତ ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ କଲେଜ ଯିବା ପାଇଁ ଛାତ୍ରଛାତ୍ରୀ ମଧ୍ୟ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମଲିକ ବିଭାଗୀୟ ଅଧିକାରୀ ମାନଙ୍କ ସହ ସେତୁ ନିକଟରେ ପହଞ୍ଚିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଓ ଡ୍ରେନେଜ୍ ବିଭାଗର ଅଧିକାରୀ ମାନଙ୍କ ସହିତ ଆଲୋଚନା ପରେ ୩୦ ଘଣ୍ଟା ମଧ୍ୟରେ ଲୋକମାନଙ୍କ ଯାତାୟାତ ନିମନ୍ତେ ଏକ ଅସ୍ଥାୟୀ ସେତୁ ନିର୍ମାଣ କରାଯିବ ଓ ପାଣି କମିବା ପରେ ଖୁବ୍ ଶୀଘ୍ର ସ୍ଥାୟୀ ସେତୁ ନିର୍ମାଣ କରାଯିବ ବୋଲି ବରୀ ବିଧାୟକ କହିଛନ୍ତି। ସେହିପରି ସ୍ଥାୟୀ ସେତୁ ନିର୍ମାଣ ସହିତ ଗାଁ ରାସ୍ତା ଘାଟର କିପରି ସୁବିଧା ହୋଇ ପାରିବ ସେ ନେଇ ସ୍ଥାନୀୟ ଲୋକମାନେ ବିଧାୟକଙ୍କୁ ଜଣାଇଥିଲେ।



## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ

# ଆନ୍ଦୋଳନ କରିବେ ବିଭିନ୍ନ ଗଣ ସଂଗଠନ

**ଧର୍ମଶାଳା, ୭।୯ (ସମିସ):** ସମ୍ବିଧାନ ପ୍ରଣେତା ଡ.ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ଧର୍ମଶାଳାରେ ଅସମ୍ମାନିତ କରାଯାଇଛି। ପ୍ରତିମୂର୍ତ୍ତିର ଆଙ୍ଗୁଠି ଭାଙ୍ଗି ସମ୍ବିଧାନକୁ ଅଳିଆ ଗଦାରେ ଫିଙ୍ଗି ଦେବା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆସନ୍ତା ୧୨ ତାରିଖରେ ବିଶାଳ ପ୍ରତିବାଦ କରାଯିବ। ଏ ନେଇ ରବିବାର ପ୍ରୟାଗ କଲ୍ୟାଣ ମଣ୍ଡପ ଧର୍ମଶାଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳିତ ନେତା ସୁରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗୟାଧର ମଲ୍ଲିକ, ଶଶିକାନ୍ତ ମଲ୍ଲିକ, ଦୁଷ୍ମନ୍ତ ଜେନା, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଯତୀନ୍ଦ୍ର ଜେନା, ଆର୍ତ୍ତତ୍ରାଣ ମଲ୍ଲିକ, ରସାନନ୍ଦ ମଲ୍ଲିକ, ପଙ୍କଜ ମଲ୍ଲିକ, ପ୍ରହଲ୍ଲାଦ ମଲ୍ଲିକ, ଗୟାଧର ମଲିକ, କୁଞ୍ଜ ଦଳେଇ, କାଳନ୍ଦୀ ମଲ୍ଲିକ, ଅନାମ ମଲ୍ଲିକ, ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର ପ୍ରମୁଖ ଯୋଗ ଦେଇ ଏଭଳି ଘଟଣାକୁ ତିବ୍ର ନିନ୍ଦା କରିଥିଲେ। ଏହି ବୈଠକରେ ମିଳିତ କ୍ରିୟାନୁଷ୍ଠାନ କମିଟି, ଆମ୍ବେଦକର ଫାଉଣ୍ଡେସନ ସହ, ମୂଳ ନିବାସୀ ସମତା ପରିଷଦ, ମୂଳନିବାସୀ ଛାତ୍ର ସାମ୍ମୁଖ୍ୟ, ଆମ୍ବେଦକର ବିଚାର ମଞ୍ଚ, ମୂଳନିବାସୀ ୟୁନାଇଟେଡ୍ ଫୋରମ ଓଡ଼ିଶା, ଦଳିତ ଅଧିକାର ମଞ୍ଚ ଓଡ଼ିଶା, ଲୋକଶକ୍ତି ଅଭିଯାନ ଭଳି ରାଜ୍ୟର ସଂଗଠନ ଗୁଡିକ ସାମିଲ ହେବା ପାଇଁ ସ୍ଥିର ହୋଇଥିଲା। ଉକ୍ତଦିନ ବିଶାଳ ପ୍ରତିବାଦ ସଭା ଆୟୋଜନ କରାଯିବା ସହ ବାବା ସାହେବଙ୍କୁ ଅପମାନ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ଧର୍ମଶାଳା ବିଡିଓଙ୍କ ଇସ୍ତଫା ଦାବି କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି।

# ଫ୍ୟାନରେ ରଶି ଲଗାଇ ଯୁବକ ମୃତ

**ପାଣିକୋଇଲି, ୭।୯ (ସମିସ):** ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନା ପଞ୍ଚାୟତର ଫର୍ତିପୁର ଗ୍ରାମରେ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ପ୍ରକାଶଯେ ଫର୍ତିପୁର ଗ୍ରାମର ରବୀନ୍ଦ୍ର ମଲିକଙ୍କ ପୁଅ ସୁଦାମ ମଲିକ (୨୮) ଘରେ ରାତ୍ରିରେ ଖାଇପିଇ ଶୋଇଥିଲା। ଆଜି ସକାଳୁ ଘରଲୋକମାନେ ଦେଖିବା ବେଳକୁ ସେ ଫ୍ୟାନରେ ରଶି ଲଗାଇ ଝୁଲି ରହିଛି। ପରିବାର ପକ୍ଷରୁ ତାକୁ ଖୋଲାଯାଇ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାକୁ ସେଠାରେ ମୃତ୍ୟୁଘୋଷଣା କରିଥିଲେ। ଏନେଇ ପାଣିକୋଇଲି ପୁଲିସକୁ ପରିବାର ପକ୍ଷରୁ ଜଣାଇବା ପରେ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ମହାନ୍ତି ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ତାର ମୃତଶରୀରକୁ ପଞ୍ଚନାମା କରାଇ ବ୍ୟବଚ୍ଛେଦ ପାଇ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସୁଦାମର ମୃତ୍ୟୁ ରହସ୍ୟ ଏବେବି ଅସ୍ପଷ୍ଟ ରହିଛି। କେଉଁ ପରିସ୍ଥିତିରେ ଓ କାହିଁକି ସୁଦାମ ଆତ୍ମହତ୍ୟା ଭଳି ପଦକ୍ଷେପ ନେଲା ସେ ନେଇ ପୁଲିସ ତଦନ୍ତ କରୁଛି।

# ମହିଳାଙ୍କୁ ହତ୍ୟା ଅଭିଯୋଗରେ ୩ କୋର୍ଟଚାଲାଣ

**ବ୍ରହ୍ମବରଦା, ୭।୯ (ସମିସ):** ବ୍ରହ୍ମବରଦା ଥାନା ଅର୍ନ୍ତଗତ ମଙ୍ଗଳପୁର ପଞ୍ଚାୟତ ରାଏପଡ଼ା ଗ୍ରାମର ଶୁକ୍ରବାର ମହିଳାଙ୍କ ଝୁଲନ୍ତା ମୃତ ଦେହ ଜବତ ଘଟଣାରେ ବ୍ରହ୍ମବରଦା ପୁଲିସ ୨୧୨/୨୫ରେ ମାମଲା ରୁଜୁ କରି ସ୍ୱାମୀ ଜଗନ୍ନାଥ ମିଶ୍ର (୩୭), ନଣନ୍ଦ ସରସ୍ୱତୀ ମିଶ୍ର (୪୫), ଭଣଜା ସ୍ନେହାଶିଷ ପଣ୍ଡା (୨୭)ଙ୍କୁ କୋର୍ଟ ଚାଲାଣ କରିଥିବା ବ୍ରହ୍ମବରଦା ଥାନା ପକ୍ଷରୁ ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ଜଗନ୍ନାଥ ମିଶ୍ର ଢେଙ୍କାନାଳ ଜିଲ୍ଲା, ନିହଲ ପ୍ରସାଦ ଥାନା ଅର୍ନ୍ତଗତ ବେଗା ଗ୍ରାମର ବ୍ରଜବନ୍ଧୁ ପଣ୍ଡାଙ୍କ ଝିଅ ରୁଚିସ୍ମିତା (ବର୍ଷା) ୭ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଗତ ଶୁକ୍ରବାର ମଧ୍ୟାହ୍ନ ସମୟରେ ସ୍ୱାମୀ ଜଗନ୍ନାଥ ଓ ସ୍ତ୍ରୀ ରୁଚିସ୍ମିତା ପଣ୍ଡା (ବର୍ଷା) (୨୪) କୌଣସି କାରଣରୁ ଝଗଡ଼ା ହୋଇଥିଲା ଝଗଡ଼ା ପରେ ସ୍ୱାମୀ ଜଗନ୍ନାଥ କୁଆଡେ ଚାଲିଯାଇଥିଲେ। ସନ୍ଧ୍ୟା ସମୟରେ ଜଗନ୍ନାଥ ଘରକୁ ଫେରିଆସିଥିଲେ। ସ୍ତ୍ରୀ ବର୍ଷା ଘରର କବାଟ ନଖୋଲିବାରୁ ସ୍ୱାମୀ ପାଖ ପଡେଶୀଙ୍କୁ ଜଣାଇଥିଲେ। ପଡୋଶୀଙ୍କ ସହାୟତାରେ ଘରର କବାଟ ଭାଙ୍ଗ ବେଦଖନ୍ତି ତ ବର୍ଷା ଫ୍ୟାନରେ ଝୁଲିଛନ୍ତି। ସଙ୍ଗେ ସେଙ୍ଗେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ରୁଚିସ୍ମିତା ପଣ୍ଡା (ବର୍ଷା)ଙ୍କ ବାପ ଘରକୁ ସ୍ୱାମୀ ଫୋନ ଯୋଗେ ଜଣାଇଥିଲେ। ବାପା ବ୍ରଜବନ୍ଧୁ ପଣ୍ଡା ପହଞ୍ଚି ବ୍ରହ୍ମବରଦା ଥାନାରେ ମୋ ଝିଅକୁ ଯୌତୁକ ପାଇଁ ମାରି ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି ଲିଖିତ ଅଭିଯୋଗ କରିଥିଲେ। ଗତ ଶନିବାର ଦିନ ବର୍ଷାଙ୍କ ଶବ ବ୍ୟବଚ୍ଛେଦ ପରେ ଝିଅଘରର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣାରେ ଅଟକ ଥିବା ସ୍ୱାମୀ, ନଣନ୍ଦ, ଭଣଜାଙ୍କୁ ଆଜି ସକାଳେ କୋର୍ଟ ଚାଲାଣ କରିଥିବା ଏସଆଇ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ବର୍ଷାଙ୍କ ୬ବର୍ଷ ଓ ୪ବର୍ଷର ଦୁଇଟି ପୁଅ ଥିବା ଜଣାପଡ଼ିଛି।

# ଖଣ୍ଡରା ହାଇସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଦଶରଥପୁର, ୭।୯ (ସମିସ):** ଦଶରଥପୁର ଶିକ୍ଷା ମଣ୍ଡଳ ଅଧୀନ ଖଣ୍ଡରା ସ୍ଥିତ ପିଏମଶ୍ରୀ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ପଣ୍ଡା ପ୍ରାଥମିକ ସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପଣ୍ଡା ମାଧ୍ୟମିକ ସ୍ତରରେ ସମାନ ପୁରସ୍କାର ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଟାଉନ ସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଉଭୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଷାରକାନ୍ତି ମିଶ୍ର, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ ସେମାନଙ୍କୁ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି।



# ଜଗନ୍ନାଥ ମନ୍ଦିରରେ ଭାଗବତ ପାଠ ମହୋତ୍ସବ

**ଯାଜପୁର, ୭।୯ (ସମିସ):** ପବିତ୍ର ଭାଗବତ ଜନ୍ମ ଅବସରରେ ଯାଜପୁର ସହରସ୍ଥିତ ଦଶାଶ୍ୱମେଧ ଘାଟ ନିକଟରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଗୀତାଜାଗରଣ ପରିଷଦ ପକ୍ଷରୁ ଭାଗବତ ଜନ୍ମ ଉପଲକ୍ଷେ ଭାଗବତ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୀତା ଜାଗରଣ ପରିଷଦର ଅଧ୍ୟକ୍ଷା ଆଇନଜୀବୀ ପ୍ରତିମା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଭାଗବତ ଜନ୍ମ ଉପରେ ଚର୍ଚ୍ଚା, ଭାଗବତ ମହତ୍ୱ ଉପରେ ଆଲୋଚନା ହୋଇଥିବା ବେଳେ ମନ୍ଦିରର ପୂଜକ, ଆଳତୀ ନୈବେଦ୍ୟ ପୂଜାର୍ଚ୍ଚନା କରିଥିଲେ। ଏହା ଏକ ଭକ୍ତିପୂର୍ଣ୍ଣ ଭାବପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶରେ ସମସ୍ତ କାର୍ଯ୍ୟ ସମାପନ କରାଯାଇଥିଲା। ଏହି ସଭାରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ସାଂସ୍କୃତି ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ଅକ୍ଷୟ ମିଶ୍ର, ଜନାର୍ଦ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ।

# ନିଖିଳ ଓଡ଼ିଶା ପାଚିକା ମହାସଂଘର ବୈଠକ



**ଦାନଗଦି, ୭।୯ (ସମିସ):** ନିଖିଳ ଓଡ଼ିଶା ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ମହାସଂଘ ଅନୁବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ଯାଜପୁର ଜିଲ୍ଲା ଦାନଗଦି ଶାଖା ଆନୁକୂଲ୍ୟରେ ବ୍ଲକ ହାଟପଡ଼ିଆରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦାନଗଦି ବ୍ଲକ ସଭାପତି ସୁକୁଟି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପାଚକପାଚିକା ମାନେ ଯୋଗ ଦେଇ ସେମାନଙ୍କ ୭ ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ସେମାନଙ୍କ ପାରିଶ୍ରମିକ ମଜୁରୀ ବୃଦ୍ଧି ସମ୍ପର୍କରେ ଆଲୋଚନା ମୁଖ୍ୟ ପ୍ରସଙ୍ଗ ଥିଲା। ବୈଠକରେ ରାଜ୍ୟ ସଂଘ ସଂଯୋଜକ ପ୍ରଦୀପ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ସଭାପତି ସୁମିତ୍ରା ରଥ ମୁଖ୍ୟବକ୍ତା, ସମ୍ମାନିତ୍ ଅତିଥି ଭାବେ ଜଗନ୍ନାଥ ମୁଦୁଲି, ଉପସଭାନେତ୍ରି ଝରଣା ପାତ୍ର, ସାଧାରଣ ସମ୍ପାଦିକା ରୀନାରାଣୀ ସାହୁ, ସହ ସମ୍ପାଦିକା ବାସନ୍ତୀ ସାହୁ, ଟିକିନା ସାହୁ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କ୍ଷେତ୍ରରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ୧୨ ମାସର ଦରମା ଦିଆଯାଉଥିବା ବେଳେ କେବଳ ପାଚିକା ମା' ମାନଙ୍କୁ ୧୦ ମାସ ଦିଆଯାଉଥିବା ଦରମାକୁ ପରିବର୍ତ୍ତନ କରାଯାଇ ୧୨ ମାସର ଦିଆଯାଉ ବୋଲି ସେମାନେ ଦାବି ରଖିଥିଲେ।

# ବାବା ବଗେଇ ବିଶ୍ୱେଶ୍ୱର ମନ୍ଦିରରେ ସଫେଇ



**ଯଖପୁରା, ୭।୯ (ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ବାଲୁଙ୍ଗାବନ୍ଦୀ ଗ୍ରାମର ପ୍ରସିଦ୍ଧ ବାବା ବଗେଇ ବିଶ୍ୱେଶ୍ୱର ମନ୍ଦିର ପରିସରରେ ନୂତନ କରି ଗଠିତ ମନ୍ଦିର ପରିଚାଳନା କମିଟି ତରଫରୁ ରବିବାର ମନ୍ଦିର ପରିସରକୁ ସଫା ସୁତରା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ମନ୍ଦିର ପରିସରରେ ଥିବା ଆବର୍ଜନା ଓ ଅନାବନା ଘାସକୁ ସଫା କରାଯାଇଥିଲା। ପରେ ସଦସ୍ୟମାନଙ୍କ ସହଭାଗିତାରେ ସମୂହ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ପ୍ରଚେଷ୍ଟାରେ ଭକ୍ତମାନଙ୍କ ପାଇଁ ପ୍ରସାଦ ବିତରଣ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ବଇନ ଚରଣ ରାଉତ, ଉପସଭାପତି ସନ୍ତୋଷ ଧଳ, କୋଷାଧ୍ୟକ୍ଷ ରାକେଶ କୁମାର ଆଇଚ, ସମାଜସେବୀ ପ୍ରକାଶ ବେହେରା, ସହ ବହୁ ସଦସ୍ୟଙ୍କ ସକ୍ରିୟ ଭୂମିକା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ନିଷ୍ପତ୍ତି ହେଲା ଯେ ପ୍ରତ୍ୟେକ ମାସର ୧୫ତାରିଖ ମନ୍ଦିର ପରିସରରେ କମିଟି ବୈଠକ ହୋଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ରିଜୋଲୁସନ୍ ନିଆଯିବ। କମିଟିର ସଭାପତି ବଇନ ଚରଣ ରାଉତ କହିଛନ୍ତି ମନ୍ଦିରର ପରିଷ୍କାର ପରିବେଶ ଓ ସବୁଜାୟନରେ ଏହା ଏକ ଆରମ୍ଭ। ଭବିଷ୍ୟତରେ ଭକ୍ତମାନଙ୍କ ସୁବିଧା ଓ ମନ୍ଦିରର ସମଗ୍ର ବିକାଶ ପାଇଁ ଅଧିକ କାର୍ଯ୍ୟହାତକୁ ନିଆଯିବ।

## ବ୍ରିଗେଡ଼ ସ୍କୁଲରେ ଗୁରୁ ଦିବସ

**ଧର୍ମଶାଳା, ୭।୯ (ସମିସ):** ଧର୍ମଶାଳା ବ୍ଲକ ସିଂହାରସାହିସ୍ଥିତ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ଼ ସ୍କୁଲରେ ଶିଶୁଦିବସ ପାଳିତ ହୋଇଯାଇଛି। ସମ୍ପାଦକ ଗୋପୀନାଥ ଦଳେଇଙ୍କ ସଭାପତିତ୍ୱରେ ଅୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ଚନ୍ଦ୍ର ରାଉତ, ଉପେନ୍ଦ୍ରନାଥ ସାହୁ, ସହ ସମ୍ପାଦକ ସୋମନାଥ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଦ୍ୱୟଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ସ୍କୁଲରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଶିକ୍ଷୟିତ୍ରୀ ଅର୍ପିତା ଦଳାଇ ଧନ୍ୟବାଦ ଦେଇଥିଲେ।

# ମହିଳା ବିକାଶ କେନ୍ଦ୍ର ସଭ୍ୟାଙ୍କ ସ୍ମୃତିସଭା



**ଧର୍ମଶାଳା, ୭।୯ (ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ସକ୍ରିୟ ସଦସ୍ୟା ସ୍ୱର୍ଗତା ସବିତା ଜେନାଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଜଗନ୍ନାଥ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବ୍ରହ୍ମବରଦା ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ୀ, ଇଂ. ନିମାଇ ଚରଣ ପଣ୍ଡା, ସମାଜକର୍ମୀ ଅଭିମନ୍ୟୁ ଧଳ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ରାଘବ ବାବା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତା ସବିତା ଜେନାଙ୍କ ବହୁମୁଖି ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ଶୋକସଭାରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ବଳଭଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା କବି ଡ. ଗୌତମ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଣ୍ଡିତ କାହ୍ନୁଚରଣ ଦାଶଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ ଗୀତାର ଅଷ୍ଟାଦଶ ଅଧ୍ୟାୟ ପାଠ କରାଯାଇଥିଲା। ସମାଜସେବୀ ମୀନତି ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତ୍ରିଲୋଚନ ରାଉତ, ଜୟଶ୍ରୀ ନାୟକ, ସ୍ମୃତିପ୍ରଜ୍ଞା ଜେନା, ଆଇନଜୀବୀ ଶ୍ୟାମାପ୍ରସାଦ ଦାଶ ସମେତ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ବହୁ ମହିଳା ଯୋଗଦେଇଥିଲେ।

# ବିଦାହେଲେ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା

**ଯାଜପୁର, ୭।୯ (ସମିସ):** ଦାଦା ବଟି ଆଦାୟ ଘଟଣାରେ ବିବାଦୀୟ ହୋଇପଡ଼ିଥିବା ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଜେନାଙ୍କୁ ସାମୟିକ ଦାୟିତ୍ୱ ଦିଆଯାଇଛି।



ମଧୁସ୍ମିତାଙ୍କ ବିରୋଧରେ କୌଣସି ଅଭିଯୋଗ ନଥାଇ ନିର୍ଦ୍ଦୋଶ ବ୍ୟକ୍ତିଙ୍କୁ ଜିଲ୍ଲା ବାହାରକୁ ଯାଇ ଉଠାଇ ଆଣି ଥାନାରେ ୩ ଦିନ ଅଟକ ରଖିବା ଏବଂ ସେମାନଙ୍କ ସମ୍ପର୍କିୟଙ୍କ ଠାରୁ ଟଙ୍କା ଆଦାୟ କରିବା ଅଭିଯୋଗ ହୋଇଥିଲା। ଏ ନେଇ ଉଭୟ ବଡ଼ଚଣା ଏବଂ କଟକ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହେବା ସହିତ ପୁଲିସ ଡିଜି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ତେବେ ଏହି ବଟି ଆଦାୟ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ସାମ୍ବାଦିକଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟ ପକ୍ଷରେ କିଛି ଦିନ ତଳେ ଏକ ଗୋରୁଗାଡ଼ି ଜବତ ଘଟଣାରେ ମଧ୍ୟ ସେ ବିବାଦୀୟ ହୋଇପଡ଼ିଥିଲେ।

# ସ୍ୱାମୀ ମୌନାନନ୍ଦ ସରସ୍ୱତୀଙ୍କ ବ୍ରହ୍ମଲୀନ ମହୋତ୍ସବ

**କବାଟବନ୍ଧ, ୭।୯ (ସମିସ)**




ବିଭିନ୍ନ ସାଧୁ ସନ୍ଥ ଏବଂ ଭକ୍ତଙ୍କ ସମାଗମରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମଧୁପୁର ବେଢ଼ା ଶ୍ରୀଗୁରୁ ଆଶ୍ରମରେ ସନ୍ଥ ଶିରୋମଣି ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦ମ ବାର୍ଷିକ ବ୍ରହ୍ମଲୀନ ଦିବସ ମହାସମାରୋହରେ ପାଳନ ହୋଇଯାଇଛି। ଶ୍ରୀ ଗୁରୁ ଆଶ୍ରମ ଏବଂ ସିଦ୍ଧେଶ୍ୱର ପୀଠର ପ୍ରତିଷ୍ଠାତା ଏହି ବ୍ରହ୍ମଲୀନ ଦିବସ ଅବସରରେ ଚଳିତ ମାସ ୧ ତାରିଖରୁ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଆରମ୍ଭ ହୋଇ ପବିତ୍ର ଇନ୍ଦ୍ର ପୂର୍ଣ୍ଣିମା ଏବଂ ଭାଗବତ ଜନ୍ମ ତିଥିରେ ସମାପ୍ତ ହୋଇଛି। ଆଶ୍ରମର ବାବା ଜ୍ଞାନାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତା ଓ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟଙ୍କ ସଂଯୋଜନାରେ ଏକ ଆଧାନିକ ସନ୍ଥ ସମ୍ମିଳନୀ ଆୟୋଜିତ ହୋଇଥିଲା। ବାବା ସଚ୍ଚିଦାନନ୍ଦ ଦାସ, ବାବାଜୀ ହରିହର ଦାସ, ବାବାଜୀ କୁଞ୍ଜବିହାରୀ ଦାସ, ସ୍ୱାମୀ ସ୍ମୃତିସାଗରାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟ ଧର୍ମାନନ୍ଦ ସରସ୍ୱତୀ, ବାବାଜୀ ଜଗନ୍ନାଥ ଦାସ, ଫଳାହାରି ବାବା ବାବାଜୀ ନିଳାମ୍ବର ଦାସ, ବାବାଜୀ କୃଷ୍ଣ ଦାସ, ଅଧିକାରୀ ଶରତ ଦାସ, ସ୍ୱାମୀ ଦିବ୍ୟଲୋଚନ ଦାସ, ବାବା ପର୍ଶୁରାମ ଦାସ ପ୍ରମୁଖ ବିଶ୍ୱକଲ୍ୟାଣ ଏବଂ ଜୀବଜଗତ ପାଇଁ ପ୍ରତ୍ୟେକ ମଣିଷ ଆଧାତ୍ମିକ ମନୋଭାବ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଅମରପ୍ରସାଦ ଶତପଥୀ, ବିଜେପି ନେତା ପବିତ୍ରମୋହନ ଦାଶ, ବରିଷ୍ଠ ସାମ୍ବାଦିକବେଣୁଧର ପଣ୍ଡା ପ୍ରମୁଖ ଆଶ୍ରମ ପ୍ରତିଷ୍ଠାତା ବାବା ମୌନାନନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଶିଷ୍ଟ ବ୍ୟବସାୟୀ ବାଇଧର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ନଟବର ସାହୁ, ସେବକ ପୂର୍ଣ୍ଣଚନ୍ଦ୍ର ରାଉତ, ଇଂ.ସରୋଜ ବେହେରା, ପବିତ୍ରରଞ୍ଜନ ମହାନ୍ତି, ଗଣେଶ୍ୱର ପଣ୍ଡା, ବବି ଦାସ, ପ୍ରଭାକର ବେହେରା, ଗନ୍ଧର୍ବ ପରିଡ଼ା, ଗନ୍ଧର୍ବ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୁର୍ଘଟଣାରେ ୭ ଗୋରୁ ମୃତ

**ପାଣିକୋଇଲି, ୭।୯ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ଅଜଣା ଗାଡି ଧକ୍କାରେ ୭ଟି ନିରୀହ ଗୋରୁଙ୍କ ଜୀବନ ଯାଇଛି। ଏବେ ରାଜପଥ ରାସ୍ତା ପାଲଟିଛି ଗୋରୁ ଗୋଠ। ଯାହା ଫଳରେ ସେମାନଙ୍କ ଜୀବନ ଯିବା ସହିତ ଲୋକମାନଙ୍କ ଜୀବନ ହାନୀ ହେଉଛି। ଗତ ଦୁଇ ଦିନ ତଳେ ଷଣ୍ଢକୁ ଧକ୍କା ଦେଇ କାର୍ ଓଲଟିବାରୁ ଚାଳକର ଜୀବନ ଯାଇଥିଲା। ସବୁ ପରେ ବି ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନନେବାରୁ ସେମାନଙ୍କ ସହିତ ଅନେକ ଧନଜୀବନ ହାନୀ ହେଉଛି। ଏନେଇ ସରକାର କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ମୃତ ଗୋରୁମାନଙ୍କର ସାମାଜିକ କର୍ମୀ ବା ଗୋ ସେବକମାନଙ୍କ ଦ୍ୱାରା ଜାତୀୟ ରାଜପଥ ବିଭାଗ ସହାୟତାରେ ସତ୍କାର କରାଯାଇଛି।

# ସମ୍ପାଦକୀୟ



ଶାନ୍ତି କେବଳ ହିଂସାର ଅନୁପସ୍ଥିତିକୁ ବୁଝାଏ ନାହିଁ, ବାସ୍ତବ ଅର୍ଥରେ ଏହା ହେଉଛି ମାନବୀୟ କରୁଣାର ପ୍ରଦର୍ଶନ।
-ଦଲାଇ ଲାମା

ସକାଳ THE SAKALA

## ସବୁଜ ଇନ୍ଧନର ଆହ୍ୱାନ

ଭାରତର ବାଣିଜ୍ୟ-ଅର୍ଥନୀତିର ମୁଖ୍ୟ ଆହ୍ୱାନ ହେଉଛି ଇନ୍ଧନ। ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଏହି ଦେଶର ଇନ୍ଧନ ଚାହିଦା ବଢ଼ିଚାଲିଥିବା ବେଳେ ଏଥିରେ ଜୀବାଶ୍ମ ଇନ୍ଧନର ସିଂହଭାଗ ଅବଦାନ ରହୁଛି ଏବଂ ତୈଳ ଚାହିଦାର ୮୦% ପର୍ଯ୍ୟନ୍ତ ଭାରତକୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ଏହାଦ୍ୱାରା ଚାଲୁ ଖାତା ନିଅଣ୍ଟ(କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ସହିତ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ସାମ୍ପ୍ରତିକ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟ ତିକ୍ତତାକୁ ଇନ୍ଧନ ଯୋଗାଇଛି ରୁଷ୍‌ରୁ ଭାରତର ବହୁଳ ଇନ୍ଧନ ଆମଦାନୀ। ଏହି ପୃଷ୍ଠଭୂମିରେ ସୁଖର କଥା ଭାରତ ସ୍ୱଚ୍ଛ ଓ ସବୁଜ ଇନ୍ଧନ ନିର୍ଭରଶୀଳତା ଧାର୍ଯ୍ୟ ଲକ୍ଷ୍ୟର ବହୁପୂର୍ବରୁ ହାସଲ କରିବାକୁ ଯାଉଛି। ଏହାଫଳରେ ଇନ୍ଧନ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ବହୁ ପରିମାଣରେ ହ୍ରାସ ପାଇବାର ଆଶା ସଞ୍ଚାର ହୋଇଛି।

ଗତ ଜୁନ୍ ଶେଷ ସୁଦ୍ଧା ଦେଶର ମୋଟ ଶକ୍ତି ଯୋଗାଣ ୪୮୪.୮୨ ଗିଗାୱାଟ୍ ହୋଇଥିବା ବେଳେ ସେଥିରୁ ପ୍ରାୟ ଅଧା ଅର୍ଥାତ୍ ୨୨.୭୮ ଗିଗାୱାଟ୍‌ର ଉତ୍ସ ଥିଲା ଜଳବିଦ୍ୟୁତ୍, ଆଣବିକ, ସୌର ଓ ପବନ ଶକ୍ତି। ୨୦୩୦ ସୁଦ୍ଧା ଦେଶର ମୋଟ ଶକ୍ତି ଚାହିଦାର ୫୦% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା କରିବା ପାଇଁ ଭାରତ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ବେଳେ ତାହାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିବା ପରିବେଶ ସୁରକ୍ଷା ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି। ଏଥିସହିତ ଜୀବାଶ୍ମ ଇନ୍ଧନ ଆମଦାନୀ ଜନିତ ଅର୍ଥନୈତିକ ବୋଝ ହ୍ରାସ କରିବା ଦିଗରେ ଏକ ଶୁଭସଙ୍କେତ ଦେଇଛି।

ଏହି ସଫଳତା ପଛରେ ସୌରଶକ୍ତିର ଅବଦାନ ଉଲ୍ଲେଖନୀୟ ନ ହେଲେ ମଧ୍ୟ ଉତ୍ସାହଜନକ ଓ ପ୍ରେରଣାପ୍ରଦ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ବିଗତ ଦୁଇବର୍ଷ ମଧ୍ୟରେ ୨୪ଗିଗାୱାଟ୍ ଉତ୍ପାଦନ କରିପାରିଛି। ନିର୍ମାଣାଧୀନ ଅନେକ ପ୍ରକଳ୍ପ ଆଗାମୀ ବର୍ଷେ/ଦୁଇବର୍ଷ ଭିତରେ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ସବୁଜ ଶକ୍ତିରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି ଆଶା ସୃଷ୍ଟି ହେବା ସ୍ୱାଭାବିକ। ଏହାଛଡ଼ା ଭାରତ ଦଶଟି ଆଣବିକ ଶକ୍ତି ଉତ୍ପାଦନ ପ୍ରକଳ୍ପ(ଭାରତ ସ୍ମଲ୍ ମଡ୍ୟୁଲାର ରିଆକ୍ଟର) କାର୍ଯ୍ୟ ତ୍ୱରିତ୍ ଗତିରେ ଚାଲୁଛି। ଏବେ ଆଣବିକ ଶକ୍ତି ଯୋଗାଣ ୧୭ ଗିଗାୱାଟ୍ ଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି।

ଅଣ-ଜୀବାଶ୍ମ ଇନ୍ଧନରେ ଭାରତର ଏହି ସଫଳତା ଉଲ୍ଲେଖନୀୟ ଓ ଉତ୍ସାହପ୍ରଦ ହେଲେ ମଧ୍ୟ ଆହୁରି ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ସବୁଜ ଶକ୍ତି ବା ଅଣ-ଜୀବାଶ୍ମ ଇନ୍ଧନ ଶକ୍ତିରେ ଜଳବିଦ୍ୟୁତ୍ ଶକ୍ତିର ଅବଦାନ ସିଂହଭାଗ ଥିବା ବେଳେ ତା'ପଛକୁ ରହିଛି ସୌରଶକ୍ତି ପ୍ରକଳ୍ପ। କିନ୍ତୁ ଏ ଦୁଇଟି ସମ୍ପୂର୍ଣ୍ଣ ରୂପେ ଜଳବାୟୁ ଓ ପାଣିପାଗ ଉପରେ ନିର୍ଭରଶୀଳ। ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ବିନା ଅଧପନ୍ତରିଆ ରହିଛି। ତେଣୁ ଭାରତକୁ ଆଣବିକ ଇନ୍ଧନ ଓ ସବୁଜ ଉଦ୍‌ଜାନ ଶକ୍ତି ଉତ୍ପାଦନରେ ଅଧିକ ପୁଞ୍ଜିନିବେଶ କରିବା ଆବଶ୍ୟକ। ଏଥିସହିତ ବିଦ୍ୟୁତ୍ ଚାଳିତ ଯାନ(ଇଭି) ଉତ୍ପାଦନ ଓ ବ୍ୟବହାରକୁ ଭାରତ ଯେତେଶୀଘ୍ର ତ୍ୱରାନ୍ୱିତ କରିବ ଜୀବାଶ୍ମ ଇନ୍ଧନ ଜନିତ ଜଞ୍ଜାଳରୁ ସେତେଶୀଘ୍ର ମୁକ୍ତି ମିଳିବ। ସେହିପରି ଭାରତର ମୋଟ୍ ବିଦ୍ୟୁତ୍ ଚାହିଦାର ମାତ୍ର ୨୮% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା ହୋଇପାରୁଥିବା ବେଳେ ବାକି ଅଂଶ ପାଇଁ ଆମେ ସମ୍ପୂର୍ଣ୍ଣ ରୂପେ କୋଇଲା, ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉପରେ ନିର୍ଭର କରୁଛୁ। ଶକ୍ତି ନିର୍ଭରଶୀଳତାକୁ କ୍ରମଶଃ କୋଇଲା ବା ତାପଜ ବିଦ୍ୟୁତ୍‌ରୁ ସବୁଜ ବିଦ୍ୟୁତ୍‌କୁ ରୂପାନ୍ତରିତ କରିବାକୁ ପଡ଼ିବ।

ସବୁଜ ଇନ୍ଧନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ କେତେକ ପ୍ରତିବନ୍ଧକ ରହିଛି ସେଥିରେ ମୁଖ୍ୟ ହେଉଛି ଶକ୍ତି ଭଣ୍ଡାରଣ। ୨୦୨୪ ଶେଷ ସୁଦ୍ଧା ଭାରତର ସବୁଜ ଶକ୍ତି ଭଣ୍ଡାରଣ କ୍ଷମତା ୫ ଗିଗାୱାଟ୍‌ରୁ ମଧ୍ୟ କମ୍ ଥିବା ବେଳେ ବ୍ୟାଟେରି ଭଣ୍ଡାରଣ ପରିମାଣ ଥିଲା ମାତ୍ର ୧୧୦ ମେଗାୱାଟ୍। ଉତ୍ପାଦିତ ଶକ୍ତିକୁ ଗଚ୍ଛିତ କରି ରଖି ଠିକ୍ ସମୟରେ ବିତରଣରେ ସମତୁଲତା ପାଇଁ ସମ୍ପୂର୍ଣ୍ଣ ଦକ୍ଷତା ଆହରଣ କରିପାରିଲେ ଶକ୍ତି ଚାହିଦା-ଯୋଗାଣ ଆହ୍ୱାନକୁ ସଫଳ ମୁକାବିଲା କରିହେବ। କିନ୍ତୁ ସବୁଜ ଶକ୍ତି ଭଣ୍ଡାରଣ ଭିତ୍ତିଭୂମି ନିର୍ମାଣ ବ୍ୟୟ ଓ ସମୟସାପେକ୍ଷ। ଏହି ସମସ୍ୟା ଦୂର କରିବା ପାଇଁ 'ଏକ ଦେଶ ଏକ ଗ୍ରୀଡ୍' ଭଳି ଅଭିନବ ଯୋଜନାକୁ ପାଇଲଟ୍ ପ୍ରକଳ୍ପ ଭିତ୍ତିରେ କାର୍ଯ୍ୟକାରୀ କରାଯାଇପାରେ। ଉଦାହରଣସ୍ୱରୂପ ପଶ୍ଚିମ ଭାରତ ତୁଳନାରେ ସୌରଶକ୍ତିର ଉପଲବ୍ଧତା ଉତ୍ତର-ପୂର୍ବ ଭାରତରେ ବହୁତ କମ୍ ଏବଂ ମଧ୍ୟ-ଭାରତ, ଦକ୍ଷିଣ-ଭାରତ ଓ ପୂର୍ବ-ଭାରତର ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ପଶ୍ଚିମ ଭାରତ ତୁଳନାରେ ବହୁ ଅଧିକ। ସେହିପରି ଉପକୂଳ ଭାରତରେ ପବନ ଶକ୍ତିର ଉପଲବ୍ଧତା ଆଭ୍ୟନ୍ତରୀଣ ଭାରତ ତୁଳନାରେ ପର୍ଯ୍ୟାପ୍ତ। 'ଏକ ଦେଶ ଏକ ଗ୍ରୀଡ୍'ରେ ସମନ୍ୱୟ ରକ୍ଷା ହୋଇପାରିଲେ ଗ୍ରୀଷ୍ମଋତୁରେ ଉତ୍ତର-ପୂର୍ବ ଓ ପୂର୍ବ ଭାରତ ପଶ୍ଚିମ ଭାରତରୁ ସୌରଶକ୍ତି ଏବଂ ବର୍ଷା ଋତୁରେ ପଶ୍ଚିମ ଭାରତ ଅବଶିଷ୍ଟ ଭାରତରୁ ଜଳବିଦ୍ୟୁତ ଶକ୍ତି ପାଇପାରିବ। ଏ ଦିଗରେ କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷ(ସିଇଏ) ଦେଶର ପ୍ରତ୍ୟେକ ସୌରଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କୁ ଏକ ମାର୍ଗଦର୍ଶିକା ଜାରି କରି ଭଣ୍ଡାରଣ ଓ ବିତରଣ ବ୍ୟବସ୍ଥାକୁ ସୁସଂହତ କରିବାକୁ ଉପଦେଶ ଦେଇଛି। କିନ୍ତୁ ରାଜ୍ୟମାନଙ୍କର ଉଦାସୀନତା କାରଣରୁ ଏହା ସଫଳ ହୋଇପାରିନଥିବାରୁ ଧାର୍ଯ୍ୟ ସମୟ ସୀମାକୁ ଇତିମଧ୍ୟରେ ବୃଦ୍ଧି କରାଯାଇଛି। କେତେକ ସ୍ଥାନରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀଗତ ବିଳମ୍ବ କାରଣରୁ ଆନ୍ତଃରାଜ୍ୟ ଗ୍ରୀଡ୍ ସଂଯୋଗ ପ୍ରକଳ୍ପ ଅଟକି ଯାଇଛି। ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ।

ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟ ବ୍ୟାଟେରି ଭଣ୍ଡାରଣ କ୍ଷମତାକୁ ୫୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଗିଗାୱାଟ୍ ଆୱାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ଚୂଡ଼ାନ୍ତ କରିଛି। ୨୦୩୨ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଏ ଦିଗରେ ମଧ୍ୟ ମୁଖ୍ୟ ବାଧକ ସାଜିଛି ଚୀନ୍। ଏବେ ବ୍ୟାଟେରି ଭଣ୍ଡାରଣ ଉପକରଣ ଓ ଜ୍ଞାନକୌଶଳରେ ଚୀନ୍ ବିଶ୍ୱର ସିଂହଭାଗ ଦଖଲ କରିଥିବା ବେଳେ ଭାରତକୁ ବିରଳ ମୃତ୍ତିକା ରପ୍ତାନି କାଣ୍ଟଛାଣ୍ଟ କରିଛି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହୋଇପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଶା ସଦ୍ୟ ସମାପ୍ତ ଏସ୍‌ସିଓ ବୈଠକରେ ଭାରତ ଏ ପ୍ରସଙ୍ଗ ଚୀନ୍ ଆଗରେ ଉପସ୍ଥାପନ କରିଥିବେ।

# ଓଡ଼ିଶାରେ ଅସୁସ୍ଥ ସ୍ୱାସ୍ଥ୍ୟସେବା

**ଡ. ପ୍ରଫୁଲ୍ଲ କୁମାର ସାହୁ**

ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ସୁସ୍ଥତା ହିଁ ସ୍ୱାସ୍ଥ୍ୟ, ଯାହା ମଣିଷର ମୌଳିକ ଆବଶ୍ୟକତା। ଉପନିଷଦ କହେ - 'ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍'। ଅର୍ଥାତ୍ ସୁସ୍ଥ ଶରୀର ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦନ ସମ୍ଭବ। ସୁସ୍ଥ ନାଗରିକ ହେଉଛନ୍ତି ଦେଶର ମୁଖ୍ୟ ସମ୍ବଳ। ରାଜ୍ୟ ଓ ଦେଶର ପ୍ରଗତିରେ ଥାଏ ସ୍ୱାସ୍ଥ୍ୟସେବାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ। ତେଣୁ ସମସ୍ତଙ୍କୁ ସବୁଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। ବିଶେଷକରି ସ୍ୱାସ୍ଥ୍ୟସେବା ସର୍ବଦା ସମ୍ବେଦନଶୀଳ, ସହଜଲବ୍ଧ, ଗୁଣବତ୍ତା ସଂପନ୍ନ ଓ ଉତ୍ତରଦାୟୀ ହେବା ଜରୁରୀ। ଉପରୋକ୍ତ ପ୍ରେକ୍ଷାପଟରେ ବିଚାର କଲେ ଭାରତବର୍ଷରେ ସାର୍ବଜନୀନ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ତୁଳନାତ୍ମକ ଭାବେ ଓଡ଼ିଶାର ସ୍ଥିତି ଆହୁରି ନୈରାଶ୍ୟଜନକ।

ଇଣ୍ଡିୟାନ ପବ୍ଲିକ ହେଲ୍‌ଥ ଷ୍ଟାଣ୍ଡାର୍ଡ ନିର୍ଦ୍ଧାରିତ ମାନ ଅନୁସାରେ ସମତଳ ଅଞ୍ଚଳରେ ପ୍ରତି ୩୦ହଜାର ଲୋକଙ୍କ ପାଇଁ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧ଲକ୍ଷ ୨୦ ହଜାର ଲୋକଙ୍କ ପାଇଁ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ଆବଶ୍ୟକ। ସେହିପରି ଆଦିବାସୀ ଅଧ୍ୟୁଷିତ ବନାଞ୍ଚଳରେ ପ୍ରତି ୨୦ ହଜାର ଲୋକରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୮୦ହଜାର ଲୋକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ବ୍ୟବସ୍ଥାସମ୍ମତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ହିସାବ ଅନୁଯାୟୀ ପ୍ରତି ଏକହଜାର ଲୋକରେ ଜଣେ ଡାକ୍ତର ରହିବା ଆବଶ୍ୟକ ଥିବା ସ୍ଥଳେ ଓଡ଼ିଶାରେ ୧୯୪୩ ଜଣ ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର। ତଥ୍ୟ ଅନୁସାରେ ଓଡ଼ିଶାରେ ମୋଟ ୧୮୧୫ଟି ଏଲୋପାଥି ଡାକ୍ତରଖାନା ଅଛି ଏବଂ ସେସବୁ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୬୭୧୯। ବିଡ଼ମ୍ବନାର ବିଷୟ ସେଥିମଧ୍ୟରୁ ୪୩୧୫ ଜଣ ନିୟମିତ ଡାକ୍ତର ଥିବା ବେଳେ ଖାଲି ପଡ଼ିଛି ୨୦୦୪ଟି ନିୟମିତ ଡାକ୍ତର ପଦବୀ।

ଜୀବନ ରକ୍ଷାକାରୀ ସେବାପରାୟଣ ଡାକ୍ତରଙ୍କୁ କୁହାଯାଏ ଦ୍ୱିତୀୟ ଈଶ୍ୱର। ଦ୍ୱିତୀୟ ଈଶ୍ୱର ସୃଷ୍ଟି କରିବା ତଥା ଉଚ୍ଚମାନର ରୋଗୀସେବା ପ୍ରଦାନ କରିବା ମେଡିକାଲ କଲେଜଗୁଡ଼ିକର ଗୁରୁଦାୟିତ୍ୱ। ମାତ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଓଡ଼ିଶାରେ ଡାକ୍ତରୀଶିକ୍ଷା ବ୍ୟବସ୍ଥା ଏବେ ଅବହେଳିତ। ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ସମେତ ରାଜ୍ୟରେ ଥିବା ବିଭିନ୍ନ କିସମର ୧୬ଟି ମେଡିକାଲ କଲେଜରେ ଲାଗି ରହିଛି ଶିକ୍ଷକ ମରୁଡ଼ି।

ଓଡ଼ିଶାରେ ବହୁଳ ଆଦୃତ, ପ୍ରଚଳିତ ସାଫଲ୍ୟମଣ୍ଡିତ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ବଦଳରେ ରାଜ୍ୟରେ ଲାଗୁ ହୋଇଛି କେନ୍ଦ୍ର ସରକାରଙ୍କର ବହୁ ଚର୍ଚ୍ଚିତ ଆୟୁଷ୍ମାନ ଭାରତ ଯୋଜନା। କୌଣସି ଏକ ପ୍ରଚଳିତ ଯୋଜନାଠାରୁ ଅନ୍ୟ ଏକ ଯୋଜନାକୁ ଉତ୍କୃଷ୍ଟ ସାବ୍ୟସ୍ତ କରିବାକୁ ହେଲେ ତାହା ପ୍ରଚଳିତ ଯୋଜନା ଅପେକ୍ଷା ସୁଲଭ ସରଳ ଓ ସର୍ବଗ୍ରାହ୍ୟ ହେବା ଆବଶ୍ୟକ। ମାତ୍ର ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ତତ୍କାଳ ସେବା ଯୋଗାଇବା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ ଯୋଜନା ତୁଳନାରେ ଆୟୁଷ୍ମାନ ଭାରତ ଯୋଜନା ଖୁବ୍ ଦୁର୍ବଳ। ଏଥିରେ ଆଶୁ ସେବା ଯୋଗାଇବା କ୍ଷେତ୍ରରେ ବାଧକ ହୋଇଛି ଅନାବଶ୍ୟକ ତଥ୍ୟବହୁଳ ଓ ସର୍ତ୍ତ ସମ୍ବଳିତ ପଞ୍ଜିକରଣ ପ୍ରକ୍ରିୟା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ କି ଆୟୁଷ୍ମାନ ଭାରତ ଯୋଜନା, ଏ ବାବଦରେ ସରକାର ଦେଉଥିବା ଲକ୍ଷଲକ୍ଷ ଟଙ୍କାର ଅନୁଦାନ ତୁଳନାରେ ରାଜ୍ୟରେ ସୁଦୃଢ଼ ଚିକିତ୍ସା ଭିତ୍ତିଭୂମି ନଥିବାରୁ ଏହାର ସୁଯୋଗ ନେଉଛନ୍ତି ସେବାକୁ ବେପାର ଭାବରେ ଗ୍ରହଣ କରିଥିବା ଘରୋଇ ଡାକ୍ତରଖାନାର ମାଲିକମାନେ। ସରକାରୀ ଅଧିକାରୀଙ୍କ ସହିତ ସଲାସୁତୁରା କରି ସେମାନେ ମାଲେମାଲ ହେଉଛନ୍ତି ଉପରୋକ୍ତ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ। ଏହି ଯୋଜନା ଅନ୍ତର୍ଗତ କେଉଁ ରୋଗ ପାଇଁ ସରକାର କେତେ ଟଙ୍କା ଦେବେ, ତାହା ନିର୍ଦ୍ଧାରଣ କରିବାରେ ବି ରହିଛି ସେମାନଙ୍କ ପ୍ରଚ୍ଛନ୍ନ ହାତ।

ଗଲା କେତେବର୍ଷ ମଧ୍ୟରେ ଗମନାଗମନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇଥିବା ସତ୍ତ୍ୱେ ରାଜ୍ୟରେ ଏମିତି ସାତ ହଜାରରୁ ଅଧିକ ଅପହଞ୍ଚ ଗାଁ ଅଛି, ଯେଉଁଠିକି ଯାଇ ପାରୁନି ଆମ୍ବୁଲାନ୍ସ। ସେହିସବୁ ଗାଁ ଲୋକଙ୍କ ପାଇଁ କୌଣସି ଅର୍ଥ ବହନ କରେନି ୧୦୮ ଆମ୍ବୁଲାନ୍ସ ସେବା। ଗ୍ରାମାଞ୍ଚଳର ଆଉଏକ ସମସ୍ୟା ହେଉଛି ସେଠାକାର ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତରମାନଙ୍କ ଅନୁପସ୍ଥିତି। ଗ୍ରାମାଞ୍ଚଳରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ପ୍ରାୟତଃ ସହରରେ ରୁହନ୍ତି ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଯାଆନ୍ତି ନାହିଁ କି ସେଠାରେ ରୋଗୀ ଦେଖନ୍ତିନି ନିର୍ଦ୍ଧାରିତ ସମୟରେ। ଉପାନ୍ତ ଅଞ୍ଚଳରେ କିଛି ଡାକ୍ତରଖାନାରେ ଡାକ୍ତର ଓ ନର୍ସଙ୍କ ଅନୁପସ୍ଥିତିରେ ରୋଗୀ ସେବା କରନ୍ତି ସୁଇପର ଓ ରାତ୍ରି ଜଗୁଆଳି।

ଆମ ସମାଜରେ ଆଜି ବି ଏମିତି ଡାକ୍ତର ଅଛନ୍ତି, ଯେଉଁମାନଙ୍କ ପାଇଁ ରୋଗୀସେବା ଏକ ବୃତ୍ତି ନୁହେଁ ପ୍ରବୃତ୍ତି। ଏକ ସଂକଳ୍ପ। ଏହି ଉତ୍ସର୍ଗୀକୃତ ଡାକ୍ତରଙ୍କ ମିଠାକଥାରେ, ଶ୍ରଦ୍ଧାଶୀଳ ଆଚରଣରେ, ସ୍ପର୍ଶରେ ରୋଗୀ ଅନୁଭବ କରେ ଅଧା ଉପଶମ। ସେମାନଙ୍କ ନିଃସର୍ତ୍ତ ସେବାପଣ ଆଗରେ ନଇଁଯାଏ ମଥା। ଆଉ ଏକ କିସମର ଡାକ୍ତର ଅଛନ୍ତି, ଯିଏ ଲାଭ ଓ ଲୋଭର ତରାଜୁରେ ମାପନ୍ତି ସେବାର ମାନ। ଏମାନେ ସରକାରୀ ଚାକିରିରେ ଥାଇ ସୁଦ୍ଧା ଅଧିକ ସମୟ ଦିଅନ୍ତି ଘରୋଇ ଚିକିତ୍ସାରେ। ଘରୋଇ ଚିକିତ୍ସାର ଅର୍ଥ ନୁହେଁ, ଯୋଜନାବଦ୍ଧ ଭାବରେ ସରକାରୀ ଡାକ୍ତରଖାନା ପ୍ରତି ଅନାସ୍ଥାଭାବ ସୃଷ୍ଟି କରି ରୋଗୀକୁ ଘରୋଇ ଚିକିତ୍ସା ଆଡ଼କୁ ଟାଣିବା। ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ହିଁ ବିଡ଼ମ୍ବିତ ସତ୍ୟ। ଏହି କାରଣରୁ ଆଶ୍ଚର୍ଯ୍ୟଜନକ ଭାବେ ଅଚଳ ହୋଇଯାଏ ସରକାରୀ ଡାକ୍ତରଖାନାର ବହୁ ମୂଲ୍ୟବାନ ଯନ୍ତ୍ରପାତି।

ଗଲା କେତେ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଅନେକଗୁଡ଼ିଏ କର୍ପୋରେଟ ପରିଚାଳିତ ଡାକ୍ତରଖାନା ପ୍ରତିଷ୍ଠା ହୋଇପାରିଛି ଏବଂ ଘରୋଇ ଡାକ୍ତରଖାନାଗୁଡ଼ିକ ପାଇଁ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସିପାରିଛି ବୈପ୍ଳବିକ ପରିବର୍ତ୍ତନ। ଜଟିଳ ରୋଗର ଚିକିତ୍ସା ପାଇଁ ଆଉ ଯିବାକୁ ପଡୁନି ଦିଲ୍ଲୀ, ମୁମ୍ବାଇ ଓ ବାଙ୍ଗାଲୋର। ସବୁ ପ୍ରକାର ଚିକିତ୍ସା ସୁବିଧା ଓଡ଼ିଶାର ଘରୋଇ ଡାକ୍ତରଖାନାରେ ଉପଲବ୍ଧ। ଏସବୁ ଡାକ୍ତରଖାନାର ଚିକିତ୍ସା ବ୍ୟବସ୍ଥା ଯେତିକି ଉଚ୍ଚମାନର, ତଣ୍ଟିକଟା ଯୋଜନା ସେତିକି ସୁପରିକଳ୍ପିତ। ରୋଗୀ ମରିଗଲା ପରେ ବି ତା' ଦେହରେ ଭେଣ୍ଟିଲେଟର ଲଗାଇ ପରିବାର ଲୋକଙ୍କଠାରୁ ଶୋଷଣ କରାଯାଏ ଟଙ୍କା। ରୋଗୀ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଭୁକ୍ତ ହୋଇଥିଲେ, ରୋଗୀ ଆରୋଗ୍ୟ ପରେ ବି ଚିକିତ୍ସା ଚାଲେ ନିର୍ଦ୍ଧାରିତ ଅର୍ଥରାଶି ହଡ଼ପ ସରିବା ପର୍ଯ୍ୟନ୍ତ। ସାଧାରଣ ଲୋକଙ୍କୁ ଅଳ୍ପ ଖର୍ଚ୍ଚରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସର୍ତ୍ତରେ ଏମାନେ ଶାଗମାଛ ଦରରେ ହାତେଇଛନ୍ତି ମୂଲ୍ୟବାନ ସରକାରୀ ଜମି। ସର୍ତ୍ତ ଖିଲାପ ପରେ ବି ସେମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବା ପରିବର୍ତ୍ତେ ସେମାନଙ୍କ ବ୍ୟବସାୟ ବଢ଼େଇବା ପାଇଁ ଜାଣିଶୁଣି ସରକାରୀ ଡାକ୍ତରଖାନାରେ ସୃଷ୍ଟି କରାଯାଉଛି ଅଚଳାବସ୍ଥା।

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ଆଉ ଏକ ସମସ୍ୟା ହେଉଛି ନକଲି ଓ ନିମ୍ନମାନର ଔଷଧ। ନିମ୍ନମାନର ଔଷଧ ଯେତିକି ବିପଦଜ୍ଜନକ, ନକଲି ଔଷଧ ସେତିକି ମାରାତ୍ମକ। ରୋଗୀ ଔଷଧ ଖାଏ ରୋଗ ଭଲ ହେବା ପାଇଁ। ମାତ୍ର ରୋଗ ଭଲ ହେବା ତ ଦୂରର କଥା ନକଲି ଔଷଧ ରୋଗୀ ଦେହରେ ସୃଷ୍ଟି କରେ ନୂଆ ରୋଗ। ଏହି ଦୃଷ୍ଟିରୁ ଯେଉଁମାନେ ନକଲି ଔଷଧ କାରବାର କରନ୍ତି, ସେମାନେ ଜଣେ ଜଣେ ହତ୍ୟାକାରୀ ବା ଜୀବନଭକ୍ଷକ। ଅସାଧୁ ବ୍ୟକ୍ତି ବା ଫାର୍ମାସ୍ୟୁଟିକାଲ କମ୍ପାନୀ ଦ୍ୱାରା ନକଲି ଔଷଧ ତିଆରି ହୁଏ, ଯା'ର ଏକମାତ୍ର ଉଦ୍ଦେଶ୍ୟ ଅସାଧୁ ଉପାୟରେ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ। ଆମ ରାଜ୍ୟରେ ବିଭିନ୍ନ ସମୟରେ ନକଲି ଔଷଧ ଜବତ ହେଉଥିଲେ ବି ଦୋଷୀ ଧରାପଡୁନାହାନ୍ତି, କିମ୍ବା ଧରାପଡ଼ିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ଯାହା ଦୁର୍ଭାଗ୍ୟଜନକ। ନକଲି ଔଷଧ ଯୋଗୁଁ ହେଉଥିବା ମୃତ୍ୟୁ ପାଇଁ କେବଳ ତା'ର ନିର୍ମାତା ଓ ବ୍ୟବସାୟୀ ଦାୟୀ ନୁହନ୍ତି, ଏଥିପାଇଁ ସରକାରୀ ବ୍ୟବସ୍ଥା ମଧ୍ୟ ଦାୟୀ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

# ଆତ୍ମହତ୍ୟା ପ୍ରବଣତା ଏକ ଅସୁସ୍ଥ ମାନସିକତା

**ଅର୍ଜୁନ ଘଡ଼େଇ**

ଯେକୌଣସି ଗୁରୁତର ସମସ୍ୟାର ସାମାଧାନ ପାଇଁ ଅନେକ ଉପାୟ ନିର୍ଣ୍ଣୟ କରାଯାଇପାରେ। କିନ୍ତୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମସ୍ୟାର ସମାଧାନ କରି ନ ପାରି ଆତ୍ମହତ୍ୟା ପରି ନିଷ୍ଠୁର, ଅଶୋଭନୀୟ, ବିବେକହୀନ, ଅଯୌକ୍ତିକ ଓ ଅସାମାଜିକ କାର୍ଯ୍ୟକୁ ଆପଣେଇ ନେବା ଏକ ସୁସ୍ଥ ମାନସିକତାର ପରିଚାୟକ ନୁହେଁ। ଏହାଦ୍ୱାରା ନା ହୁଏ ସମାସ୍ୟାର ସମାଧାନ ନା ମିଳେ ଆତ୍ମସମ୍ମାନ। ତେଣୁ ନିଜକୁ ଅସହାୟ, ନିରୁପାୟ ଭାବି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ଏକମାତ୍ର ବିକଳ୍ପ ନୁହେଁ। ସଂସାର ଅଛି ମାନେ ସମସ୍ୟା ଅଛି - ସମାଧାନ ବି ଅଛି। ଶୀଘ୍ର ନହେଲେ ବି ବିଳମ୍ବରେ ହେଇପାରେ। ଜୀବନ ଅଛି ମାନେ ଯନ୍ତ୍ରଣା ବି ରହିବ। କିନ୍ତୁ ଯନ୍ତ୍ରଣାରୁ ଉପଶମ ପାଇଁ ବା ମୁକ୍ତ ହେବା ପାଇଁ ଆତ୍ମହତ୍ୟା କରିବା ଅମାନବିକ, ଅନୈତିକ ଓ ଅପରିଣାମଦର୍ଶୀ କାର୍ଯ୍ୟ ଭାବେ ବିବେଚନା କରିବାକୁ ହେବ।

ଅଧିକାର ସାବ୍ୟସ୍ତ ପାଇଁ ସଂଗ୍ରାମ କରିବା, ସମସ୍ୟା ବିରୁଦ୍ଧରେ ସଂଗ୍ରାମ ପାଇଁ ଶକ୍ତି ସଂଚୟ କରିବା, ବଞ୍ଚିବା ପାଇଁ ଉପାୟ ଖୋଜିବା ଆମର ସନ୍ତୁଳିତ ମାନସିକତାର ଗଠନପୂର୍ଣ୍ଣ କର୍ତ୍ତବ୍ୟ ହେବା ବିଧେୟ। ଆମ ପୂର୍ବସୂରୀ, ଜ୍ଞାନୀ, ଗୁଣୀ, ସମାଜ ସେବୀ, ତ୍ୟାଗୀ ମହାପୁରୁଷମାନଙ୍କର କର୍ତ୍ତବ୍ୟ ସମୂହରୁ ଆମେ ଏମିତି ଅନେକ ଶିକ୍ଷା ପାଇଛେ, ଯାହାକୁ ଆଧାର କରି ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଯାଇ ଫେରିଆସିଛନ୍ତି। ପରବର୍ତ୍ତୀ ଜୀବନରେ ସମାଜ ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରିଛନ୍ତି। କିନ୍ତୁ ଆଜିର ସମାଜରେ ଲୋକମାନଙ୍କ ମନରେ ଆତ୍ମହତ୍ୟା ପ୍ରବଣତା ଯେପରି ବୃଦ୍ଧିପାଇଛି, ଦେଖିଲେ ଯେତିକି ଦୁଃଖଲାଗୁଛି ସେତିକି ବିସ୍ମୟାଭିଭୂତ ହେବାକୁ ପଡୁଛି। ଏହା ଆମ ଅସ୍ଥିର ଭାବନା ଓ ଧୈର୍ଯ୍ୟଚ୍ୟୁତି ଯୋଗୁଁ ଯେ ଘଟୁଛି ଏହା ନିଃସନ୍ଦେହ।

ଅନେକ କାରଣରୁ ଆମ ମନ ବିଚଳିତ ହୁଏ। ବିଚାରରେ ବିଭ୍ରାଟ ସୃଷ୍ଟି ହୁଏ। ମାନସିକ ଅବସ୍ଥା ଅସ୍ଥିର ହୁଏ। ବେଳେବେଳେ ପରିବାରର ଆତ୍ମୀୟ, ରକ୍ତ ସମ୍ପର୍କୀୟ, ସମାଜର ଅସାମାଜିକ ଚରିତ୍ର, ନ୍ୟାୟିକ ବ୍ୟବସ୍ଥା ଓ ଆଇନ କାନୁନ୍ ସୁରକ୍ଷା ପାଇଁ ନିଯୁକ୍ତ ଥିବା, ଦାୟିତ୍ୱ ବହନ କରିଥିବା ବ୍ୟକ୍ତିବିଶେଷ - ଏସମସ୍ତଙ୍କର ଏଥିରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ହାତଥାଏ। ଜଣଙ୍କୁ ଆତ୍ମହତ୍ୟା ନ କରିବା ପାଇଁ ସେମାନେ ସେମାନଙ୍କର ଦାୟିତ୍ୱ ସଠିକ ଭାବେ ନିର୍ବାହ କରିପାରନ୍ତି ନାହିଁ। କିନ୍ତୁ ଆମେ ଯେଉଁମାନେ ଏପରି ନୀତିହୀନ କାର୍ଯ୍ୟ କରିବାକୁ ପ୍ରୟାସ କରୁଛେ, ଆମେ କ'ଣ ନିଜକୁ ଜଣେ ବିଚାରବନ୍ତ ମଣିଷଭାବେ ପରିଚୟ ଦେଇପାରିବା ନାହିଁ? ଆମର ଶିକ୍ଷା, ଦୀକ୍ଷା, ସାମାଜିକ ଦାୟିତ୍ୱବୋଧ, ନୀତି, ନୈତିକତା କ'ଣ ଆମକୁ ବିପତ୍ତି, ବିପର୍ଯ୍ୟୟରୁ ମୁକ୍ତ କରିପାରିବ ନାହିଁ? ଏଥିପାଇଁ ଦୃଢ଼ ମନୋବଳ ସହ ଧୈର୍ଯ୍ୟ, ପ୍ରାଜ୍ଞ, ସହନଶୀଳତା ଆଦି ପ୍ରାଣ ସୁରକ୍ଷାକାରୀ ଚେତନାଗୁଡ଼ିକୁ ଉଜ୍ଜୀବିତ କରିବାକୁ ପଡ଼ିବ ଶେଷ ଜୀବନ ହେବା ଯାଏଁ।

ଏ ଜୀବନ ଆମର ନୁହେଁ- ଏହା ଈଶ୍ୱର ପ୍ରଦତ୍ତ ବା ଐଶୀଶକ୍ତି ସମ୍ପର୍କୀତ, ଯାହା ଆମେ ଆଧ୍ୟାତ୍ମିକ ତତ୍ତ୍ୱ ସମୂହରୁ ଜାଣିଛେ। ଯାହା ଆମର ଅଧିକାର ନୁହେଁ ତାହା ଆମେ ଧ୍ୱଂସ କରିବାକୁ ପ୍ରୟାସ କରି ଅମାନବିକତାର ପରିଚୟ ଦେବା ଉଚିତ ନୁହେଁ।

ଜୀବନରେ ଯୋଗ, ଆସନ, ପ୍ରାଣାୟମ ଆଦି ଦ୍ୱାରା ମନ, ଚିତ୍ତରେ ସ୍ଥିରତା ଆସେ। ଧୈର୍ଯ୍ୟଭାବ ସୃଷ୍ଟି ହୁଏ। ଏକଥା ପିଲାଦିନୁ ଅଭ୍ୟାସ କଲେ ପିଲାଟି ବଡ଼ ହେଲା ପରେ ନିଜକୁ ସଶକ୍ତ କରି ଗଢ଼ିପାରିବ। ଦ୍ୱିତୀୟରେ ପିଲା ଦିନରୁ ପ୍ରାପ୍ତବୟସ୍କ ହେବା ପର୍ଯ୍ୟନ୍ତ ଅନେକ ପିଲା ପରିବାରଠାରୁ ଦୂରରେ ରହି ଶିକ୍ଷାଗ୍ରହଣ କରୁଛନ୍ତି। ସେମାନେ ପାରିବାରିକ ସ୍ନେହ, ଶ୍ରଦ୍ଧା, ସମ୍ପର୍କକୁ ବୁଝିବାରେ ଅସମର୍ଥ ହୋଇ ଏ କାର୍ଯ୍ୟ ଯୋଗୁଁ ସେମାନଙ୍କ ପରିବାର ଲୋକେ କେତେ ଦୁଃଖ ପାଇବେ ତାହା ଅନୁଭବରେ ଆଣିପାରୁନାହାନ୍ତି। ତୃତୀୟରେ ବ୍ୟକ୍ତିଟିର କୌଣସି ତ୍ରୁଟିଯୁକ୍ତ କାର୍ଯ୍ୟକୁ ଅତ୍ୟଧିକ ସମାଲୋଚନା ନକରି ସେହି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେବା ଆମ ପରିବାର ଲୋକ, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ଉପଯୁକ୍ତ କର୍ତ୍ତବ୍ୟ ହେବା ବିଧେୟ। ତାହା କରିବାରେ ଆମର ଅବହେଳା ହେଉଛି। ଆଇନ୍ ସୁରକ୍ଷାକାରୀଙ୍କ କାଳକ୍ଷେପଣ ନୀତି, କିମ୍ବା ଅଣଦେଖା ଦ୍ୱାରା ଅନେକ ବ୍ୟକ୍ତି ଠିକ୍‌ସମୟରେ ଉପଯୁକ୍ତ ନ୍ୟାୟ ନ ପାଇ ଅସହାୟ ମନେ କରି ଆତ୍ମହତ୍ୟା ଆଡ଼କୁ ମନ ବଳାଉଛନ୍ତି। ନ୍ୟାୟିକ ବ୍ୟବସ୍ଥାରେ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରୁଥିବା କିମ୍ବା ନିଜେ କରୁଥିବା ବ୍ୟକ୍ତିମାନଙ୍କୁ ତତ୍‌କ୍ଷଣାତ୍, ସର୍ବସମ୍ମୁଖରେ କଠୋର ଶାସ୍ତି ଦେବାର ବ୍ୟବସ୍ଥା କରାଯାଇପାରୁନାହିଁ। ଏପରି ଅନେକ କାରଣ ଯୋଗୁଁ ଅତ୍ୟାଚାରିତ, ନିଷ୍ପେଷିତ, ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଆଗେଇ ଆସୁଛନ୍ତି।

ଏହା ସର୍ବଶେଷ ନିଷ୍ପତ୍ତି ହୋଇନପାରେ। ଏଥିପାଇଁ କିଛି ସମୟ ପାଇଁ ଏପରି ଅନୁଷ୍ଠାନ ବା ସ୍ଥାନମାନଙ୍କଠାରୁ ଦୂରେଇ ଯାଇ ଏକ ନିରାପଦ ସୁରକ୍ଷା ପ୍ରଦାନକାରୀ ସ୍ଥାନ ସ୍ଥିର କରି କିଛିଦିନ ଅତିବାହିତ କରିଦେଲେ ମାନସିକତାରେ ପରିବର୍ତ୍ତନ ଆସିଯାଇପାରେ କିମ୍ବା ଅନ୍ୟ କିଛି ସମାଧାନର ସୂତ୍ର ବାହାରିପାରେ। ସମୟ ସ୍ରୋତରେ ଭାସିନଯାଇ ପ୍ରତିକୂଳରେ ଗତି କରିବା ଶିଖିବା ଆବଶ୍ୟକ। ବିଶୃଙ୍ଖଳିତ ସାମାଜିକ ବ୍ୟବସ୍ଥାକୁ ପ୍ରତିହତ କରିବା ବୁଦ୍ଧିମତ୍ତାର ପରିଚୟ ହୋଇଥାଏ। ପରିବାରଠାରୁ ସମାଜ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ସ୍ତରରେ ଏଥିପାଇଁ ସଚେତନା ସୃଷ୍ଟି କଲେ ଆତ୍ମହତ୍ୟା ପ୍ରବଣତା ସମାଜରେ କମିଯିବ - ଏ ବିଶ୍ୱାସ ରଖିବା ଉଚିତ। ସାମାଜିକ ପରିସ୍ଥିତିକୁ ଲକ୍ଷ୍ୟ କରି ବିଭିନ୍ନ ସାମାଜିକ ସଂଗଠନ କିମ୍ବା ଧାର୍ମିକ ଅନୁଷ୍ଠାନ ଏ ଦିଗରେ ଆଲୋଚନା କରି ଜନ ସଚେତନତା ସୃଷ୍ଟି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଲୋକମାନଙ୍କ ମନରୁ ଏପରି କୁତ୍ସିତ ଚିନ୍ତାଧାରା କିପରି ଦୂର କରାଯାଇପାରିବ ସେଥିପାଇଁ ସରକାରୀ ଓ ବେସରକାରୀ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

ମଣିଷ ଅମୃତର ସନ୍ତାନ। ଭଗବାନଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି। ଯେଉଁ ଆତ୍ମାର ଗତି, ସ୍ଥିତି, ବିଲୟ ଆମ ଅଧିକାର ଭୁକ୍ତ ନୁହେଁ, ସେ ଆତ୍ମାକୁ ଶେଷ କରିବାର ନିଷ୍ପତ୍ତି ଆମେ ନେବା ଉଚିତ କି? ଥରେ ହୁଏତ ଏତିକି ଅନୁଭବ କଲେ ସବୁଦିନ ପାଇଁ ଆତ୍ମହତ୍ୟା କରିବାର ମାନସିକତା ଦୂର ହୋଇଯା'ନ୍ତା।

ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮୬୧୫)

## ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

**ଅମରପୋଇ**

**ପ୍ରକୃତି-ପରିବେଶ**

ଅମରପୋଇ ମାଡାଗାସ୍କର ଏବଂ ଦକ୍ଷିଣ ଆଫ୍ରିକାର ମୂଳ ଜାତ। କିନ୍ତୁ ସାରା ବିଶ୍ୱରେ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ପ୍ରାକୃତିକ ହୋଇସାରିଛି। ଏହା ସାଧାରଣତଃ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ ଦେଖାଯାଏ। ଅମରପୋଇ ଏକ ବହୁବର୍ଷୀୟ ରସାଳ, ଚମକଦାର ଔଷଧି ତୃଣ ଯାହା ପ୍ରାୟ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଅଦ୍ଭୁତ ଚିକିତ୍ସା କ୍ଷମତା ଯୋଗୁଁ ଅମରପୋଇକୁ 'ଅଦ୍ଭୁତ ପତ୍ର' ଓ 'ଜୀବନ ଉଦ୍ଭିଦ' କୁହାଯାଏ। କାଣ୍ଡଗୁଡ଼ିକ ହାଲୁକା ସବୁଜ ରଙ୍ଗର। ପତ୍ରଗୁଡ଼ିକ ପ୍ରତି ଗଣ୍ଠିରୁ ଦୁଇଟି ଲେଖା ବିପରୀତ ଦିଗରେ ଉତ୍ପନ୍ନ ହୋଇଥାଏ। ଫୁଲଗୁଡ଼ିକ ଲମ୍ବିତ ଓ ବଡ଼। ଫୁଲର କେଲିକ୍ସ ଅର୍ଥାତ ବହିରାବରଣ ବା ବୃତି ମଣ୍ଡଳ ସବୁଜ ଏବଂ ଉପର ଭାଗରେ ଫିକା ସବୁଜ। ଫୁଲର କରୋଲା ବା ପାଖୁଡ଼ା ଲମ୍ବା ନଳାକାର, ଲାଲ-ବାଇଗଣୀ ଓ ମୂଳରେ ଅଷ୍ଟକୋଣୀୟ। ଫଳଟି କ୍ୟାଲିକ୍ସ ଓ କୋରୋଲା ମଧ୍ୟରେ ଆବଦ୍ଧ ରହିଥାଏ। ବିହନଗୁଡ଼ିକ ଛୋଟ, ମସୃଣ ଓ ଆୟତରେ ଅଣ୍ଡାକାର।

ଅମରପୋଇରେ ଉପସ୍ଥିତ ଫାଇଟୋକେମିକାଲ୍ ବା ଜୈବ ରସାୟନିକ ଉପାଦାନଗୁଡ଼ିକ ହେଉଛି ଆଲକାଲଏଡ୍, ସାପୋନିନ୍, ଫ୍ଲାଭୋନଏଡ୍, ଟାନିନ୍ ଓ କାର୍ଡିଆକ୍ ଗ୍ଲାଇକୋସାଇଡ୍ (ବ୍ରାୟୋଫିଲିନ୍-ଏ), ଇତ୍ୟାଦି। ପୁଷ୍ଟିକର ବିଶ୍ଳେଷଣ ଦର୍ଶାଏ ଯେ ଏଥିରେ କାର୍ବୋହାଇଡ୍ରେଟ୍ ବା ଶର୍କରା ପରିମାଣ ସର୍ବାଧିକ ଏବଂ ଏସ୍ ବା ପାଉଁଶ ସର୍ବନିମ୍ନ ଥାଏ। କ୍ୟାଲସିୟମ ଓ ପୋଟାସିୟମ୍ ସ୍ତର ପ୍ରାଧାନ୍ୟ ବିସ୍ତାର କଲା ବେଳେ ସୀସା ଓ ଜିଙ୍କ୍ ସର୍ବନିମ୍ନର ସ୍ତରରେ ଥାଏ। ଏଥିରେ ଫ୍ଲାଭୋନଏଡ୍ସ ଓ ଫେନୋଲିକ୍ ଯୌଗିକ ଉପାଦାନ ପରି ଆଣ୍ଟିଅକ୍ସିଡାଣ୍ଟ, ଅକ୍ସିଡେଟିଭ୍, ଆଣ୍ଟି-ଇନଫ୍ଲେମେଣ୍ଟାରୀ, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିଫଙ୍ଗାଲ, ଆନାଲ୍ଜେସିକ୍, ଡାଏ଼ୟୁରେଟିକ, ଗୁଣ ଭରପୂର ରହିଛି। ଅମରପୋଇର ସବୁଠାରୁ ଜଣାଶୁଣା ବ୍ୟବହାର ମଧ୍ୟରୁ ଗୋଟିଏ ହେଉଛି କିଡନୀ ବା ବୃକକ୍ ପଥର ଚିକିତ୍ସା। ଉଦ୍ଭିଦର ଔଷଧୀୟ ବ୍ୟବହାର ମଧ୍ୟରେ ହୃତପିଣ୍ଡ ସ୍ୱାସ୍ଥ୍ୟକୁ ଉନ୍ନତ କରିବାଠାରୁ ଆରମ୍ଭ କରି ପାଚନ ଅସ୍ୱସ୍ତିର ଦୂର, ରକ୍ତ ଚାପ ଓ ରକ୍ତ ସର୍କରା ନିୟନ୍ତ୍ରଣ, କୋଲେଷ୍ଟ୍ରଲ୍ ସ୍ତର ହ୍ରାସ, ରକ୍ତ ସଞ୍ଚାଳନକୁ ଉନ୍ନତ, ଆସ୍ଥମା, ବ୍ରୋଙ୍କାଇଟିସ୍, ଦୀର୍ଘକାଳୀନ କାଶ, ଶ୍ୱାସକ୍ରିୟା ସମସ୍ୟା, ଆର୍ଥ୍ରାଇଟିସ୍, ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ପ୍ରଦାହ, ଫୁଲା ଓ ଯନ୍ତ୍ରଣା ହ୍ରାସ, ଚର୍ମ ରୋଗ ଚିକିତ୍ସା, ପୋଡ଼ାଜଳା, କଟା, ଫୋଡ଼ା, କୀଟପତଙ୍ଗ କାମୁଡ଼ା ଚିକିତ୍ସା, କୋଷ୍ଠକାଠିନ୍ୟ, ଅଜୀର୍ଣ୍ଣ, ମୁଣ୍ଡବିନ୍ଧା, ଋତୁସ୍ରାବ ଯନ୍ତ୍ରଣା, ମେଦ ବହୁଳତା, କଳାଦାଗ ହ୍ରାସର ଚିକିତ୍ସା ଆଦି ରହିଛି।

ଯଦିଓ ଆମରପୋଇ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ, ଏହାର କିଛି ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ସଚେତନ ରହିବା ଆବଶ୍ୟକ ଏବଂ ସ୍ୱାସ୍ଥ୍ୟସେବା ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଅତ୍ୟନ୍ତ ଜରୁରୀ। ଗର୍ଭବତୀ ପ୍ରସୂତିମାନେ ବିଶେଷଜ୍ଞଙ୍କ ପରାମର୍ଶ ବିନା ଅମରମୋଇ ବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି।

ଅମରପୋଇର ବିବିଧ ଔଷଧୀୟ ବ୍ୟବହାର ଏହାକୁ ପ୍ରାକୃତିକ ଆରୋଗ୍ୟ ପାଇଁ ଏକ ପସନ୍ଦର ଉଦ୍ଭିଦ କରିଥାଏ। ସୁସ୍ଥ ଓ ସତେଜ ରହିବା ପାଇଁ ଏହି ତୃଣ ପୂର୍ଣ୍ଣ ସୂର୍ଯ୍ୟ କିରଣରୁ ଆଂଶିକ ଛାଇ ଆବଶ୍ୟକ କରେ। ଏହା ଥଣ୍ଡା ପ୍ରତିରୋଧୀ ନୁହେଁ ଏବଂ ଥଣ୍ଡା ପରିସ୍ଥିତିରେ ବଞ୍ଚି ରହେ ନାହିଁ। ସେଭଳି ପରିସ୍ଥିତିରେ ଏହାର ମୂଳର ଚାରିପାଖରେ ମାଟିରେ ମଲ୍‌ଚ କିମ୍ବା ଗୋଡ଼ିର ଏକ ସ୍ତର ରଖିବା ଦ୍ୱାରା ଏହାକୁ ଉଷ୍ମ ରଖିବାରେ ସାହାଯ୍ୟ କରିପାରିବ। ଏହାକୁ ଏକ ଭଲ ବାୟୁଚଳନ ସ୍ଥାନରେ ରଖିବା ଉଚିତ। ଏହାର ବଂଶବିସ୍ତାର ସହଜରେ ବିହନ କିମ୍ବା ପତ୍ର, କାଣ୍ଡ କିମ୍ବା ଅଗ୍ରଭାଗ କଟିଙ୍ଗ ଦ୍ୱାରା ପ୍ରସାରିତ ହୁଏ। ନୂତନ ଚାରା ପତ୍ର ଧାରରେ ସୃଷ୍ଟି ହୁଏ ଏବଂ ଏହାକୁ ଅଲଗା କରି ପୋତାଯାଇପାରିବ। ପିଲାମାନେ ଆମୋଦ ପାଇଁ ବହି କିମ୍ବା ଖାତା ଭିତରେ ଅମରପୋଇ ପତ୍ର ରଖନ୍ତି। କିଛିଦିନ ପରେ ପତ୍ରଧାରର ବିଭିନ୍ନ ସନ୍ଧିରୁ ଚେର ବାହାରେ। ତେଣୁ ଏହାର ପତ୍ରକୁ ପୋତିଲେ ମଧ୍ୟ ଗଛ ସୃଷ୍ଟି କରାଯାଇପାରିବ। ତେଣୁ ତାହାକୁ ଅମରପୋଇ ନାମ ଦିଆଯାଇଥିବା ଚର୍ଚ୍ଚା ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପାରିବାରିକ କଳହରୁ ମା'କୁ ହତ୍ୟା

### ଜେଲ୍ ଗଲା ପୁଅ



ରାଉରକେଲା,୭।୯(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଜନ୍ମ କଲା ମାଆକୁ ହତ୍ୟା ଅଭିଯୋଗରେ ହେମଗିରି ପୁଲିସ୍ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଥାନା ଅନ୍ତର୍ଗତ ବନ୍ଧପାଲି ଗାଁର ବଳିନ୍ଦ୍ର ଧୁରୁଆ (୪୨)। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବଳିନ୍ଦ୍ରକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ପୁଲିସ୍ ବଳିନ୍ଦ୍ରଙ୍କ ମା' ଶୈଳ ଧୁରୁଆ (୬୦)ଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ବଳିନ୍ଦ୍ରଙ୍କ ଝିଅମାନେ ପଡ଼ୋଶୀ ଘରକୁ ଯାଇଥିବାରୁ ଶୈଳ ଗତକାଲି ଅପରାହ୍ଣରେ ସେମାନଙ୍କୁ ପାଟିତୁଣ୍ଡ କରିଥିଲେ। ବଳିନ୍ଦ୍ର ଏହାର ପ୍ରତିବାଦ କରିବାରୁ ମା'-ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ କଥା ଆଗକୁ ବଢ଼ିବାରୁ ଦୁହେଁ ଧସ୍ତାଧସ୍ତି ହୋଇଥିଲେ। ଏତିକିବେଳେ ପୁଅର ଧକ୍କାରେ ଶୈଳ ତଳେ ପଡ଼ି ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଶୈଳଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୈଳଙ୍କ ସାନ ଭଉଣୀ ସୋଉକି ଭୋଇଙ୍କ ଅଭିଯୋଗ ଆଧାରରେ ପୁଲିସ୍ ବଳିନ୍ଦ୍ରଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

## ଜାହାଜରୁ ଖସି ନିଖୋଜ କର୍ମଚାରୀଙ୍କ ଶବ ଉଦ୍ଧାର



ପାରାଦୀପ, ୭।୯ (ସମିସ): ଜାହାଜରୁ ଖସି ନିଖୋଜ ଥିବା କର୍ମଚାରୀଙ୍କ ମୃତଦେହ ଆଜି ସନ୍ଧ୍ୟାରେ ପିଆଇସିଟି-୨ ବର୍ଥରୁ ଉଦ୍ଧାର କରାଯାଇଛି। ଉଦ୍ଧାର ମୃତଦେହକୁ ବନ୍ଦର ମେଡିକାଲରେ ରଖାଯାଇଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ମେରାଇନ୍ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ମୃତ କର୍ମଚାରୀଜଣଙ୍କ ଚୀନ୍‌ର ନାଗରିକ ଝାଙ୍ଗ ତାଇ (୨୦) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଜାହାଜ 'ଲକି-ଡ୍ରାଗନ୍' ପଣ୍ୟ ଖାଲି କରିବା ପରେ ବର୍ଥ ଛାଡ଼ିବା ବେଳେ ଦୁଇଜଣ କର୍ମଚାରୀ ସମୁଦ୍ର ମଧ୍ୟକୁ ଖସି ପଡ଼ିଥିଲେ। ବାଂଲାଦେଶୀ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଚୀନ୍ ନାଗରିକ ଝାଙ୍ଗ ତାଇ ନିଖୋଜ ଥିଲେ। ଆଜି ୩ଦିନ ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି।

## ୭ ଫୁଟ୍‌ର ଅଜଗର ଉଦ୍ଧାର



କୋରୁକୋଣ୍ଡା, ୭।୯(ସମିସ): ମାଲକାନଗିରି ଜିଲ୍ଲା ବାଲିମେଲା ସହରର ୨ ନମ୍ବର ୱାର୍ଡସ୍ଥିତ ଆନିଆ ସାହିର ଜଣେ ବ୍ୟକ୍ତିଙ୍କ ଘରୁ ଆଜି ସକାଳେ ୭ ଫୁଟ୍‌ର ଏକ ଅଜଗର ଉଦ୍ଧାର ହୋଇଛି। ଘର ଭିତରେ ଦୁର୍ଗନ୍ଧ ହେବାରୁ ମୂଷା ମରିଯାଇଥିବା ଭାବି ଘରର ଏଣେତେଣେ ସେମାନେ ଖୋଜି ବୁଲିଥିଲେ। ତେବେ ଘରକୋଣରେ ଅଜଗରକୁ ଦେଖି ସେମାନେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ବିଶିଷ୍ଟ ସାପ ଧରାଳି ରାଜେନ୍ଦ୍ର ଖରା ସେଠାରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

### କଂଗ୍ରେସର ସଂଗଠନ ସୃଜନ ଅଭିଯାନ

## କାମ କରି ନ ପାରିଲେ ଜିଲ୍ଲା ସଭାପତି ପଦରୁ ବିଦା

ଭୁବନେଶ୍ୱର, ୭।୯(ସମିସ): ସଂଗଠନ ସୃଜନ ଦ୍ୱାରା ଜିଲ୍ଲା ସଭାପତି ଚୟନ ହେବାର ୩ ମାସ ଜୋରଦାର କାମ ହେବ। ସେଥିରେ ଯେଉଁମାନେ ପାସ୍ ନ ହେବେ, ସେମାନେ ପଦରୁ ବିଦା ହେବେ। ଦଳ ପକ୍ଷରୁ ଯେଉଁ କାମ ଦିଆଯିବ, ତାହା ସଠିକ ଭାବେ କରି ଦେଖାଇଲେ ପଦରେ ରହିବେ, ନହେଲେ ସେମାନେ ବିଦା ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରାଜ୍ୟରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ସଂଗଠନ ସୃଜନ ମାଧ୍ୟମରେ ସଭାପତି ଚୟନ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୧୪ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବାକୁ ଥିବା ବେଳେ ଏଆଇସିସି ପର୍ଯ୍ୟବେକ୍ଷକମାନେ ସଭାପତିଙ୍କ ନାମ ସୁପିରିସ୍ କରିବେ। ଏହାରି ଭିତରେ ଭକ୍ତ ଆଜି ଏହି ମନ୍ତବ୍ୟ ଦେବା ସହ ସଭାପତି ଚୟନ ପ୍ରକ୍ରିୟା ଓ ଯେଉଁ ବାଟରେ ସଭାପତି ପଦରେ ବସିଲେ ବି କାମ କରି ଦେଖାଇବାକୁ ପଡ଼ିବ ବୋଲି କହିଛନ୍ତି।

### ୩ ମାସ ପର୍ଯ୍ୟନ୍ତ ଜିଲ୍ଲା ସଭାପତିଙ୍କ କାମ ଉପରେ ନଜର

ସେ ଆହୁରି କହିଛନ୍ତି ଯେ ସଙ୍ଗଠନ ସୃଜନ ଅଭିଯାନ ରାହୁଲ ଗାନ୍ଧୀଙ୍କ ଏକ ଅନନ୍ୟ ପ୍ରୟାସ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳ ସ୍ତରରେ ଜିଲ୍ଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। କଂଗ୍ରେସ ଦଳର ୩୫ଟି ସାଙ୍ଗଠନିକ ଜିଲ୍ଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନିଜଣ ଏଭଳି ଚାରିଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଜିଲ୍ଲାରୁ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି, ଯାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ ଅତି ଶୁଭଙ୍କର ବିଷୟ। ଏହି ପ୍ରକ୍ରିୟାକୁ ଦଳର ଅଗଣିତ ନେତା ଓ କର୍ମୀ ଯେଭଳି ଉତ୍ସବମୁଖର କରୁଛନ୍ତି, ତାହା ସାଧାରଣ ଜନତାଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡୁଛି। ଆଗାମୀ ୧୪ ତାରିଖରେ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମର ପରିସମାପ୍ତି ହୋଇ ପ୍ରତ୍ୟେକ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ନିଯୁକ୍ତି ହେବ। ସେ ପୁଣି କହିଛନ୍ତି, ତୃଣମୂଳସ୍ତରରେ ଏଭଳି ଗଣତାନ୍ତ୍ରିକ ଉପାୟରେ, ସମସ୍ତ କଂଗ୍ରେସ କର୍ମୀଙ୍କ ମତାମତକୁ ସମ୍ମାନ ଦେଇ ନେତା ଚୟନର ଏତେ ବ୍ୟାପକ କାର୍ଯ୍ୟକ୍ରମ କେବଳ କଂଗ୍ରେସ ଦଳ ପକ୍ଷରେ ହିଁ ସମ୍ଭବ। କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ଅଧିକାର ଉପରେ ଅଗ୍ରାଧିକାର ଦେଇଥାଏ। କଂଗ୍ରେସ କେବଳ ଗଣତନ୍ତ୍ରର ଭାଷଣ ଦିଏ ନାହିଁ, ବରଂ ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ ବିଶ୍ୱାସ କରେ। ସଙ୍ଗଠନ ସୃଜନ ଅଭିଯାନରେ ଅତ୍ୟନ୍ତ ଉତ୍ସାହ ସହକାରେ ଅଂଶଗ୍ରହଣ କରୁଥିବାରୁ ସମସ୍ତ କଂଗ୍ରେସ କର୍ମକର୍ତ୍ତା ଏବଂ କର୍ମୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ରାହୁଲ ଗାନ୍ଧୀଙ୍କ ନୀତିଗତ ପ୍ରୟାସକୁ ନେଇ ଆଗାମୀ ଦିନରେ କଂଗ୍ରେସକୁ ଅଧିକ ମଜଭୁତ କରାଯାଇ ଲୋକଙ୍କ ଅଧିକାର ପାଇଁ ଅବିରାମ ସଂଘର୍ଷ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

### ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

## ପୁଲିସ୍-କଂଗ୍ରେସ କର୍ମୀ ଧସ୍ତାଧସ୍ତି

ବରଗଡ଼, ୭।୯(ସମିସ): କିଛି ଦିନର ବ୍ୟବଧାନ ପରେ ରବିବାର ବରଗଡ଼ ସହରରେ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଥିଲା। ପୁଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଜବରଦଖଲ ଉଚ୍ଛେଦକୁ ବିରୋଧ କରିବାରୁ କଂଗ୍ରେସ ନେତା ନିପନ ଦାସଙ୍କୁ ପୁଲିସ ଲେଙ୍ଗୁମିଶ୍ର ଛକରୁ ଉଠାଇନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲା। ବ୍ୟବସାୟୀ ଅନୁଷ୍ଠାନମାନଙ୍କୁ ସମୟ ଦେବା ସହ ସୁପ୍ରିମକୋର୍ଟ, ଉଚ୍ଚ ନ୍ୟାୟଳୟ ତଥା ହ୍ୟୁମାନ ରାଇଟ୍ସ କମିସନଙ୍କ ଆଦେଶକୁ ପ୍ରଶାସନ ଉଲ୍ଲଂଘନ ନ କରିବାକୁ କଂଗ୍ରେସ ନେତା ନିପନ୍ ଦାଶ ଦାବି କରିଥିଲେ। ନିପନଙ୍କୁ ପୁଲିସ ଘଟଣାସ୍ଥଳରୁ ଉଠାଇନେବା ପରେ ଘଟଣାସ୍ଥଳରେ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ଆଜାଦ ପତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଯାଇଥିଲା।



ପରେ ବରଗଡ଼ ଗାନ୍ଧୀ ଛକଠାରେ ମଧ୍ୟ କଂଗ୍ରେସ କର୍ମୀଙ୍କ ତରଫରୁ ରାସ୍ତା ଅବରୋଧ କରାଯାଇଥିଲା। ହେଲେ ପୁଲିସ କଂଗ୍ରେସ କର୍ମୀଙ୍କୁ ରାସ୍ତା ଅବରୋଧରୁ ହଟାଇ ଦେଇଥିଲା। ଉଚ୍ଛେଦ ପାଇଁ ୫୦ ବର୍ଷରୁ ଅଧିକ ପୁରୁଣା ବ୍ୟବସାୟିକ ଅନୁଷ୍ଠାନକୁ ଜିଲ୍ଲା ପ୍ରଶାସନ କେବଳ ୪୮ ଘଣ୍ଟାର ସମୟ ଦେଇ ବୁଲଡୋଜର୍ ଲଗାଇ ଭାଙ୍ଗି ଦେଇଛି। ଏହାର ପ୍ରତିବାଦରେ ବରଗଡ଼ ସଚେତନ ନାଗରିକ ମଞ୍ଚ ତରଫରୁ ବରଗଡ଼ ବ୍ୟବସାୟିକ ସଂଘ ତରଫରୁ ରବିବାର ଆଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ସାଧାରଣ ସଭା ଆଗତ ହୋଇଯାଇଛି। ସଭାରେ ବରଗଡ଼ ଜଗନ୍ନାଥ ବ୍ୟବସାୟିକ ସଂଘ, ଚାମ୍ବର ଅଫ୍ କମର୍ସ, ବରଗଡ଼ ବିକାଶ ମଞ୍ଚ, ଚେତନା ସାମାଜିକ ସଂଗଠନ, ବରିଷ୍ଠ ନାଗରିକ ସଙ୍ଘ, ପ୍ରଗତି ସାମାଜିକ ସଂଗଠନ, ପ୍ରଗତି କ୍ଲବ୍, ମରଚାଣ୍ଟ ଆସୋସିଏସନ, ବାପୁଜୀ ବଣିକ ସଙ୍ଘ, ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନ, ଆଇନଜୀବୀ ବିମଳ କର, ଲିପ୍ସିତ ମିଶ୍ର, ନିପନ ଦାସଙ୍କ ସହିତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ବୁଦ୍ଧିଜୀବୀଙ୍କୁ ନେଇ ବୈଠକ ଆୟୋଜିତ ହେବା ସହ ସୋମବାର ବ୍ୟବସାୟୀକ ସଙ୍ଘ ତରଫରୁ ବରଗଡ଼ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ୧୨ ଗେଟ୍ ବନ୍ଦ କଲା ହୀରାକୁଦ

### କମିଲା ବର୍ଷା

ସମ୍ବଲପୁର,୭।୯(ସମିସ): ଉପରମୁଣ୍ଡରେ ବର୍ଷା ପରିମାଣ କମିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶର ପରିମାଣ କମିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ କର୍ତ୍ତୃପକ୍ଷ ଗତକାଲି ରାତି ୪ଟି ଓ ଆଜି ପର୍ଯ୍ୟାୟକ୍ରମେ ୮ଟି, ଏହିପରି ମୋଟ ୧୨ ଗୋଟି ଗେଟ୍ ବନ୍ଦ କରିଦେଇଛନ୍ତି। ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୨୬.୬୨ ଫୁଟ୍‌ରେ ପହଞ୍ଚିଛି। ଏବେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୬୪,୫୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୫,୦୦୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୪୭୩୨ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୫,୯୯୭ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୩୨୭୮୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଇରମାଳଠାରେ ୩୧୦୦୦୦ କ୍ୟୁସେକ୍, ବାରମୁଲଠାରେ ୩୭୩୭୫୦କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୬୨୫୯୭୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ରହିଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୦୨ ମିମି ଏବଂ ତଳମୁଣ୍ଡରେ ୨.୨୩ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫୁଲିଲା ମହାନଦୀ...

ବନ୍ୟାଜଳ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଦିନ ୧୧ଟା ବେଳକୁ ମୁଣ୍ଡଳୀରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଏହା ପରେ ଜଳସ୍ତର ଧିରେ ଧିରେ କମିବ ବୋଲି ଆଶା କରାଯାଉଛି।

ସେହିପରି ନରାଜ, କୁଶଭଦ୍ରାଠାରେ ମହାନଦୀ ବିପଦ ସଙ୍କେତ ତଳେ ରହିଛି। ହୀରାକୁଦ୍ ଗେଟ୍ ଖୋଲିଥିବାରୁ ମହାନଦୀର ଜଳସ୍ତର ଫୁଲିବାରେ ଲାଗିଛି। ହୀରାକୁଦରେ ପର୍ଯ୍ୟାୟ କ୍ରମେ ଗେଟ୍ ବନ୍ଦ ହେଉଛି ତେଣୁ ଆଗକୁ ପାଣି କମିବ। ମାତ୍ର ମହାନଦୀ ଓ ଏହାର ଶାଖା ନଦୀକୂଳିଆ ଜିଲ୍ଲା ପ୍ରଶାସନ ସହ ଜଳ ସମ୍ପଦ ବିଭାଗ ପ୍ରସ୍ତୁତ ଅଛି। ଯେ କୌଣସି ପ୍ରକାର ପରିସ୍ଥିତି ଉପୁଜିଲେ ଆମେ ପ୍ରସ୍ତୁତ ରହିଛୁ ବୋଲି ସେ କହିଛନ୍ତି। ସେହିପରି ରେଙ୍ଗାଲି ଡ୍ୟାମର ସବୁ ଗେଟ ବନ୍ଦ ଅଛି। କେବଳ ୩ ଟି ବ୍ଲକରେ ୫୦ମିମି ବର୍ଷା ହୋଇଛି। ଢେଙ୍କାନାଳର ଭୁବନରେ ୧୦୦ମିମିରୁ ଅଧିକ ବର୍ଷା ହୋଇଛି। ସେହିପରି ପ୍ରବଳ ବର୍ଷା କାରଣରୁ ଜଳକା ନଦୀର ଜଳସ୍ତର ବଢ଼ିବା ଯୋଗୁ ବାଲେଶ୍ୱରର କିଛି ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ଶନିବାର ଜଳକା ନଦୀ ଜଳସ୍ତର କମିଛି। ଏହା ବିପଦ ସଙ୍କେତ ସ୍ତରଠାରୁ ତଳେ ରହିଛି। ଜଳକାର ମଥାନି ରୋଡ଼ରେ ଜଳସ୍ତର ୬.୪୮ ମିଟର ରହିଛି। ଏଠାରେ ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଏହାଠାରୁ ତଳେ ଜଳ ପ୍ରବାହିତ ହେଉଛି।

ଆସନ୍ତା ୧୩ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ରହିଛି। ଏଥିପାଇଁ ପୁଣି ଥରେ ବର୍ଷା ବଢ଼ିବା ନେଇ ଆକଳନ କରାଯାଇଛି। ବର୍ଷାର ପ୍ରଭାବ ୧୧ରୁ ଆରମ୍ଭ ହେବ ବୋଲି ପୂର୍ବାନୁମାନ ରହିଛି। ବର୍ତ୍ତମାନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଗୋଟିଏ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ୧୧ ତାରିଖରୁ ବର୍ଷାର ପ୍ରଭାବ ସାମାନ୍ୟ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଜନ୍ମଦିନ ପାର୍ଟିରେ...

୧୦.୩୦ରେ ଯୁବତୀ ଜଣକ ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଘରକୁ ଫେରିବା ପରେ ଯୁବତୀ ତାଙ୍କ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଥାନାରେ ମାମଲା ରୁଜୁ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି। ସେମାନେ ଫେରାର ଅଛନ୍ତି। କିଛି ମାସ ତଳେ ଚନ୍ଦନ ସହ ଯୁବତୀଙ୍କ ପରିଚୟ ହୋଇଥିଲା। ଦକ୍ଷିଣ କୋଲକାତାର ଏକ ବଡ଼ ଦୁର୍ଗାପୂଜା କମିଟିର ମୁଖ୍ୟ ଭାବେ ଚନ୍ଦନ ତାଙ୍କୁ ପରିଚୟ ଦେଇଥିଲା। ଚନ୍ଦନ ମାଧ୍ୟମରେ ଯୁବତୀ ଜଣକ ଦୀପ ସହ ପରିଚିତ ହୋଇଥିଲେ। ୩ ଜଣ ପରସ୍ପର ସହ ପରିଚିତ ଥିଲେ ଓ ସମ୍ପର୍କରେ ଥିଲେ। ପୂଜା କମିଟିରେ ଯୁବତୀଙ୍କୁ ସାମିଲ କରିବାକୁ ଦୁହେଁ ପ୍ରତିଶ୍ରୁତି ଦେଇ ଏହି କାଣ୍ଡ ଘଟାଇଛନ୍ତି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି ପୂର୍ବରୁ ଦକ୍ଷିଣ କୋଲକାତାର ଏକ ଲ କଲେଜ କ୍ୟାମ୍ପସରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯିବା ନେଇ ହଇଚଇ ସୃଷ୍ଟି ହୋଇଥିଲା। ଏହାପୂର୍ବରୁ ଆରଜି କର ମେଡକାଲ କଲେଜରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିଲା। ଏହି ଦୁଇଟି ମାମଲାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା।

### ଗଣେଶ ବିସର୍ଜନ...

ଭାସଯାଇଛନ୍ତି। ପୁଣେର ବିରୱାଡିରେ ଜଣେ ବ୍ୟକ୍ତି କୂଅଭିତରେ ଖସି ପଡିଛନ୍ତି। ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଓ ଆଉ ଦୁଇଜଣଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ସେହିପରି ନାନ୍ଦେଦ ଜିଲ୍ଲାର ଗାଡେଗାଓଁରେ ଥିବା ଏକ ନଦୀରେ ୩ ଜଣ ଭାସି ଯାଇଛନ୍ତି। ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଖୋଜା ଚାଲିଛି। ନାସିକ୍‌ରେ ୪ ଜଣ ଲୋକ ଭାସି ଯାଇଥିବା ବେଳେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ଜଳଗାଓଁ ୩ ଜଣ ଲୋକ ଭାସି ଯାଇଥିବା ବେଳେ ସେମାନଙ୍କୁ ଖୋଜା ଜାରି ରହିଛି। ଥାଣେ ଜିଲ୍ଲାରେ ମଧ୍ୟ ଗଣେଶ ବିସର୍ଜନ ବେଳେ ୩ଜଣ ଭାସି ଯାଇଥିବା ବେଳେ ଜଣକର ମୃତଦେହ ଉଦ୍ଧାର କରାଯାଇଛି। ଅମରାବତୀରେ ଜଣେ ଶ୍ରଦ୍ଧାଳୁ ବୁଡି ଯାଇଛନ୍ତି ବୋଲି ପୁଲିସ କହିଛି। ମାହାରାଷ୍ଟ୍ରରେ ଗଣେଶ ପୂଜା ଏକ ଗଣପର୍ବ ଭାବେ ପାଳନ କରାଯାଇଥାଏ।

### ଅନ୍‌ଲାଇନ୍‌ରେ ଖାଦ୍ୟ...

କରିଛି। ପ୍ରତିଦ୍ୱନ୍ଦୀ ଜୋମାଟୋ ମଧ୍ୟ ଏହାର ଶୁଳ୍କ ୧୨.୫୦ ଟଙ୍କା (ଜିଏସ୍‌ଟି ବ୍ୟତୀତ) ବୃଦ୍ଧି କରିଛି, ଯେତେବେଳେ କି ତୃତୀୟ ବୃହତ୍ ଖାଦ୍ୟ ବିତରଣକାରୀ କମ୍ପାନୀ ମ୍ୟାଜିକ୍‌ପିନ୍ ମଧ୍ୟ ଏହାର ପ୍ଲାଟଫର୍ମ ଶୁଳ୍କ ଅର୍ଡର ପିଛା ୧୦ ଟଙ୍କାକୁ ସଂଶୋଧନ କରିଛି। ଯାହାଫଳରେ ସେପ୍ଟେମ୍ବର ୨୨ରୁ ଡେଲିଭରି ଶୁଳ୍କ ଉପରେ ଲାଗୁ ହେବାକୁ ଥିବା ୧୮% ଜିଏସ୍‌ଟି ଜୋମାଟୋ ବ୍ୟବହାରକାରୀଙ୍କ ଉପରେ ଅର୍ଡର ପିଛା ପ୍ରାୟ ୨ ଟଙ୍କା ଏବଂ ସ୍ୱିଗୀ ଗ୍ରାହକଙ୍କ ପାଇଁ ୨.୬ ଟଙ୍କା ଅତିରିକ୍ତ ବୋଝ ପକାଇବ। ଏ ସମ୍ପର୍କରେ ସ୍ୱିଗୀ ଏବଂ ଜୋମାଟୋ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ବିବୃତ୍ତି ଦିଆଯାଇନାହିଁ।

### ଆଶା-ଆଶଙ୍କାରେ...

ଦାସ ନାୟକ, ସୀମାରାଣି ନାୟକ, ସରୋଜ ପାଢ଼ୀ ପ୍ରମୁଖ ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମାରେ ରହୁଥିବା ବେଳେ ମନ୍ତ୍ରୀପଦ ପାଇଁ ଆଶାୟୀ ମଧ୍ୟ ରହିଛନ୍ତି। ତେବେ ବିଜେପି ଜିଲ୍ଲା ସଭାପତି ନିର୍ବାଚନ ବେଳେ ଦଳ ଯେଉଁ ମାପକାଠିକୁ ସର୍ବାଗ୍ରେ ରଖିଥିଲା, ତନ୍ମଧ୍ୟରେ ଦଳୀୟ ଆନୁଗତ୍ୟ ଶୀର୍ଷରେ ଥିଲା। ଦଳରେ ଯୋଗଦେବା ପରେ ଅତିକମରେ ୬ ବର୍ଷ ଦଳ ପାଇଁ କାମ କରିନଥିଲେ, ଜଣେ ନିଜେ କିମ୍ବା ନିଜ ଅନୁଗତଙ୍କୁ ଦଳର ଜିଲ୍ଲା ସଭାପତି ଆସନରେ ବସାଇପାରିବ ନାହିଁ ବୋଲି ସେତେବେଳେ ବିଜେପି ନିର୍ବାଚନ ଅଧିକାରୀ ରୋକଠୋକ୍ ଶୁଣାଇଥିଲେ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ବିଜେପି ଶୀର୍ଷ ନେତୃତ୍ୱ ସମାନ ନୀତି ଆପଣେଇପାରନ୍ତି ବୋଲି ଦଳଡିଆଁ ଆଶଙ୍କା କରୁଛନ୍ତି। ବିଶେଷକରି ମନ୍ତ୍ରୀପଦ ପାଇଁ ସିଦ୍ଧାନ୍ତ, ଆକାଶ ଓ ସୀମାରାଣିଙ୍କ ନାମ ବେଶ୍ ଆଗରେ ଥିବାବେଳେ ବିଜେପି ନେତୃତ୍ୱ ତାଙ୍କ ଉପରେ ଭରସା କରିବେ କି ନାହିଁ, ସେନେଇ ସେମାନେ ଦ୍ୱନ୍ଦରେ ଥିବା ଜଣାପଡ଼ିଛି। ଅପରପକ୍ଷେ ବିଜେପିର ଜଣେ ବରିଷ୍ଠ ନେତା ଦେଇଥିବା ସୂଚନା ଅନୁଯାୟୀ ରେସରେ ଥିବା ଦଳଡିଆଁ ଯଦି ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦରେ ଥଇଥାନ କରାଯିବ। ସେହିପରି କେତେଜଣଙ୍କୁ ଦଳର ରାଜ୍ୟ ସଂଗଠନରେ ଭଲ ପଦପଦବୀରେ ଆସୀନ କରାଯାଇ ସନ୍ତୁଷ୍ଟ କରାଯିବ। ପ୍ରଥମେ ସେମାନେ ଦଳ ପାଇଁ କାମ କରିବେ, ପରେ ସେମାନଙ୍କୁ ଅନ୍ୟ ପଦ ପଦବୀ ପାଇଁ ବିଚାରକୁ ନିଆଯିବ ବୋଲି ଉକ୍ତ ନେତା ଜଣଙ୍କ କହିଛନ୍ତି। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ପୁଣି ଦିଲ୍ଲୀ ଗସ୍ତ କରୁଛନ୍ତି। ଏହି ସ୍ଥିତିରେ ସମ୍ପ୍ରସାରଣ ପରେ ହିଁ ନୂଆ ମନ୍ତ୍ରିମଣ୍ଡଳ ଚିତ୍ର ସ୍ପଷ୍ଟ ହେବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

### ରାଜଧାନୀରେ ପୁଣି...

ଜଣେ ବ୍ୟକ୍ତି ସେଠାକୁ ଶୌଚ ପାଇଁ ଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଏଣେତେଣେ ଖୋଜାଖୋଜି କରିବା ପରେ ଶୌଚାଳୟ ପଛରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ହତ୍ୟା କରାଯାଇଥିବା ସ୍ଥାନ ଅନ୍ଧାରୁଆ ରହୁଥିବାରୁ ରାତି ୧୨ଟା ପର୍ଯ୍ୟନ୍ତ ସେଠାରେ ବହୁ ଅସାମାଜିକ ତତ୍ତ୍ୱ ଖଟି କରନ୍ତି। ମଦ ପିଇବା ସହ ପାଟିତୁଣ୍ଡ କରିଥା'ନ୍ତି। କୌଣସି କାରଣକୁ ନେଇ ଝଗଡ଼ା ହେବା ପରେ ଯୁବକଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସେମାନେ କହିଛନ୍ତି। ମୃତ ବ୍ୟକ୍ତିର ପରିଚୟ ମିଳିବା ପରେ ହତ୍ୟାକାରୀ ଧରାପଡ଼ିବ ବୋଲି ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

### ସାର ପାଇଁ...

ଭାବେ ଆଲୋଚନା ହୋଇଥିଲା। ମାତ୍ର ଆଜି ସକାଳୁ ମାଲକାନଗିରି ଜିଲ୍ଲାରେ ସାର ମିଳୁନଥିବା ଅଭିଯୋଗରେ ଚାଷୀ ରାଜରାସ୍ତା ଅବରୋଧ କରିବାର ଚିତ୍ର ସାମ୍ନାକୁ ଆସିଛି। ପଶ୍ଚିମ ଓଡ଼ିଶାର ବିଶେଷକରି ବରଗଡ଼ ଓ ବଲାଙ୍ଗୀର ଆଦି ଜିଲ୍ଲାର ସାର ଅଭାବକୁ ନେଇ ପ୍ରତିଦିନ ଚାଷୀ ଆନ୍ଦୋଳନ, ରାସ୍ତା ରୋକ୍ ସଂଗଠିତ ହେଉଛି। ମାତ୍ର ଏହାର ସମାଧାନ ହୋଇପାରୁନି। ତେଣୁ ବାସ୍ତବରେ ସରକାର ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିପାରୁଛନ୍ତି ନା ଉପରଠାଉରିଆ ଭାବେ କେବଳ ସମୀକ୍ଷା କରି ଦାୟିତ୍ୱ ସାରି ଦେଉଛନ୍ତି ବୋଲି କୃଷକ ସଂଗଠନମାନେ ପ୍ରଶ୍ନ କରିଛନ୍ତି।

ସାର ଯୋଗାଣରେ ଅନିୟମିତତା ଓ କଳାବଜାରୀ ବାବଦରେ ସରକାର ଜାଣି ସୁଦ୍ଧା ଆଖି ବୁଜି ଦେଉଛନ୍ତି ବୋଲି ଅଭିଯୋଗ ହେଉଛି। ଘରୋଇ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେବା ସହ କଳାବଜାରୀକୁ ପରୋକ୍ଷରେ ସରକାର ସମର୍ଥନ କରିବା ପାଇଁ ଏପରି କରାଯାଉଥିବା କୁହାଯାଇଛି। କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ ଚାଷୀଙ୍କୁ ସାର ବ୍ୟବହାର କମ୍ କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି। ସରକାର ଓ ସରକାରୀ ମନ୍ତ୍ରୀଙ୍କ ଏଭଳି ମନୋଭାବକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ସୂଚନା ମୁତାବକ, ସେପ୍ଟେମ୍ବର ୫ ସୁଦ୍ଧା କେନ୍ଦ୍ରରୁ ଓଡ଼ିଶାକୁ ମୋଟ ୧୧ ଲକ୍ଷ ୩୩ ହଜାର ୭୭୬ ମେଟ୍ରିକ ଟନ ସାର ମିଳିଛି। ଏ ପର୍ଯ୍ୟନ୍ତ ୯.୧୬ ଲକ୍ଷ ମେଟ୍ରିକ୍ ଟନ ସାର ବିକ୍ରୟ ହୋଇସାରିଛି। ଏବେ ସୁଦ୍ଧା ଆହୁରି ୨ ଲକ୍ଷ ୭ ହଜାର ୨୨୦ ମେଟ୍ରିକ ଟନ୍ ସାର ରାଜ୍ୟ ପାଇଁ ଉପଲବ୍ଧ ଅଛି। ମାତ୍ର ବିକ୍ରି ହୋଇଥିବା ସାର ଚାଷୀ ପାଇନଥିବା ଅଭିଯୋଗ ହେଉଛି। ଏହା ଉପରେ ସରକାର ସ୍ପଷ୍ଟ କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ(ମାର୍କଫେଡ୍) ଅଧୀନ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ମଧ୍ୟରୁ ପ୍ରାୟ ୭୮୩ଟିକୁ ସାର ଯୋଗାଣ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ଅପରପକ୍ଷରେ ଖୋଲା ବଜାରରେ ୬୫ଭାଗ ସାର ଯୋଗାଣରେ ବ୍ୟାପକ କଳାବଜାର ଓ ଦୁର୍ନୀତି ନେଇ ପ୍ରଶ୍ନ ଉଠିଛି। ସାର ଯୋଗାଣର ମାତ୍ର ୩୫ ଭାଗ ମାର୍କଫେଡ୍ ଅଧୀନରେ ଥିବା ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଜରିଆରେ ଚାଷୀମାନଙ୍କୁ ଯୋଗାଣ କରିବାର ଲକ୍ଷ୍ୟ ରହିଥିବା ବେଳେ ଏଥିରେ ୧,୯୮,୪୨୧ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଛି। ରାଜ୍ୟରେ ମୋଟ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ମଧ୍ୟରୁ ୧୯୨୭ଟି ଚଳିତ ବର୍ଷ ଏହି ସାର ଯୋଗାଣ ପ୍ରକ୍ରିୟାରେ ସାମିଲ କରାଯାଇଥିବା ବେଳେ ୭୮୩ଟି ବାଦ୍ ପଡ଼ିଛନ୍ତି। ଅଥଚ ରାଜ୍ୟ କୃଷି ନିଗମକୁ ୧୫ଭାଗ ଓ ଖୋଲା ମାର୍କେଟ୍ କୁ ୫୦ଭାଗ ସାର ଯୋଗାଣ ହୋଇଛି। ଅର୍ଥାତ୍ ମାର୍କଫେଡ୍ ବାଦ୍ ୬୫ ଭାଗ ସାର ଦୋକାନୀମାନଙ୍କ ଜରିଆରେ ବିକ୍ରି ହେଉଛି। ଏଠି ବ୍ୟାପକ ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି।

### ଜାତୀୟ ରାଜପଥ...

ଚାଷୀମାନଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ତେବେ ଆସନ୍ତା ଦୁଇ ଦିନ ମଧ୍ୟରେ ପଞ୍ଚାୟତରେ ସାର ନ ପହଞ୍ଚିଲେ ପୁଣି ରାସ୍ତା ଅବରୋଧ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଲା, ଲ୍ୟାମ୍ପ୍‌ସ ତରଫରୁ ପ୍ରତି ପଞ୍ଚାୟତରେ ସାର ଦିଆଯିବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ମହାରାଜପଲ୍ଲୀ ପଞ୍ଚାୟତରେ ସାର ପହଞ୍ଚି ପାରିନାହିଁ। ଫଳରେ ସେମାନଙ୍କ ଚାର୍ଯ୍ୟ କାର୍ଯ୍ୟ ଆଗେଇ ପାରୁନାହିଁ। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ପୁସୁଗୁଡ଼ା ପଞ୍ଚାୟତରେ ଚଢ଼ାଦରରେ ସାର ବିକ୍ରିକୁ ନେଇ ଚାଷୀମାନେ ରାଜରାସ୍ତା ଅବରୋଧ ହୋଇଥିଲା।

## ଜମିଜମା ବିବାଦରୁ ଫୁଟିଲା ଗୁଳି

ରାସଗୋବିନ୍ଦପୁର/ମୋରଡ଼ା,୭।୯(ସମିସ): ଜମିଜମା ବିବାଦକୁ କେନ୍ଦ୍ର କରି ଫୁଟିଲା ଗୁଳି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ତେବେ ଏଥିରୁ ଗ୍ରାମର ଦିଲ୍ଲୀପ କୁମାର ଗିରି(କାଳିଆ) ଓ ତାଙ୍କ ପରିବାର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦିଲ୍ଲୀପଙ୍କ ଅଭିଯୋଗ ଆଧାରରେ ପୁଲିସ୍ ନମ୍ବର ୩୫୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଦିଲ୍ଲୀପଙ୍କ ସହ ତାଙ୍କ ପୁତୁରା ଦୀପା ଗିରିଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ରହିଥିଲା। ଗତ ରାତି ପ୍ରାୟ ସାଢ଼େ ୧୦ଟାରେ ଦିଲ୍ଲୀପ ନିଜ ଘର ଛାତ ଉପରେ କୁକୁଡ଼ାକୁ ଦାନା ଦେଉଥିଲେ। ଏହି ସମୟରେ ୩ ସହଯୋଗୀଙ୍କ ସହ ଦୀପା ତାଙ୍କ ଘର ପାଖରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏହା ଦେଖି ଦିଲ୍ଲୀପ ତଳକୁ ଆସି ଘର ଲୋକଙ୍କୁ କବାଟ ଝରକା ବନ୍ଦ କରିବାକୁ କହିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କ ଘର ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶବ୍ଦ ଶୁଣି ଦିଲ୍ଲୀପ ଓ ତାଙ୍କ ପରିବାରଲୋକ ଭୟଭୀତ ହୋଇଯାଇଥିଲେ। କାଳିଆ ପୁଲିସ୍‌କୁ ଏ ସଂପର୍କରେ ଫୋନ୍ କରି ଡାକିବା ଜଣାଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୁଲିସ୍ ଗୋଟିଏ ଖୋକା ଏବଂ କିଛି ଦୂରରେ ଏକ ଜୀବନ୍ତ ଗୁଳି ପାଇଛି। ଘଟଣାରେ କେହି ଆହତ ହୋଇନଥିବା ବେଳେ ଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।


**AFFIDAVIT**

By virtue of an affidavit no.174, dtd. 06.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud to Tambar Goud & Dob from 10.03.1970 to 27.01.1967. Henceforth I shall be known as **Tambar Goud and DOB 27.01.1967** for all purposes.

**AFFIDAVIT**

By virtue of an affidavit before The Executive Magistrate, BBSR dtd:04.09.2025 .I Narendra Kumar Panda aged about ,44 yrs, S/O- Banamali Panda R/O- At- Balipokhari (Beherapatna), PO- Paramanandapur, P.S-Jajpur Town, Dist-Jajpur,odisha have changed my name from Narendra Panda to Narendra Kumar Panda .Henceforth I shall be known as **Narendra Kumar Panda**, S/O- Baanamali Panda for all purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangapur, dtd. 6th September 2025, I **Padman Nayak**, permanent resident of Vill.- Mahuli, Po.- Usigaon, Ps.- Papadahandi, in the district of Nabarangpur, Odisha, Pin No. 764071 declare that, I have changed my son's name from **Sudhir Nayak** (Old Name) to **Sudhipta Nayak** (New Name). Henceforth, He shall be known as **Sudhipta Nayak** (New Name) for all purposes.

**Padman Nayak**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dtd 04/09/2025. I, **Gyanti Debi Singh**, address Plot No. 643/642, Kumbhar Sahi, Near Kali Mandir, Baramunda, PS- Khandagiri, Bhubaneswar, Dist- Khorda, PIN-751003, Odisha declare that I have changed the name of my son from **Amit Kumar** to **Amit Kumar Singh.** Henceforth, he shall be known as **Amit Kumar Singh** for all purposes.

**Gyanti Debi Singh**

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, Odisha dated:13-05-205 with serial No:3089. I, Dhanimani Murmu Resident of At-Chandua, Po-Chandua, Ps-Chandua, Dist-Mayurbhanj, Odisha, Pin-757014 declare that I have change my own name From Dhani Murmu To Dhanimani Murmu. Hence forth I will be known as Dhanimani Murmu for all purposes.

**Dhanimani Murmu**

**AFFIDAVIT**

I, Sanmat Dash formerly called Manish Kumar Das, S/o-Shyama Sundar Dash resident of Vill./Po.- Jarada, Ps.- Kabisuryanagar, Dist.- Ganjam, Odisha, Pin- 761104 state vide affidavit no. A-V dated 26/08/2025 before The Executive Magistrate, Kabisuryanagar, Ganjam that, I have changed my name from **Manish Kumar Das** to **Sanmat Dash**. Henceforth I shall be known as **Sanmat Dash** for all future purposes.

Sd/- **Sanmat Dash**

**LOST**

I, **Prof. Dr. Pritam Pal, Director** of Regional College of Management (A Unit of Regional College of Management Trust) RCMT Campus I: Plot No. GD 2/12 & 2/13, RCM Lane, Chakadola Vihar, Chandrasekharpur, Bhubaneswar, Odisha, 751023, INDIA do hereby solemnly affirm that we have been issued a Migration Certificate of Mr. Raza Quadir, son of Md. Khurshid Alam of At- Tibihta, Po- Saraiya, Dist-Muzaffarpur, State- Bihar, PIN-843122 from BPUT Rourkela in the session 2012-14 and the said Original Migration Certificate has been lost in college premises, Bhubaneswar. Despite our best efforts we could not trace it out.

**LOST**

I RANJIB KUMAR MAHAPATRA, S/o Jahan Chandra Mahapatra resident of Village At- Gopikantapur, Po- Nayahat, Ps- Kakatpur, Dist- Puri, Odisha declare that I have lost my Original B.Tech certificates are Original Provision Certificate, Original Certificate, Minor Grade Certificate, Grade Sheet, Grade Sheet, Grade Sheet, Grade Sheet, which I had secured from Bijupattnaik University of Technology, Odisha in the academic year 2018-19. The above said certificates which has been lost on dtd 03.09.2025 when I had travelling from Gopikantapur to Bhubaneswar, which has been not found yet after my best effort. This notice of publication was required for issue of above said certificate in my favour.

**AFFIDAVIT**

I, Smt. Pratima Satnami, W/o-Rilu Satnami, resident of Vill./Po.- Adhikariguda, Ps.- Umerkote, Dist.- Nabarangpur state vide affidavit dtd.4.9.2025 that, my Son's actual name is **Ayu Satanami**, Date of Birth is 08.08.2015. But in the Aadhar card his name mentioned as Ayaush Satanami. Hence **Ayu Satanami** and **Ayaush Satanami** is one and same person.

Sd/- Smt. Pratima Satnami

ସକାଳ THE SAKALA



www.sakalaepaper.com

### ଚାନ୍ଦବାଲିକୁ ସବ୍‌ଡିଭିଜନ ମାନ୍ୟତା ଦାବି ତେଜିଲା

# ଏକାଠିହେଲେ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଓ ବୁଦ୍ଧିଜୀବୀ

ଭଦ୍ରକ, ୭।୯ (ସମିସ)

ଐତିହାସିକ ଭିତିଭୂମି, ବୁଦ୍ଧିମନ୍ତ ସଂସ୍କୃତି, ସୁଦୀର୍ଘ ଭୌଗୋଳିକ ଅବସ୍ଥିତି ଆଦି ପାଇଁ ପ୍ରାୟ ଏକ ଦଶନ୍ଧି ହେବ ଭଦ୍ରକ ଜିଲ୍ଲା ଚାନ୍ଦବାଲି ସବଡିଭିଜନ ଗଠନ କ୍ରିୟାନୁଷ୍ଠାନ କମିଟି ଚାନ୍ଦବାଲିକୁ ରାଜସ୍ୱ ସବଡିଭିଜନ ଘୋଷଣା କରିବା ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ତରିକାରେ ଦାବି ଉପସ୍ଥାପିତ କରି ଆସିଛି। ମାତ୍ର ଅତୀତରେ ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଏଡାଇ ଆସିଛନ୍ତି। ହେଲେ ଏବେ ସରକାର ଜିଲ୍ଲା, ସବଡ଼ିଭିଜନ, ବ୍ଲକ ଏବଂ ପଂଚାୟତ ପୁନର୍ଗଠନ କରବା ପାଇଁ ନିଷ୍ପତ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରିଥିବାରୁ ଚାନ୍ଦବାଲିବାସୀଙ୍କ ମନରେ ପୁନଃ ଉଦ୍ଦୀପନା ସୃଷ୍ଟି ହୋଇଛି। ସବଡ଼ିଭିଜନ କ୍ରିୟାନୁଷ୍ଠାନ କମିଟିର ଆବାହକ ସମାଜସେବୀ ସୁଧୀର ମହାନ୍ତିଙ୍କ ଆହ୍ୱାନକ୍ରମେ ଚାନ୍ଦବାଲିର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ବିଭିନ୍ନ ଗଣସଂଗଠନ, ବୁଦ୍ଧିଜୀବୀ, ସମାଜସେବୀମାନେ ସ୍ଥାନୀୟ ବରିଷ୍ଠ ନାଗରିକ ସଙ୍ଘ କାର୍ଯ୍ୟାଳୟଠାରେ ଏକତ୍ରିତ ହୋଇ ଲୋକପ୍ରିୟ ସରକାର "ଚାନ୍ଦବାଲିକୁ ରାଜସ୍ୱ ସବଡ଼ିଭିଜନର ମାନ୍ୟତା ପ୍ରଦାନ କରିବାକୁ" ପୁନଃ ଦାବି ଉପସ୍ଥାପନ କରିଥିଲେ। ଜିଲ୍ଲା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଜେଡି ବରିଷ୍ଠ ନେତା ଦ୍ୱିଜବର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ



ଏହି ବୈଠକରେ ଚଳିତ ସେପ୍ଟେମ୍ବର ଶେଷ ସୁଦ୍ଧା ଚାନ୍ଦବାଲି ଜନସାଧାରଣଙ୍କ ଏହି ଦାବିକୁ ବିଧିବଦ୍ଧ ଭାବେ ସରକାରଙ୍କ ନିକଟରେ ଉପସ୍ଥାପିତ କରାଯାଇ ସଫଳ ରୂପାୟନ ନିମନ୍ତେ ସମସ୍ତ ପ୍ରକାର ପ୍ରଚେଷ୍ଟା ଅବ୍ୟାହତ ରଖିବାକୁ ବୈଠକରେ ସର୍ବସମ୍ମତି ମତପ୍ରକାଶ ପାଇଥିଲା। ବିଶେଷ କରି ସବ୍‌ଡିଭିଜନ ହେବାପାଇଁ ସମସ୍ତ ସୁବିଧା ସୁଯୋଗ ଥିବା ସହ ଯୁକ୍ତିଯୁକ୍ତ କାରଣ ଥିବା ସତ୍ତ୍ୱେ ସ୍ୱାଧୀନତା ପରଠାରୁ ଚାନ୍ଦବାଲିକୁ ବିଭିନ୍ନ ସମୟରେ ଅବହେଳିତ କରାଯାଇଛି। ଚାନ୍ଦବାଲିରୁ ଭଦ୍ରକ ଦୀର୍ଘ ୫୨ କିମିର ରାସ୍ତା ପାଇଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିବା ସହିତ ସମସ୍ତ ବିଭାଗର ଦପ୍ତର ଥିବା ଏବଂ ଏଗୁଡିକର ବର୍ଦ୍ଧିତ ସୀମା ପାଇଁ ପର୍ଯ୍ୟାପ୍ତ ଭିତିଭୂମି ଥିବା ଓ ଭୌଗୋଳିକ ଦୃଷ୍ଟିରୁ ମଧ୍ୟ ଏହା ଏକ ପ୍ରକୃଷ୍ଟ ସ୍ଥାନ ବୋଲି ବିଭିନ୍ନ ସମୟରେ ସରକାରୀ ଓ ପ୍ରଶାସନିକ ସ୍ତରୀୟ ମତ ପ୍ରକାଶ ପାଇଥିଲେ ହିଁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉ ନଥିବା ଦୁର୍ଭାଗ୍ୟର ବିଷୟ ବୋଲି ଉପସ୍ଥିତ ଭଦ୍ରବ୍ୟକ୍ତିମାନେ କହିଥିଲେ। ଏହି କ୍ରିୟାନୁଷ୍ଠାନ କମିଟିକୁ ସମ୍ପ୍ରସାରଣ କରାଯାଇ ଖୁବ୍ ନିକଟରେ ସରକାରଙ୍କ ନିକଟରେ ପୁନଃ ଦାବି ଜଣାଇବା ସହ ବିଜେପି ଦଳର ରାଜ୍ୟ ସଭାପତି, ପ୍ରାକ୍ତନ ରାଜସ୍ୱ ମନ୍ତ୍ରୀ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମାଲଙ୍କୁ ଏକ ପ୍ରତିନିଧି ଦଳ ଏ ସମ୍ପର୍କରେ ଆଲୋଚନା କରିବାକୁ ପ୍ରସ୍ତାବ ନିଆଯାଇଛି। ଉପସ୍ଥିତ ଥିବା ବ୍ୟକ୍ତିଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଚାନ୍ଦବାଲି ବ୍ଲକ୍ ସଭାପତି ପ୍ରତାପଚନ୍ଦ୍ର ଧଳ, ପୂର୍ବତନ ବ୍ଲକ୍ ଅଧକ୍ଷ ନରେଶ ମାଝୀ, ବରିଷ୍ଠ ନେତା ଖଗେଶ୍ୱର ବଳ, ବ୍ରଜସୁନ୍ଦର ମହାନ୍ତି, ବିଜେଡି ଜିଲ୍ଲା ଉପସଭାପତି ଅଶୋକ ବଳ ଓ ବିଶ୍ୱକେଶରୀ ମହାନ୍ତି, ବିଜେପି ବରିଷ୍ଠ ନେତା ପୂର୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଭ୍ୟ ଉପେନ୍ଦ୍ର ରାଉଳ, ଦେବୁଲା ମହାନ୍ତି, ସବ୍ୟସାଚୀ ମହାନ୍ତି, କଂଗ୍ରେସନେତା ଦିଗମ୍ବର ଦାସ, ନାରୀନେତ୍ରୀ ସୁଲୋଚନା ନାୟକ, ବଦ୍ରୀନାଥ ନାୟକ, ମନୋରଞ୍ଜନ ସାହୁ, ପ୍ରଶାନ୍ତ ମିଶ୍ର, ବରିଷ୍ଠ କମ୍ୟୁନିଷ୍ଟ ନେତା ମଳୟ ଭୋଇ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ ତ୍ରିପାଠୀ, ସମ୍ପାଦକ ରଜନୀକାନ୍ତ ମହାନ୍ତି, ସରପଞ୍ଚ ଅକ୍ଷୟ ନାୟକ, ମହେଶ୍ୱର ସାହୁ, ଲମ୍ବୋଧର ପଣ୍ଡା, ବଣିକ ସଂଘ ସଭାପତି ଗୋପିରାମ ଅଗ୍ରୱାଲ, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ଠିକାଦାର ସଂଘର ସଭାପତି ଭୀମସେନ ଦାସ, ଦୁର୍ଗାପୂଜା କମିଟି ସଭାପତି ରଘୁନାଥ ସାହୁ, ବିଶିଷ୍ଟ ଉଦ୍ୟୋଗପତି ରାମତାର ମୋର, ପରିବା ବ୍ୟବସାୟୀ ସଙ୍ଘ ସମ୍ପାଦକ କର୍ଣ୍ଣ ସାହୁ, ସମାଜସେବୀ ଦେବବ୍ରତ ଦାସ, ବ୍ରଜକିଶୋର ପଣ୍ଡା, ତାରାପଦ ମହାନ୍ତି, ଭାରତ ଭୂଷଣ ରାୟ, ପ୍ରଫୁଲ୍ଲ ସାହୁ, ଦୀପକ ଦାସ, ରତିକାନ୍ତ ସାହୁ, ସତୀଶ ଦାସ, ଆଇନଜୀବୀ ଚିତରଞ୍ଜନ କବି, ଶ୍ୟାମସୁନ୍ଦର ମହାନ୍ତି ପ୍ରମୁଖଙ୍କସହ ଶତାଧିକ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଗଞ୍ଜେଇ ସହ ୫୦ ହଜାର ଟଙ୍କା ଜବତ

### ଚୋରା ବେପାରୀ ଗିରଫ



ବାସୁଦେବପୁର, ୭।୯ (ସମିସ): ବାସୁଦେବପୁର ପୌରପାଳିକାର ମାଛ ହାଟ ପାଖ ଚୋରା ମଦ ଓ ଗଞ୍ଜେଇ କାରବାର ପେଣ୍ଠସ୍ଥଳୀ ପାଲଟିଛି। ବସ୍ତା ବସ୍ତା ଗଞ୍ଜେଇ ଚୋରା କାରବାର ଚାଲିଛି। ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଥିବା ବେଳେ ବାସୁଦେବପୁର ପୁଲିସ ସୁଦର୍ଶନପୁର ମାଛ ହାଟ ଛକରୁ ୧ କିଲୋ ୭ ଶହ ଗ୍ରାମର ଗଞ୍ଜେଇ, ଗୋଟିଏ ମୋବାଇଲ ଓ ନଗଦ ୫୦ ହଜାର ଟଙ୍କା ଜବତ କରିଛି। ଏଥିସହ ଏକ ମାମଲା ରୁଜୁକରି ଚୋରା ବେପାରୀ ଅମରେଶଚନ୍ଦ୍ର ବେହେରାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପ୍ରକାଶ।

## ଶିକ୍ଷାବିତ୍ କୃପାସିନ୍ଧୁ କର ସମ୍ବର୍ଦ୍ଧିତ

ତିହିଡି, ୭।୯ (ସମିସ): ତିହିଡି ସୈନିକ ସ୍କୁଲ୍‌ରେ ମଧ୍ୟ ଗୁରୁଦିବସକୁ ଆଡମ୍ବରପୂର୍ଣ୍ଣ ଭାବରେପାଳନକରାଯାଇଛି। ଶିକ୍ଷକ କୃପାସିନ୍ଧୁ କର (ଟିମା କରସାର)ଙ୍କୁ "ଗୁରୁଗୌରବ' ସମ୍ମାନରେସମ୍ବର୍ଦ୍ଧନାକରାଯାଇଛି। ଏହିଅବସରରେଶିଶୁ-ଶିକ୍ଷାର୍ଥୀମାନଙ୍କ ଦ୍ୱାରା ବକ୍ତୃତା, ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ୍ ଉପଦେଷ୍ଟା ଶଚିକାନ୍ତ ନାୟକଙ୍କ ପୌରହିତ୍ୟରେ ଶିକ୍ଷାବିତ ଡ. ଲକ୍ଷ୍ମୀଧର ତ୍ରିପାଠୀ ମୁଖ୍ୟଅତିଥି, ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି ମୁଖ୍ୟବକ୍ତା ବିଦ୍ୟାଳୟ ସମ୍ପାଦକ ସୀତାକାନ୍ତ ନାୟକ, ଯୁଗ୍ମ ସମ୍ପାଦକ ଯଯାତିକେଶରୀ ଦାସଙ୍କ ତତ୍ତ୍ୱାବୋଧନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶ୍ୱେତାରାଣୀ ପଣ୍ଡା, ସସ୍ମିତା ସେଠୀ, ରାଧାରାଣୀ ମିଶ୍ର, ସସ୍ମିତା ନାଥ ଶିକ୍ଷକ ଗଣେଶ ସାହୁ ସେବିକା ଶାନ୍ତିଲତା ସେଠୀ, ଅଞ୍ଜଳି ଜେନା ଏବଂ ବିଦ୍ୟାଳୟର ସହକର୍ମୀ ଦିପୁ ଜେନା ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ଜଣେ ମୃତ



ବନ୍ତ/ଆଗରପଡ଼ା, ୭।୯ (ସମିସ): ବନ୍ତ ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ଅମରସିଂପୁର ଗ୍ରାମର କାହ୍ନୁଚରଣ ବେହେରା (୫୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଶନିବାର ବିଳମ୍ବିତ ରାତିରେ ଘରେ ଶୋଇ ଥିବାବେଳେ କାହ୍ନୁ ହାତରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ଘର ଭିତରେ ଏକ ଗୋଖର ସାପ ଥିବାର ଦେଖିବା ପରେ ଗାଁ ଲୋକମାନେ ତୁରନ୍ତ ଆଗରପଡ଼ା ମେଡିକାଲକୁ ତାଙ୍କୁ ନେଇଥିଲେ। ଭଦ୍ରକ ଜିଲ୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କାହ୍ନୁ ଏକୁଟିଆ ତାଙ୍କ ଘରେ ରହୁଥିଲେ। ବନ ବିଭାଗ କର୍ମଚାରୀମାନେ ସାପକୁ ଉଦ୍ଧାର କରି ହଦଗଡ଼ ଜଙ୍ଗଲରେ ଛାଡ଼ିଥିଲେ। ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ ସରକାରୀ ସହାୟତା ମିଳିବାରେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେବା ସହ କାହ୍ନୁଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

## ଶାରଦାରେ ଗୁରୁ ସମ୍ବର୍ଦ୍ଧନା



ବାରିକପୁର, ୭।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରଠାରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଗୁରୁ ଦିବସ ଉପଲକ୍ଷେ ପ୍ରଧାନ ଆଚାର୍ଯ୍ୟ ନିର୍ମଳଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ ବିମ୍ବାଧର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ସୁଧାକର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଦ୍ୱୟଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗୁରୁଜୀ ପ୍ରଦ୍ୟୁମ୍ନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସବିତା ରାଉତ ସ୍ୱାଗତ ଭାଷଣ ଓ ଦମୟନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ବାସୁଦେବପୁର, ୭।୯ (ସମିସ): ବାସୁଦେବପୁର ପୌରପାଳିକାର ମନ୍ଦାରୀ କଲେଜଠାରେ ରାହାସବିହାରୀ ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରାଧ୍ୟାପକ ରମେଶଚନ୍ଦ୍ର ବେହେରା ଆୟୋଜିତ ସଭାର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଏ.ବି. କଲେଜର ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟମଣି ଶତପଥୀ, ପ୍ରାକ୍ତନ ଶିକ୍ଷାଧିକାରୀ ରତ୍ନାକର ମଲ୍ଲିକ, ଅର୍ଜୁନ ଚରଣ ମଣ୍ଡଳ, ରମେଶଚନ୍ଦ୍ର ଓଝା, ଗୌରାଙ୍ଗଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ମନ୍ଦାରୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମନ୍ଦାରୀ କଲେଜର ପୂର୍ବତନ ଅଧ୍ୟକ୍ଷ କୃପାସିନ୍ଧୁ ମହାନ୍ତି, ବିଚ୍ଛନ୍ଦଚରଣ ମହାକୁଡ, ବିଶ୍ୱନାଥ ଦାସ, ପୁରୁଷୋତ୍ତମ ବେହେରା, ଅଜୟ ମହାକୁଡଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁଶାନ୍ତ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଏନଆରଆଇ ସ୍କୁଲରେ ପାଠଚକ୍ର

ଭଦ୍ରକ, ୭।୯ (ସମିସ): ଭଦ୍ରକ ଆରଡ଼ି ଛକସ୍ଥିତ ଏନଆରଆଇ ଆନ୍ତର୍ଜାତୀୟ ବିଦ୍ୟାଳୟରେ ଆଜି ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ସଭାପତିତ୍ୱରେ 'ସୁକନ୍ୟା ; କନ୍ୟାରତ୍ନ, କନ୍ୟାଯତ୍ନ' ଶୀର୍ଷକ ପାଠଚକ୍ରର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଭେଷଜ ବିଶେଷଜ୍ଞ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା ଯୋଗଦେଇଥିଲେ। ପ୍ରଜାପିତା ବ୍ରହ୍ମ କୁମାରୀ ରତ୍ନପ୍ରଭା ଦେବୀ ସମ୍ମାନିତ ଅତିଥି ରୂପେ ପିଲାମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏତଦବ୍ୟତୀତ ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ, ଲକ୍ଷ୍ମୀଧର ନାୟକ, ସୁଶାନ୍ତ କୁମାର ପାଣି, ବ୍ରହ୍ମକୁମାର ସୌଭାଗ୍ୟ ବାବୁ, ଶିକ୍ଷୟିତ୍ରୀ, ଅଭିଭାବିକା ତଥା ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ମଣ୍ଡପରେ ପୂଜା ପାଇଲେ ଅନନ୍ତ ନାରାୟଣ



ବନ୍ତ/ଆଗରପଡ଼ା, ୭।୯ (ସମିସ): ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାରୟତ ତୋଟାସାହି ଗ୍ରାମରେ ଆଜି ଅନନ୍ତ ବ୍ରତ ଉପଲକ୍ଷେ ଅନନ୍ତନାରାୟଣ ପୂଜା ଧୁମଧାମରେ ଅନୁଷ୍ଠିତ ହୋଇଆସୁଛି। ଏହି ପୂଜା ପ୍ରାୟ ୭୦ ବର୍ଷ ଧରି ଏହି ଏଠାରେ ଅନୁଷ୍ଠିତ ହୋଇଆସୁଛି। ପ୍ରାରମ୍ଭରେ ନିକଟସ୍ଥ ଗ୍ରାମ୍ୟ ସରୁସାଗର ନଇରୁ ୫ଟି କଳସ ଘଟୋତ୍ତଳନ କରି ଗ୍ରାମ ବଜାର ପରିକ୍ରମା ପରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜକ ଶାନ୍ତନୁ କୁମାର ପଣ୍ଡା ଓ ଉମାକାନ୍ତ ତ୍ରିପାଠୀ ସମସ୍ତ ପୂଜାନୀତିକରିଥିବା ବେଳେ କର୍ତ୍ତା ରମାକାନ୍ତ ରାଉତ, ପ୍ରାକ୍ତନ ସରପଞ୍ଚ ଦୀପାଞ୍ଜଳି ରାଉତ କର୍ତ୍ତା ଥିଲେ। ମଣ୍ଡପରେ ପାଞ୍ଚ ଦିନ ଧରି ପୂଜା ପାଇବେ ଅନନ୍ତ ନାରାୟଣ। ଶିକ୍ଷାବିତ ଭୀମସେନ ରାଉତ ପ୍ରଥମେ ନିକଟରେ ଥିବା ସରୁ ସାଗର ନଇରୁ ତମ୍ବାର ଅନନ୍ତ ନାରାୟଣ ମୂର୍ତ୍ତି ପାଇଥିବା ବେଳେ ପରେ ମୂର୍ତ୍ତି କାରିଗର କୁଳମଣି ବାରିକଙ୍କ ଦ୍ୱାରା ପ୍ରତିବର୍ଷ ମୂର୍ତ୍ତି ନିର୍ମାଣ ହୋଇ ମଣ୍ଡପରେ ପୂଜା ପାଉଛନ୍ତି। ଏଥିରେ ଶ୍ରୀକାନ୍ତ ରାଉତ, ଚନ୍ଦ୍ରକାନ୍ତ ରାଉତ, ରଙ୍ଗାଧର ପୁହାଣ, ରାମଚନ୍ଦ୍ର ରାଉତ, ଭଗବାନ ରାଉତ, ଉମାକାନ୍ତ ପୁହାଣ, ଶତ୍ରୁଘନ ରାଉତ, କମଳାକାନ୍ତ ରାଉତ, ଧନେଶ୍ୱର ରାଉତ, ରତିକାନ୍ତ ରାଉତ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଦୁଇଶହରୁ ଅଧିକ ବର୍ଷର ଆଧ୍ୟାତ୍ମିକ ପରମ୍ପରା ଭାଗବତ ଗାଦିପୂଜା

ଅସୁରାଳି, ୭।୯ (ସମିସ): ଧାମନଗର ବ୍ଲକର ଭଟ୍ଟସାହି ପଞ୍ଚାୟତସ୍ଥିତ ଫଳପୁର ମହାନ୍ତି ପରିବାର ୨୦୦ ବର୍ଷରୁ ଅଧିକ ସମୟ ହେବ ଭାଗବତ ଟୁଙ୍ଗି ଓ ଭାଗବତ ଗାଦିର ସୁରକ୍ଷା ଦେଇ ଆସୁଛନ୍ତି। ଏବର୍ଷ ମଧ୍ୟ ଭାଗବତ ଗାଦି ପୂଜା ଆଧ୍ୟାତ୍ମିକତା ସହକାରେ ସମ୍ପନ୍ନ ହୋଇଛି। ଚନ୍ଦ୍ରଗ୍ରହଣ ଥିବାରୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ ପୂର୍ବରୁ ସମସ୍ତ ପୂଜା କାର୍ଯ୍ୟ ସମାପନ କରାଯାଇଥିଲା। କର୍ତ୍ତା କ୍ଷୀରୋଦ ମହାନ୍ତି (୮୦) ଓ ତାଙ୍କ ଧର୍ମପତ୍ନୀ ଶକୁନ୍ତଳା ମହାନ୍ତି (୭୪) ନିଷ୍ଠାର ସହ ପୂଜାସ୍ଥଳରେ ବସିଥିଲେ। ଗ୍ରାମ ତଥା ଆଖପାଖ ଗ୍ରାମର ପ୍ରାୟ ହଜାରେରୁ ଅଧିକ ଭକ୍ତ ପୂଜାସ୍ଥଳକୁ ଆସି ପ୍ରଭୁଙ୍କୁ ଦର୍ଶନ କରିବା ସହିତ ଭାଗବତ ଗାଦିକୁ ପ୍ରଣାମ କରିଥିଲେ। ପ୍ରସାଦ ସେବନ କରି ତୃପ୍ତିଲାଭ କରିଥିଲେ। ଏହାଛଡ଼ା ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଭାଗବତ ଟୁଙ୍ଗି, ଗୋବିନ୍ଦପୁର ସରସ୍ୱତୀ ମଣ୍ଡପ, ଚୁଡ଼ାକୁଟି ପଞ୍ଚାୟତ ଅନ୍ତର୍ଗତ ତାମ୍ପଳାଠାରେ ବିଜୟ ସାହୁ, ରତ୍ନାକର ସେଠୀ, ଦିବାକର ସେଠୀ, ପ୍ରତାପ ସେଠୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। କଲ୍ୟାଣୀ, ଗଡିଆଳି, ଧୂଷୁରୀ, ପାଳସାହି, ରହିପୁର, କଣ୍ଟିକା, ନଦିଗାଁ, ଅର୍ଜ୍ଜୁନପୁର, ହସନାବାଦ ପ୍ରମୁଖ ସ୍ଥାନରେ ଦିନ ୧୨ଟା ସୁଦ୍ଧା ସମସ୍ତ ରୀତିନୀତି ସମ୍ପାଦିତ ହୋଇଥିଲା।



### ରାସ୍ତା ଟଙ୍କା ହଡ଼ପ ?

## ଲୋକେ ନିଜେ ହାତରୁ ଖର୍ଚ୍ଚ କରି ନିର୍ମାଣ କଲେ

ଦୋଳସାହି, ୭।୯ (ସମିସ): ହାତରୁ ଖର୍ଚ୍ଚ କରି ଗ୍ରାମବାସୀ କଲେ ରାସ୍ତା। ଗୁଆମାଳ ପଞ୍ଚାୟତର ଗଣେସରପୁର ଗ୍ରାମ୍ୟ ରାସ୍ତା ସଙ୍କଟାପନ୍ନ ଥିବା ବେଳେ ପଥଚାରୀଠାରୁ ଛାତ୍ରଛାତ୍ରୀମାନେ ଆହତ ହେଉଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ପରେ କେହି କର୍ଣ୍ଣପାତ ନ କରିବା ନେଇ ନିଜ ହାତରୁ ଖର୍ଚ୍ଚ କରି କଂକ୍ରିଟ୍ ରାସ୍ତା ନିର୍ମାଣ କରିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ରାଜନୀତି ସରଗରମ ହୋଇପଡ଼ିଛି। ଏହି ପଞ୍ଚାୟତରେ ସରକାରଙ୍କ ତରଫରୁ ଗତ ୩ ବର୍ଷ ଭିତରେ ହୋଇଥିବା ସରକାରୀ କାର୍ଯ୍ୟରେ ମହାଦୁର୍ନୀତିର ଅଭିଯୋଗ କରିଛନ୍ତି ଯୁବ ସମାଜସେବୀ ଘନଶ୍ୟାମ ମିଶ୍ର। ଶ୍ରୀ ମିଶ୍ରଙ୍କ ଆରଟିଆଇରେ ପାଇଥିବା ତଥ୍ୟାନୁଯାୟୀ ଉକ୍ତ ରାସ୍ତା କାର୍ଯ୍ୟରେ ପ୍ରାୟ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଫଳରେ ସେ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଛନ୍ତି; ଯାହା ଅଲୋଚନାର ବିଷୟ ପାଲଟିଛି। ଏହି ଅଭିଯୋଗ ସତ୍ୟାନନ୍ଦ ତ୍ରିପାଠୀ, ଅମୂଲ୍ୟ ପଣ୍ଡା, ଜଗବନ୍ଧୁ ତ୍ରିପାଠୀ, କୈଳାଶ ମହାଳିକ, ସନାତନ ବେହେରା, ମନୋଜ ମହାଳିକ, ନରେନ୍ଦ୍ର ଉଦଗାତା, ଗୌରବ ମହାଳିକ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



## ଧାଡ଼ି ରୁଆରେ 'ବୋଡ଼ା' ଉପଦ୍ରବ

ବାରିକପୁର, ୭।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ୧୬ ହଜାର ହେକ୍ଟର ଚାଷଜମିରେ ଖରିଫ୍ ଧାନର ଏବେ ବେଉଷଣ କାମ ଶେଷ ହୋଇଛି। ବୈତରଣୀ ବନ୍ୟା ଓ ଲଗାଣ ବର୍ଷା ଭିତରେ ଚାଷୀ ଭାଇମାନେ ଧାନ ରୁଆ କାର୍ଯ୍ୟ ସାରିଛନ୍ତି। ଏବେ ସବୁ ଅଞ୍ଚଳରେ ସାର ବୁଣା ହେଉଛି। ଏହାରି ଭିତରେ କିଛି ଚାଷ ଜମିରେ ବୋଡ଼ା ପୋକ ଉପଦ୍ରବ ଦେଖାଦେଇଛି। ବ୍ଲକ ରହଣିଆ ପଞ୍ଚାୟତ ଅଧୀନ ପୁରସ୍ତମପୁର, ହାଜିପୁର, ଆକୁଳିକଣା, ରାଢୋ ପ୍ରଭୃତି ସ୍ଥାନରେ ବୋଡାପୋକ ଦେଖାଯାଇଛି। ଏପରିକି କିଛି ଧାଡି ରୁଆ ଜମିରେ ମଧ୍ୟ ପୋକ ଲାଗିଥିବା ଦେଖିବାକୁ ମିଳିଛି। ଏହି ସବୁ ସ୍ଥାନରେ ଜମିରେ ସାର ସହିତ ଚାଷୀ ମାନେ ଏବେ କୀଟନାଶକ ମଧ୍ୟ ପ୍ରୟୋଗ କରିଛନ୍ତି। ଏହାଛଡା ମଞ୍ଜୁରୀ ରୋଡଠାରୁ ଆରମ୍ଭ କରି ବିଷ୍ଣୁପୁର, ଜଳମଣ୍ଡୁଆ, ନିର୍ଗୁଣ୍ଡି, ମାଳଦା, ଆଖୁଆପଦା, ତେସିଙ୍ଗା, ରାମଚନ୍ଦ୍ରପୁର, ବାଲିପୋଖରୀ, କୋରିଗାଁ, ରଣଜିତ୍, ରାଜେନ୍ଦ୍ରପୁର ପ୍ରମୁଖ ସ୍ଥାନରେ ମଧ୍ୟ ବୋଡା ପୋକ ବ୍ୟାପୁଥିବା ସୂଚନା ମିଳିଛି। ଧାନ ଗଛର ପିଲ ବୃଦ୍ଧି ରେ ବୋଡା ପ୍ରତିବନ୍ଧକ ହେବ ବୋଲି ସୂଚନା ମିଳିଛି। ଖରିଫ୍ ଚାଷ ବେଉଷଣ ପରେ ହଠାତ୍ ଏଭଳି ବୋଡା ଦେଖା ଦେଉଥିବାରୁ ଏହା ଉପରେ କୃଷି ବିଭାଗ ଦୃଷ୍ଟି ଦେବାକୁ ବିଭିନ୍ନ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।



## ବଢୁଛି ମିଶନ ଶକ୍ତି ଅଡୁଆ; ମାସିକିଆ ବେତନ ଦାବି

ବାରିକପୁର, ୭।୯ (ସମିସ): ସାରା ରାଜ୍ୟରେ ଏବେ ଦିନକୁ ଦିନ ମିଶନ ଶକ୍ତି ଅଡୁଆ ବଢ଼ିବାରେ ଲାଗିଛି। ଏଥିରେ ହଜାର ହଜାର ମହିଳା ନିଯୁକ୍ତି ପାଇଥିବା ବେଳେ ସେମାନଙ୍କୁ ନିର୍ଧାରିତ ହାରରେ ମାସିକିଆ ବେତନ ପରିବର୍ତ୍ତେ କାମ ଅନୁଯାୟୀ ପ୍ରୋତ୍ସାହନଭିତ୍ତିକ ପ୍ରାପ୍ୟ ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଭଳି ବ୍ୟବସ୍ଥାକୁ ପଞ୍ଚାୟତସ୍ତରୀୟ କର୍ମଚାରୀ ସଂଘ ତୀବ୍ର ବିରୋଧ କରିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀମାନେ ବିଡିଓ ଦେବଦତ ଦାଶଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପ୍ରତି ସରକାର ଯେଉଁ କାମ ଅନୁଯାୟୀ ପ୍ରାପ୍ୟ ପ୍ରଦାନ ନୀତି ପ୍ରଣୟନ କରିଛନ୍ତି ତାହା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଅଟେ। ଏଥିଯୋଗୁଁ କର୍ମଚାରୀଙ୍କ ମଧ୍ୟରେ ତାରତମ୍ୟ ସୃଷ୍ଟି ହେବାକୁ ଯାଉଛି। ଏହାଛଡା ଏଭଳି ନୀତିରେ ଆହୁରି ଅନେକ ଅସୁବିଧା ଦେଖା ଦେବ। ତେଣୁ ପୂର୍ବରୁ ଯେଉଁଭଳି ମାସକୁ ମାସ ନିର୍ଦ୍ଧାରିତ ବେତନ ଦିଆ ଯାଉଥିଲା ସେହି ଭଳି ବ୍ୟବସ୍ଥା ଆରମ୍ଭ ହେଉ; ନଚେତ୍ କାର୍ଯ୍ୟ ଆଧାରରେ ପ୍ରୋତ୍ସାହନ ଭିତିକ ରାଶି ଗ୍ରହଣ କରିବେ ନାହିଁ ବୋଲି କର୍ମଚାରୀ ସଂଘ ରୋକଠୋକ ସରକାରଙ୍କୁ ଶୁଣାଇ ଦେଇଛି। ଏବେ ପ୍ରତ୍ୟେକ ଦିନ ପଞ୍ଚାୟତସ୍ତରୀୟ କର୍ମଚାରୀ ମାନେ କାମ କରୁଥିବା ବେଳେ ସରକାର ଯୋଗାଇ ଦେଇଥିବା ପ୍ରୋତ୍ସାହନ ରାଶିକୁ ସେମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ଉପରେ ବିଚାର କରିବା ପାଇଁ କର୍ମଚାରୀ ସଂଘ ପକ୍ଷରୁ ବିଡ଼ିଓଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



### ଆବାସ ଖଣ୍ଡେ ଲାଗି ଅନ୍ନପୂର୍ଣ୍ଣାଙ୍କ ନିବେଦନ

# କେବେହେବ ସରକାରଙ୍କ ଦୟା ?

ଅସୁରାଳି, ୭।୯ (ସମିସ)

ଧାମନଗର ବ୍ଲକ୍ ଗଡିଆଳି ପଞ୍ଚାୟତ ଖାରଜି ଝାରଡ଼ିଆ ଗ୍ରାମର ଅନ୍ନପୂର୍ଣ୍ଣା ବେହେରା (୬୨)ଙ୍କ ପରିବାର ଅତ୍ୟନ୍ତ ଦୁଃଖ ଓ ଦାରିଦ୍ର୍ୟ ଭିତରେ ଜୀବନ ବିତାଉଛନ୍ତି। ତାଙ୍କ ସ୍ୱାମୀ ଚକ୍ରଧର ବେହେରା (୬୫) ଜଣେ ଦିନ ମଜୁରିଆ। ଆର୍ଥିକ ସମ୍ବଳହୀନ ଏହି ଦରିଦ୍ର ପରିବାର ପ୍ରତି ପ୍ରଶାସନର ସାମାନ୍ୟତମ ଦୃଷ୍ଟି ନାହିଁ। ଆବାସ ଖଣ୍ଡିଏ ନଥିବାରୁ ଭଙ୍ଗା କୁଡିଆରେ ଜରି ପାଲ ଟାଣି ପରିବାର ରହୁଛନ୍ତି। ଝଡ଼ବାତ୍ୟା ସମୟରେ ଦୁଃଖ କହିଲେ ନ ସରେ। ବର୍ତ୍ତମାନ ଲଗାଣ ଲଘୁଚାପଜନିତ ବର୍ଷା ଯୋଗୁଁ କାଦୁଅ ପାଣିରେ ସରସର ଅବସ୍ଥାରେ ରହିବାକୁ ପଡୁଚି ଦମ୍ପତିଙ୍କୁ। ସ୍ଥାନୀୟନେତାଙ୍କଠୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କଠାରେ ଅନେକ ନେହୁରା ହୋଇଥିଲେ ବି କେହି ସେମାନଙ୍କ ନାହାନ୍ତି। ପ୍ରତିଶ୍ରୁତି ଆଉ ପ୍ରତାରଣା ଭିତରେ ତାଙ୍କ ଦୁଃଖ ଚାପି ହୋଇଯାଇଛି। ସରକାରଙ୍କ ମାଳ ମାଳ ଯୋଜନା ଥିଲେ ବି ଏମାନଙ୍କ ଲାଗି ଏହା ସାତ ସପନ ପାଲଟିଛି। ସାଧାରଣ ଦିନ ମଜୁରିଆ ହେଇଥିବାରୁ ସେମାନଙ୍କର ସମ୍ବଳ କି ସାମର୍ଥ୍ୟ ନାହିଁ ନାହିଁ ପ୍ରଶାସନିକ ଅଧୁକାରୀଙ୍କୁ ଖୁସି କରି କାର୍ଯ୍ୟ ହାସଲ କରିବାକୁ। ଅନ୍ନପୂର୍ଣ୍ଣାଙ୍କ ଭଳି ପରିବାର ଅତି ଅସହାୟରେ ଏବେ ଦିନ କାଟୁଛନ୍ତି। ଆଜି ପର୍ଯ୍ୟନ୍ତ ବାସହରା ହେଲେ ମଧ୍ୟ ସରକାରଙ୍କ ଦୃଷ୍ଟି ପଡ଼ି ନାହିଁ। ସରକାରଙ୍କ ପାଖରେ ବାସଘର ପାଇଁ ଗୁହାରି କରିଛନ୍ତି ଅନ୍ନପୂର୍ଣ୍ଣା। ୪ ପୁଅ ଥିଲେ ମଧ ନ ଥିଲା ଭଳି; କାରଣ ପିତାମାତାଙ୍କ ପ୍ରତି କାହାର ଆନ୍ତରିକତା ନାହିଁ। ଯଦି ପ୍ରଶାସନ ତାଙ୍କ ଦୁଃଖ ନ ବୁଝେ ତେବେ ସେ ପରିବାର ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଅନଶନରେ ବସିବେ ବୋଲି ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗଡିଆଳି ପଞ୍ଚାୟତର ପିଇଓ ଚିତ୍ତରଞ୍ଜନ ନାୟକ କହିଲେ ଯେ ଅନଲାଇନ ହୋଇ ଯାଇଛି; ଖୁବ୍‌ଶୀଘ୍ର ଆବାସ ଯୋଗାଇ ଦିଆଯିବ।



## ଧନ୍ଦାମୂଳକ ଶିକ୍ଷାରେ ଅଣଓଡ଼ିଆ ପ୍ରୀତି

# ଭବିଷ୍ୟତ ଶିକ୍ଷାଦାନ ନେଇ ସନ୍ଦୀହାନ ଶିକ୍ଷକ

ଧାମନଗର, ୭ ।୯ (ସମିସ):




ଉଚ୍ଚବିଦ୍ୟାଳୟ ତଥା ହାଇସ୍କୁଲରେ ଚାଲିଥିବା ଧନ୍ଦାମୂଳକ ଶିକ୍ଷାକୁ ଅଣଓଡ଼ିଆ କମ୍ପାନିଙ୍କ ହାତକୁ ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ବିଭାଗୀୟ ଅଧିକାରୀମାନେ ଅଣଓଡ଼ିଆ କମ୍ପାନିଗୁଡ଼ିକ ସହ ଗତ ମାସରେ ରାଜିନାମା କରିଛନ୍ତି । ଏହାଦ୍ୱାରା ବର୍ତ୍ତମାନ କାର୍ଯ୍ୟରତ ୨,୧୨୦ଜଣ ଧନ୍ଦାମୂଳକ ଶିକ୍ଷକଙ୍କ ଚାକିରି ତଥା ଜୀବନଜୀବିକା ବିପନ୍ନ ହୋଇପଡ଼ିଛି ବୋଲି ଅଭିଯୋଗ ହୋଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ନିୟମ ଅନୁଯାୟୀ ରାଜ୍ୟ ସରକାରଙ୍କ ନିଯୁକ୍ତି ଦେବାର ରହିଥିଲେ ମଧ୍ୟ ତାହାକୁ ଲାଗୁ କରାଯାଉ ନାହିଁ; ବରଂ ଚୁକ୍ତିଭିତିକ କିମ୍ବା ଆଉଟ୍‌ସୋର୍ସିଂ ପଦ୍ଧତିରେ ରାଜ୍ୟର ୧,୫୪୩ଟି ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ପାଇଁ ୨୧ଟି ଅଣଓଡ଼ିଆ କମ୍ପାନିକୁ ନିୟୋଜିତ କରାଯାଇଛି । ଏହାଦ୍ୱାରା ବର୍ତ୍ତମାନ କାର୍ଯ୍ୟରତ ୨,୧୨୦ ଜଣ ଧନ୍ଦାମୂଳକ ଶିକ୍ଷକଙ୍କ ଜୀବିକା ବିପନ୍ନ ହୋଇପଡ଼ିଛି । ୯ ବର୍ଷ ଧରି କାର୍ଯ୍ୟରତ ଏହି ଶିକ୍ଷକଙ୍କୁ ଅସ୍ଥାୟୀ ଚାକିରିରେ ରଖିବାକୁ ନେଇ ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଉପରେ ସନ୍ଦେହ ସୃଷ୍ଟି ହୋଇଛି । ଗଣଶିକ୍ଷା ବିଭାଗର ଯେଉଁ ଅଧିକାରୀମାନେ କମ୍ପାନିଗୁଡ଼ିକ ସହ ରାଜିନାମା କରିଛନ୍ତି ସେମାନେ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରିନାହାନ୍ତି କି ନିୟମ ସମ୍ପର୍କରେ ଜଣାଇ ନାହାନ୍ତି ବୋଲି ଅଭିଯୋଗ ଉଠୁଛି । ତେଣୁ ରାଜିନାମାକୁ ତୁରନ୍ତ ବାତିଲ୍ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ ତଦନ୍ତ କରିବାକୁ ଦାବି ହୋଇଛି । ରାଜ୍ୟ ସରକାର ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବା ସହ ଶିକ୍ଷା ବ୍ୟବସ୍ଥା ପ୍ରତି ଜନତାଙ୍କ ବିଶ୍ୱାସ ଫେରାଇ ଆଣିବାକୁ ଧନ୍ଦାମୂଳକ ଶିକ୍ଷକମାନେ ଦାବି କରିଛନ୍ତି ।

## ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ

■ ସ୍ଥାୟୀ ସମାଧାନ ଦାବି

**ଧାମନଗର, ୭ ।୯ (ସମିସ):** "ସକାଳ' ଖବର କାଗଜରେ ଖବର ପ୍ରସାରଣ ପରେ ତତ୍ପର ହୋଇଛି ପୂର୍ତ୍ତ ବିଭାଗ । ଜାତୀୟ ରାଜପଥ ୧୬ ନମ୍ବର ତଥା ଧାମନଗର ଛକଠାରୁ ଧାମନଗର ବଡ଼ ବଜାର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ମଝିରେ ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଥିଲା । ବିଗତ ୧୦ ବର୍ଷ ମଧ୍ୟରେ ସବୁଠୁ ଅଧିକ ଜରାଜୀର୍ଣ୍ଣ ଓ ବିପଦ ସଙ୍କୁଳ ହୋଇଥିଲା ଏହି ବ୍ୟସ୍ତବହୁଳ ରାସ୍ତା । ଏହି ରାସ୍ତା ସମ୍ପର୍କରେ ଅଜଣା ଆରୋହୀ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି କେତେ ଯେ ଖଣ୍ଡିଆ ଖାବଡା ହୋଇଛନ୍ତି ତାର ହିସାବ କହିହେବ ନାହିଁ । ହାତ ଗଣତି କେତେ ଜଣଙ୍କର ଜୀବନ ମଧ୍ୟ ଯାଇଛି । ଯାହା ହେଉନା କାହିଁକି ବାରମ୍ବାର "ସକାଳ"ଖବର କାଗଜରେ ଖବର ପ୍ରସାରଣ ପରେ ତତ୍ପର ପୂର୍ତ୍ତ ବିଭାଗ ଅଧିକାରୀ ଏବଂ ଯନ୍ତ୍ରୀ ମୁଖ୍ୟରାସ୍ତା ଏବେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ସେଥିପାଇଁ ଧନ୍ୟବାଦ ଜଣାଇଛନ୍ତି ଆରୋହୀ । କିନ୍ତୁ ବାକି ରହିଲା ଏହାର ସ୍ଥାୟୀ ସମାଧାନ କେବେ ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ସଡ଼କ ଅବସ୍ଥା ପ୍ରତି ପୂର୍ତ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ଭଦ୍ରକ ଜିଲ୍ଲାପାଳ ଏବଂ ଧାମନଗର ବିଧାୟକ ତଥା ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ସହ ବିଭିନ୍ନ ମହଲରୁ ଦାବି କରିଛନ୍ତି ।

## ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା




**ଭଦ୍ରକ, ୭।୯ (ସମିସ):** ଭଦ୍ରକ ନୂଆବଜାରସ୍ଥିତ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ସକାଳ ୧୦ଟାରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞାନମିଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୧୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଗୀତାର ୫ମ ଅଧ୍ୟାୟରୁ ୧୦ମ ଅଧ୍ୟାୟ ପର୍ଯ୍ୟନ୍ତ ଶ୍ଳୋକ ଆବୃତ୍ତି କରିଥିଲେ । ୪ଟି ବିଭାଗରେ ପ୍ରତିଯୋଗୀଙ୍କୁ ଭାଗ କରାଯାଇଥିବା ବେଳେ ପ୍ରତି ବିଭାଗରୁ ୩ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କ ବିଭାଗରେ ଏସ୍‌ବିଡିଇଣ୍ଟରନ୍ୟାସନାଲ ସ୍କୁଲର ସାନ୍ଭି ମହାନ୍ତି ପ୍ରଥମ, ଖ ବିଭାଗରେ ସେହି ସ୍କୁଲର ଶ୍ରେୟା ପଣ୍ଡା, ଗ ବିଭାଗରେ ଆଦର୍ଶ ବିଦ୍ୟାଳୟର ଶୁଭାଙ୍ଗୀନ ସାମନ୍ତ, ଘ ବିଭାଗରେ ଭଗରଥି ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବିଚାରକ ଭାବେ ନିତ୍ୟାନନ୍ଦ ମିଶ୍ର, ଦୈତାରୀ ଦୀକ୍ଷିତ, ଅଜୟ କୁମାର ନାୟକ, ଦୁର୍ଗା ଦାସ, ଅନ୍ନପୂର୍ଣ୍ଣା ଦେବୀ ଯୋଗ ଦେଇଥିଲେ । ପ୍ରଜ୍ଞାନ ମିଶନର ରବିନାରାୟଣ ଦାସ, ଜଗବନ୍ଧୁ ସାହୁ, ବିଭୁକଲ୍ୟାଣ ସ୍ୱାଇଁ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ସୂର୍ଯ୍ୟପ୍ରଭା ସାହୁ, ମାଧବ ବେହେରା, ଦୀପ୍ତି ସାହୁ, ସଙ୍ଗୀତା ସାହୁ, ଜଗଦୀଶ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

## କଂକ୍ରିଟ ସ୍ଲାବ୍ ଖସି ୩ ଆହତ

ବାରିକପୁର, ୭।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ଓଭରବ୍ରିଜଠାରେ କଂକ୍ରିଟ ସ୍ଲାବ ଖସିବାରୁ ଏଥିରେ ୩ ଜଣ ଆହତ ହୋଇଛନ୍ତି । ରବିବାର ଅପରାହ୍ନ ପ୍ରାୟ ୪.୩୦ ମିନିଟ୍ ସମୟରେ ଜଳମଣ୍ଡୁଆ ପଞ୍ଚାୟତ ଗୁଣ୍ଡୁପୁର ଗ୍ରାମର ତନୁଜ କୁମାର ଜୀ ତାଙ୍କ ପତ୍ନୀ ଓ ଛୋଟ ଝିଅକୁ ବାଇକରେ ଧରି ଭଦ୍ରକ ପଟୁ ଘରକୁ ଫେରୁଥିଲେ । ଏହି ସମୟରେ ବାରିକପୁର ଓଭରବ୍ରିଜ ସଂଲଗ୍ନ ରାସ୍ତା ପାର୍ଶ୍ୱରୁ ଏକ କଂକ୍ରିଟ ସ୍ଲାବ ତିନି ଜଣଙ୍କ ଉପରେ ପଡ଼ି ଯାଇଥିଲା । ଏଥିରେ ତନୁଜଙ୍କ ପତ୍ନୀ ଗୁରୁତର ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକମାନେ ସେମାନଙ୍କୁ ଭଦ୍ରକ ଡ଼ାକ୍ତରଖାନାରକୁ ପଠାଇଥିବା ଜଣାପଡିଛି । ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ଡିବିଏଲ କମ୍ପାନୀ ଦୀର୍ଘ ଦିନ ହେବ ଓଭରବ୍ରିଜ ମରାମତି କାର୍ଯ୍ୟ କରୁଛି । ଅତି ସଙ୍କଟାପନ୍ନ ଭାବେ ଏଠାରେ ଦୈନିକ କାର୍ଯ୍ୟ ହେଉଥିବା ବେଳେ ଅନେକ ସମୟରେ ଏଥିପାଇଁ ବିଭିନ୍ନ ପ୍ରକାରର ଦୁର୍ଘଟଣା ଘଟୁଛି । କମ୍ପାନୀର ଦାୟିତ୍ୱହୀନ କାର୍ଯ୍ୟ ଯୋଗୁଁ ଲୋକମାନେ ଦୁର୍ଘଟଣାରେ ଶିକାର ହେଉଥିବା ଅଭିଯୋଗ ହେଉଛି । ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଇନ୍ଦୁପୂର୍ଣ୍ଣିମା ଓ ଭାଗବତ ଜନ୍ମୋତ୍ସବ ପାଳିତ

ଭଣ୍ଡାରିପୋଖରୀ, ୭।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଭାଗବତ ଟୁଙ୍ଗୀରେ ରବିବାର ଇନ୍ଦୁପୂର୍ଣ୍ଣିମା ଅବସରରେ ଭାଗବତ ଜନ୍ମୋତ୍ସବ ପାଳନ କରାଯାଇଛି । ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସ ଇନ୍ଦୁପୂର୍ଣ୍ଣିମାରେ ଭାଗବତ ରଚନା ସମ୍ପୂର୍ଣ୍ଣ କରିଥିବା ସ୍ମୃତିରେ ଭାଗବତ ଜନ୍ମୋତ୍ସବ ପାଳନ କରାଯାଇଛି । ଏହି ଉପଲକ୍ଷେ ସରସଦା ଭାଗବତ ଟୁଙ୍ଗୀ ପରିଚାଳନା କମିଟି ଆନୁକୂଲ୍ୟରେ ସକାଳେ ଉପସଭାପତି ଉମାକାନ୍ତ ପାତ୍ରଙ୍କ ଦ୍ୱାରା କଳସ ପୂଜନ କରାଯାଇଥିଲା । ଦ୍ୱାଦଶ ସ୍କନ୍ଧ ଭାଗବତର ସୂଚୀ ଅଧ୍ୟାୟ ପଠନ ସମାପ୍ତ କରାଯିବା ସହ ଆଗାମୀ ବର୍ଷ ପାଇଁ ଭାଗବତ ପଠନ ଆରମ୍ଭ କରାଯାଇଥିଲା । ପୂଜକ ରାମଚନ୍ଦ୍ର ପତି ଭାଗବତ ପଠନ କରି ଶ୍ରୋତାଙ୍କୁ ଭାବାର୍ଥ ବୁଝାଇଥିଲେ । ସହ ଆଗାମୀ ବର୍ଷ ପାଇଁ ଭାଗବତ ପଠନ ଆରମ୍ଭ କରାଯାଇଥିଲା । ମଧ୍ୟାହ୍ନରେ ଆରତି, ପୂର୍ଣ୍ଣାହୂତି, ପୁଷ୍ପାଞ୍ଜଳି ଓ ବଡଭୋଗ ଲାଗି ହୋଇଥିଲା । ଶ୍ରୋତାମାନେ ଭାଗବତ ଶ୍ରବଣ କରି ମଧ୍ୟାହ୍ନରେ ପ୍ରସାଦ ସେବନ କରିଥିଲେ । ଏହି ଅବସରରେ ନାମସୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଭାଗବତ ଟୁଙ୍ଗି ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୩୯ତମ ଆଧ୍ୟାତ୍ମିକ ଉତ୍ସବ ପାଇଁ ଗ୍ରାମବାସୀମାନେ ସହଯୋଗ କରିଥିଲେ । ସେହିପରି ବରାହନୂଆପଡା ଗ୍ରାମର ମା'ବୁଢ଼ି ଜାଗୁଳାଇ ଭାଗବତ ଟୁଙ୍ଗୀ ପକ୍ଷରୁ ଭାଗବତ ପାଠ ଓ ହରିହାଟ ଅନୁଷ୍ଠିତ ହୋଇଯାଇଛି । ଭାଗବତପ୍ରେମୀ ବାସନ୍ତି ନାୟକଙ୍କ ସଂଯୋଜନାରେ ପୂଜକ କାଳନ୍ଦୀ ଦାଶ ଭାଗବତ ଗାଦି ପୂଜାର୍ଚ୍ଚନା କରାଯାଇଥିଲା । ୬୪ ଜଣ ଭାଗବତପ୍ରେମୀ ପ୍ରଦୀପ ପ୍ରଜ୍ୱଳନ କରି ଭାଗବତ ପାଠ କରିଥିଲେ । ଗ୍ରାମ ସଙ୍କୀର୍ତ୍ତନମଣ୍ଡଳୀ ପକ୍ଷରୁ ନାମ ସଙ୍କୀର୍ତ୍ତନ ଓ ଭଜନ ଜଣାଣ ପରିବଷେଣ କରାଯାଇଥିଲା । ସାନଶାସନ ପଞ୍ଚାୟତର ତେନ୍ତୁଳିଆଠାରେ ବାଞ୍ଛାନିଧି ମାଝୀଙ୍କ ଦ୍ୱାରା ପ୍ରତିଷ୍ଠିତ ଭାଗବତ ଟୁଙ୍ଗୀର ୧୧୫ତମ ଉତ୍ସବ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଭାଗବତ ମାହାତ୍ମ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବାବଲପୁର ଭାଗବତ ଟୁଙ୍ଗୀ, ମଣିନାଥପୁର ନୂଆସାହି ଭାଗବତ ଟୁଙ୍ଗୀରେ ଭାଗବତ ଜନ୍ମୋତ୍ସବ ଭାବଭକ୍ତି ସହକାରେ ପାଳନ ହୋଇଛି ।

## ବ୍ରାଉନସୁଗର ଜବତ; ୨ ଗିରଫ

ଭଦ୍ରକ, ୭।୯ (ସମିସ): ଚାରିଘରିଆ ଆଦିବାସୀ ସାହି ଅଞ୍ଚଳରେ ବ୍ରାଉନସୁଗର କାରବାର କରିବାକୁ ଆସିଥିବା ବେଳେ ଦୁଇଜଣ ଅଭିଯୁକ୍ତଙ୍କୁ ଠାବ କରି ହେଫାଜତକୁ ନେଇଛି ଟାଉନ ପୁଲିସ । ସେମାନଙ୍କଠାରୁ ୧୬.୫୬ଗ୍ରାମ ଧଳାଜହର ଜବତ ହୋଇଛି । ମୋବାଇଲ ଫୋନ ଓ ୧୦ ହଜାର ଟଙ୍କା ଜବତ ହୋଇଛି । ଏମାନଙ୍କ ସହ ଆଉ କେଉଁମାନେ କାରବାରରେ ସମ୍ପୃକ୍ତ ସେଥିନେଇ ଖୋଳତାଡ଼ କରୁଛି ପୁଲିସ । ଗିରଫଦ୍ୱୟ ହେଲେ, ତପନ ପାତ୍ର ଓ ଖଗେଶ୍ୱର ପଣ୍ଡା ।

# ପ୍ରସିଦ୍ଧ ଶ୍ରୀଅନନ୍ତ ନାରାୟଣ ପୂଜାବ୍ରତ



**ଭଦ୍ରକ, ୭ ।୯ (ସମିସ):** ଭଦ୍ରକ ସହର ଅନ୍ତର୍ଗତ ନରିପୁର (ଅସ୍ତଳ) ଗ୍ରାମରେ ପ୍ରତିବର୍ଷ ଅନନ୍ତ ବ୍ରତରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଥାଏ । ସେପ୍ଟେମ୍ବର ୬ ତାରିଖ ଶନିବାର ଅନନ୍ତ ବ୍ରତ ପୂଜାରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାଳନ୍ଦୀ ଘାଟରୁ କଳସ ଆସିବା ପରେ ଘଟ ସ୍ଥାପନ ପରେ ନରିପୁର ଅସ୍ତଳ ଗ୍ରାମ ଚଳଚଞ୍ଚଳ ହେଲାଣି । ଅନନ୍ତ ନାରାୟଣଙ୍କ ପୂଜା ପାଇଁ ସମସ୍ତେ ଲାଗି ପଡ଼ିଛନ୍ତି । ଏଠାରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ମନ୍ଦିରରେ ବିଗ୍ରହଙ୍କୁ ଦେଖିବା ଲାଗି ଓ ଏଠାରେ ବ୍ରତ ପାଳନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଥାଏ । ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମନସ୍କାମନା କରେ ତାହାର ମନବାଞ୍ଛା ପୂରଣ ହୋଇଥାଏ । ଭଦ୍ରକ ସହର ନରିପୁର (ଅସ୍ତଳ) ଗ୍ରାମନିବାସୀ ସ୍ୱର୍ଗତ କ୍ଷେତ୍ରମୋହନ ନାୟକ ଓ ତାଙ୍କ ସାଙ୍ଗ ସ୍ୱର୍ଗତ ପୁରୁଷୋତ୍ତମ ପଡ଼ିଆରୀ ଦୁହେଁ ବନ୍ତ ବ୍ଲକ ଅନ୍ତର୍ଗତ ମଙ୍ଗୁଲି ଗ୍ରାମର ଏକ ତିନିଛକ ରାସ୍ତାରେ ତମ୍ବା ନାଗ, ବ୍ରତ ଆଦି ପାଇ ସ୍ୱର୍ଗତ ନାୟକ ତାଙ୍କ ଘରକୁ ଆଣିଥିଲେ । କ୍ଷେତ୍ରମୋହନ ଓ ତାଙ୍କ ପତ୍ନୀ ଜଞ୍ଜାଳି ଦେବୀ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆସୁଥିବା ବେଳେ ତାଙ୍କ ପୁତ୍ର ସୁରେନ୍ଦ୍ର ଓ ପୁତ୍ରବଧୂ ହରିପ୍ରିୟା ଦୈନନ୍ଦିନ ନୀତିପୂଜା କରୁଥିଲେ । ଘର ପାଖ ଚଉଁରାମୂଳରେ ସ୍ୱତନ୍ତ୍ର ଠାକୁର ଘର ନିର୍ମାଣ ଚାଲୁଥିବା ବେଳେ ୧୯୭୯ ମସିହା ଅକ୍ଷୟ ତୃତୀୟା ଦିନ ଅନନ୍ତଶଯ୍ୟା ବିଶିଷ୍ଟ ମୂର୍ତ୍ତି ପ୍ରତିଷ୍ଠା କରିବାକୁ ସ୍ୱପ୍ନାଦେଶ ପାଇ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ । ତିହିଡ଼ି ଥାନା ଅଧୀନ ପାଳିଆ ନୂଆନନ୍ଦ ସାନ ହାଟୁଆରୀ ଗ୍ରାମର ମୂର୍ତ୍ତିକାରିଗର ବାବାଜୀ ପୁଷ୍ଟିଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ବିଗ୍ରହମାନ ଗଢ଼ିଥିଲେ ବୋଲି କୁହାଯାଏ । ଏହି ପରମ୍ପରାକୁ ପାଥେୟ କରି ପାଳିତ ହେଉଥିବା ଅନନ୍ତ ନାରାୟଣଙ୍କ ପୂଜା ଦିନକୁ ଦିନ ଲୋକପ୍ରିୟତା ଅର୍ଜନ କରୁଛି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ସରୋଜ ଓଝା

ଭଦ୍ରକ, ୭ ।୯ (ସମିସ): ସରୋଜ କୁମାର ଓଝା ୨୦୨୪-୨୫ ଶିକ୍ଷାବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ତିହିଡ଼ି ବ୍ଲକ୍ ପାଇଁ ଗୌରବ ଆଣିଦେଇଛନ୍ତି । ମନ୍ତ୍ରବାସୁଳୀ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବରେ ଶ୍ରୀ ଓଝା ଏବେ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାସ୍ତରୀୟ ପବିତ୍ର ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଏହି ଅଭିନନ୍ଦନ ଉତ୍ସବ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ ସଭାଗୃହରେ ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସରୋଜ କୁମାର ଦତ, ଡେପୁଟି ଜିଲ୍ଲାପାଳ ଡ. କାର୍ତ୍ତିକନାଥ ମଣ୍ଡଳ, ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତରିକେଶ୍ୱର ରାଉଳ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତୃପ୍ତିମୟୀ ପାତ୍ର ଓ ଧରଣୀଧର ପାତ୍ରଙ୍କ ସମେତ ତିହିଡ଼ି ବ୍ଲକ୍ ଶିକ୍ଷାଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତି ଓ ଅନ୍ୟ ମାନ୍ୟଗଣ୍ୟ ଅଧିକାରୀ ମଞ୍ଚାସୀନ ଥିଲେ । ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଏବଂ ଆଦର୍ଶ ଶିକ୍ଷକ ସମେତ ଏକାଧାରରେ କବି ଓ ଲେଖକ ଶ୍ରୀ ଓଝା ଜଣେ ଚର୍ଚ୍ଚିତ ଚେହେରା । ନିକଟରେ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ଆଣି ବେଶ୍ ପ୍ରଶଂସାର ପାତ୍ର ପାଲଟିଛନ୍ତି ।

## ମହିଳାଙ୍କୁ ବସ୍ତ୍ର ବଣ୍ଟନ

ତିହିଡ଼ି, ୭ ।୯ (ସମିସ): ତିହିଡି ବ୍ଲକ୍ ପୀରହାଟ ଅଞ୍ଚଳର ଦୁଃସ୍ଥ, ଅସହାୟ ଓ ଅବହେଳିତ ମଣିଷଙ୍କ ସାଥୀ ତଥା ଜଣେ ଦରଦୀ ଓ ହୃଦୟବାନ ମଣିଷ ଭାବେ ପରିଚିତ ସ୍ୱର୍ଗତ ବିଭୂତି ଭୂଷଣ ସେନାପତିଙ୍କ ସ୍ମୃତିରେ ଅଗ୍ରଣୀ ସାମାଜିକ ସେବା ସଙ୍ଗଠନ 'ପ୍ରଦେଶ ସେବା ସଙ୍ଗଠନ' ପକ୍ଷରୁ ଅସହାୟ ମହିଳା ମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ପୀରହାଟ ପାଢୀସାହିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ କୋଷାଧ୍ୟକ୍ଷ ଆର୍ତ୍ତବଲ୍ଲଭ ବାରିକ, ଅକ୍ଷୟ ରଣା, ପ୍ରହ୍ଲାଦ ପାଣିଗ୍ରାହୀ, ସମୀର ଓଝା. ବିଶ୍ୱଜିତ ସେନାପତି, ନରେନ୍ଦ୍ର ମହାନ୍ତି ଓ ଧୀରେନ୍ଦ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୋଟ ୬୭ ଜଣ ଅସହାୟ ମହିଳାଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ସ୍ୱର୍ଗତ ସେନାପତିଙ୍କ ସାନପୁଅ ବ୍ରଜକିଶୋର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ସମାରୋହ

**ଧାମନଗର, ୭ ।୯ (ସମିସ):** ଧାମନଗର ଏନଏସି ଅନ୍ତର୍ଗତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆତ୍ମାଜ୍ୟୋତି ଭବନରେ ଗୁରୁ ପୂଜନ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ପରିଚାଳିକା ବ୍ରହ୍ମ କୁମାରୀ ଅନୁପମାଙ୍କ ସହ ମୁଖ୍ୟଅତିଥି ଭାବେ ଏସଡିପିଓ ତ୍ରିଲୋଚନ ସେଠୀ ଯୋଗ ଦେଇଥିଲେ । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ସୁବାସଚନ୍ଦ୍ର ବାରିକ, ବିଜୟଲକ୍ଷ୍ମୀ ନାୟକ, ଶରତଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଶିକ୍ଷାବିତ ଶଚୀକାନ୍ତ ପଣ୍ଡା, ନିରାକାର ଧଳ, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷାବିତ ମହେଶ୍ୱର ସ୍ୱାଇଁ ସଭା ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ମନୋଜ ସିଂହ ମଞ୍ଚ ଆମନ୍ତ୍ରଣ, ହେମେନ୍ଦ୍ର ନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟ ଶିକ୍ଷକ ରତ୍ନାକର ମହାପାତ୍ରଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶିକ୍ଷାବିତ ଅଭିମନ୍ୟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଉଠାଣ

**ଭଣ୍ଡାରିପୋଖରୀ, ୭ ।୯ (ସମିସ):** ଭାଗବତ ଜନ୍ମ ଓ ଇନ୍ଦୁପୂର୍ଣ୍ଣିମା ଅବସରରେ ଚଳିତ ବର୍ଷ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ପାଇଁ ରବିବାର ପୂର୍ବାହ୍ନ ୧୦ଟାରେ ମାଟି ଉଠା ପର୍ବ ପାଳନ କରାଯାଇଛି । ଜଗନ୍ନାଥ ବଜାର ବଣିକସଂଘ ମାଳଦା ପକ୍ଷରୁ ଆୟୋଜିତ ମା' ଗଜଲକ୍ଷ୍ମୀ ପୂଜା ପାଇଁ କର୍ତ୍ତା ଭାବେ ସୁଦୀପ୍ତା ଶତପଥୀ ଓ ଅନିଲ୍ ଶତପଥୀ ସଂକଳ୍ପ କରି ମାଟି ଉଠା ପର୍ବ ପାଳନ କରାଯାଇଛି । ପୂଜକ ଭାବେ ବିଜୟ ତ୍ରିପାଠୀ, ବଣିକସଂଘର ସଭାପତି



ଚନ୍ଦ୍ରଶେଖର ମହାନ୍ତି, ସଂପାଦକ ରାଜେନ୍ଦ୍ର ଶତପଥୀ, କମଳାକାନ୍ତ ସାମଲ, ଅଜୟ ବାରିକ, ନିଶିକାନ୍ତ ସୁତାର, ନିରାକାର ବେଉରିଆ, ଅଦ୍ୱୈତ ପରିଡ଼ା, ଦେବାଶିଷ ପଣ୍ଡା, ସୁଦାମ ଦାସ, ଶ୍ୟାମସୁନ୍ଦର ଦାସ, ନିରଞ୍ଜନ ବେଉରିଆ, ଲଳିତ ନାୟକ, ଧିରେନ୍ଦ୍ର ନାୟକ, ଦୁର୍ଯୋଧନ ଦାସ, ଗୋପାଳ କୁଅଁର, ମୁନୀବର ଧଳ, କୁନା ସାହୁ ସହଯୋଗ କରିଥିଲେ ।

# 'ସଫଳ ମଣିଷ ହେବା ପାଇଁ ଗୁରୁଙ୍କ ଆଶୀର୍ବାଦ ଲୋଡ଼ା'

ଭଦ୍ରକ, ୭ ।୯ (ସମିସ): ଶିକ୍ଷକମାନେ ହେଉଛନ୍ତି ସୁସ୍ଥ ସମାଜର ନିର୍ମାଣକାରୀ, ଉତ୍ତମ ଛାତ୍ରଛାତ୍ରୀ ଗଢି ତୋଳିବାରେ ଶିକ୍ଷକଙ୍କର ଭୂମିକା ଅତୁଳନୀୟ । ତେଣୁ ପ୍ରତ୍ୟେକ ସଫଳ ମଣିଷ ହେବା ପାଇଁ ଜଣେ ଗୁରୁର ଆଶୀର୍ବାଦ ନିହାତି ଆବଶ୍ୟକ । ଆଧୁନିକ ଯୁଗରେ ମଣିଷ ଯେତେ ବିକାଶ କଲେ ମଧ୍ୟ ଗୁରୁର ସ୍ଥାନ କେହି ନେଇ ପାରିବେ ନାହିଁ ବୋଲି ପବିତ୍ର ଗୁରୁଦିବସ ଅବସରରେ ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ଓ ସ୍ୱରାଜବାର୍ତ୍ତା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ମତ ଦେଇଛନ୍ତି । ଜିଲ୍ଲା ସଂସ୍କୃତି ଭବନ ପରିସରରେ ଗତ ଶୁକ୍ରବାର ସନ୍ଧ୍ୟା ୭ଟାରେ ଗୁରୁଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଇଂ ଅଭୟ ସୂତାର, ଅଧ୍ୟକ୍ଷ ନିହାର ରଞ୍ଜନ କର ପ୍ରମୁଖ ଯୋଗ ଦେଇଥିଲେ । ସଂଗଠନ ଉପସଭାପତି ମନୋରମା ରାୟ ମଞ୍ଚ ଆମନ୍ତ୍ରଣ, ଉପଦେଷ୍ଟା ଜାନକୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ, ସଭାନେତ୍ରୀ କଳ୍ପନା ଜେନା ପ୍ରାରମ୍ଭିକ ସୂଚନା, ସମ୍ପାଦିକା ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ, ସହ ସମ୍ପାଦିକା ଗାୟତ୍ରୀ ସେଠୀ, ଆବାହକ ରେଣୁବାଳା ଖିଲାର, ସଦସ୍ୟା ରିତାଞ୍ଜଳି ମହାରଣା, ରେଣୁକା ନାୟକ, ସଦସ୍ୟ କୃଷ୍ଣଚନ୍ଦ୍ର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ । ସାଂସ୍କୃତିକ ସମ୍ପାଦକ ରିଚିସ୍ମିତା ମହାନ୍ତିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କଣ୍ଠଶିଳ୍ପୀ କୁମାର ଗୌତମ ଗୁରୁ ବନ୍ଦନା ଗାନ କରିଥିଲେ । ଉପଦେଷ୍ଟା ଦୀପ୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୩୭ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପଦେଷ୍ଟା ଦୀପାଳି ମିଶ୍ର, ଆବାହକ ରେଣୁବାଳା ଖିଲାର, ଉପସଭାପତି ଚଇତାଳି ଖିଲାର, ଆଇନଜୀବୀ ଅଞ୍ଜୁବାଳା ରାଉତ, ଚିତ୍ରଶିଳ୍ପୀ ପ୍ରଭାତ ଜେନା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବେହେରା, ଟୁଲୁ ରାୟ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ ।

## ତରବରିଆ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ

**ବାରିକପୁର/ମଞ୍ଜୁରୀ ରୋଡ, ୭ ।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକରେ ଆୟୋଜିତ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତା ତରବରିଆ ଭାବେ ହୋଇଥିବା ଅଭିଯୋଗ ହେଉଛି । ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସ ୧ ଓ ୨ ତାରିଖ ମଞ୍ଜୁରୀ ସ୍କୁଲଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୪ ବର୍ଷରୁ କମ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲା ଭାଗ ନେଇଥାଆନ୍ତି । ଏହାଛଡା ୧୭ ବର୍ଷରୁ କମ ବୟସର ଅଷ୍ଟମଠାରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀ ମଧ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ନିୟମ ରହିଛି । ଅତି ବେପରୁଆ ଭାବେ ଏହାକୁ ଆୟୋଜନ କରାଯାଇଥିବା ଅଭିଯୋଗ ହୋଇଛି । ଏଥିରେ କେବଳ ହାଇସ୍କୁଲର କିଛି କ୍ରୀଡ଼ା ଶିକ୍ଷକଙ୍କୁ ସୀମିତ ଭାବେ ଛାତ୍ରଛାତ୍ରୀଙ୍କୁ ଆଣିବା ପାଇଁ କୁହାଯାଇଥିଲା । ଉପଯୁକ୍ତ ସୂଚନା ଅଭାବରୁ ସଂଖ୍ୟାଧିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପ୍ରତିଯୋଗିତାରୁ ବଞ୍ଚିତ ହୋଇଥିବା ଜଣାପଡିଛି । ଏପରିକି ଯେଉଁ ବିଦ୍ୟାଳୟଠାରେ ଦ୍ୱାଦଶ ଶ୍ରେଣୀ ଶିକ୍ଷା ରହିଛି ସେଠିକାର ବିଦ୍ୟାର୍ଥୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନଥିବା ଅଭିଭାବକ ମହଲରୁ ଜଣାଯାଇଛି । ବ୍ଲକର ଏକମାତ୍ର ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଏଭଳି ମନମାନି ଆୟୋଜନକୁ ଅନେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ନାପସନ୍ଦ କରିଛନ୍ତି । ଏବିଇଓ ଅକ୍ଷୟ କୁମାର ଜେନାଙ୍କ ମତାମତ ନେବାରୁ ସେ ଏଥିରେ ସନ୍ତୋଷଜନକ ଉତ୍ତର ଦେଇ ନପାରି କଥାକୁ ଏଡାଇ ଯାଇଥିଲେ । ପ୍ରକୃତ ଘଟଣା ଜାଣିବା ପାଇଁ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେଠାରୁ କୌଣସି ଉତ୍ତର ମିଳି ନଥିଲା ।

# ଏସ୍‌ବିଆଇ ନୂଆ ବଜାର ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ

ଭଦ୍ରକ, ୭ ।୯ (ସମିସ):




ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଷ୍ଟେଟ୍ ବେଙ୍କ ଅଫ ଇଣ୍ଡିଆ, ନୂଆ ବଜାର ଶାଖା ପକ୍ଷରୁ ଗୁରୁଦିବସ ଉପଲକ୍ଷେ ଗୁରୁପୂଜନ କାର୍ଯ୍ୟକ୍ରମ ଏସବିଆଇ ଶାଖା ପ୍ରବନ୍ଧକ ନିଗମାନନ୍ଦ ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିପଦଭଞ୍ଜନ ପାଢ଼ୀ ବେଦପାଠ ଓ ମୁକୁନ୍ଦକୃଷ୍ଣ ଦାସ ମହାରାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ପ୍ରଫେସର ଅଟଳ ବିହାରୀ ନାୟକ ଗୁରୁ ସାକ୍ଷାତ୍ ଈଶ୍ୱର ଏବଂ ଜଣେ ଗୁରୁ ଆଦର୍ଶବାଦୀ ହେଲେ ସୁସ୍ଥ ସମାଜ ଗଢ଼ି ଉଠିବ ବୋଲି ମତ ବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଡଃ ନିତ୍ୟାନନ୍ଦ ମିଶ୍ର, ଡଃ ମନୀନ୍ଦ୍ର ମହାନ୍ତି, ନିହାର ରଂଜନ କର, ଡଃ ନିରଞ୍ଜନ ଦାଶ ଓ ଡଃ ଗିରିଜା ଶଙ୍କର ପତି ପ୍ରମୁଖ ଯୋଗଦାନ କରିଥିଲେ । ନୂଆ ବଜାର ଶାଖା ପକ୍ଷରୁ ଶତାଧିକ ଆଦର୍ଶ ଶିକ୍ଷକ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ମନୋରମା ଆ.ର୍ଯ୍ୟ, ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ନିଳିମା ପଣ୍ଡା, କିଶୋର ପାଣିଗ୍ରାହୀ, ବିଜୟ ବହଳୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ନିରନ ନାୟକ, ରତିକାନ୍ତ ବେହେରା, ମନୋଜ କୁମାର ସାହୁ, ରବୀନ୍ଦ୍ର ହୋତା, ଅରବିନ୍ଦ ଦିକ୍ଷୀତ, ବର୍ଣ୍ଣିତା ମିଶ୍ର, ଶୁଭ୍ରଜିତ୍ ମିଶ୍ର, ବିମ୍ବାଧର ସେନାପତି, ରତ୍ନରାଜ ଅକ୍ଷୟ ପ୍ରଭୃତି ଶିକ୍ଷକ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶାଖାର କ୍ଷେତ୍ର ପରି.ଳିକା ସଂଘମିତ୍ରା ଆ.ର୍ଯ୍ୟ, ମାନସ ରଂଜନ ସାହୁ, କ୍ରିଷ୍ଣାରାଣୀ ନାୟକ, ଅମର ବାରିକ, ଚିନ୍ମୟଦାସ ମହପାତ୍ର, ବିଜୟ କ, ସତ୍ୟଜିତ୍ ମଲ୍ଲିକ, ସସ୍ମିତା ନାୟକ, ଶିକ୍ଷାବିତ୍ ଅଭୟ ଦାସ ପ୍ରମୁଖ ସଭା ପରିଚାଳନା କରିଥିବା ବେଳେ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଗବତ ଜନ୍ମଉତ୍ସବ

**ଭଦ୍ରକ, ୭ ।୯ (ସମିସ):** ଭଦ୍ରକ ପୌରାଞ୍ଚଳ ଅନ୍ତରଗତ ଅପ୍ରତିବିନ୍ଧା(ଏଲଖା)ଠାରେ ପ୍ରତିବର୍ଷ ପରି ଏ ବର୍ଷ ଭାଗବତ ଜନ୍ମ ଉତ୍ସବ ମହାଡ଼ମ୍ବରରେ ପାଳନ ହୋଇଯାଇଛି । ସାଳନ୍ଦୀନଦୀରୁ ଘଟ ଉଠାଇ କଳସ ସ୍ଥାପନ କରାଯିବା ପରେ ପୂଜକ ବୁଲୁ ମିଶ୍ର କରି ଥିବା ବେଳେ ସଂକଳ୍ପରେ ପ୍ରକାଶଚନ୍ଦ୍ର ବେହେରା ଓ ସହଧର୍ମିଣୀ ଯଶୋଦା ନାଥ ବସିଥିଲେ । ପୂଜା ପରେ ପ୍ରସାଦ ସେବନ ହୋଇଥିଲା । ଗ୍ରାମବାସୀଙ୍କ ପକ୍ଷରୁ ସର୍ବପର୍ଶୁରାମ ମହାନ୍ତି, ନବକିଶୋର ସାହୁ, ଗୋବର୍ଦ୍ଧନ ପଲେଇ, ବାଇଧର ପଲେଇ ବାବନ ମହୁରୀ ଦେବେଶ ମହାନ୍ତି, ରାଜେନ୍ଦ୍ର ବେହେରା, ଦିଲ୍ଲୀପ ପଣ୍ଡା, ସୁନନ୍ଦା ଜେନା, ଦାଶରଥି ସାହୁ, ପ୍ରଶାନ୍ତ ସାହୁ, କଣକଲ, କନକଲତା ମହାନ୍ତି, ମମତା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ହୋ' ଭାଷାର ଲିପି ସ୍ରଷ୍ଟାଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟିତ

ରାଇରଙ୍ଗପୁର,୭।୯ (ସମିସ): ରାଇରଙ୍ଗପୁରର ଫଟାଟାଙ୍ଗର ଗ୍ରାମରେ ଶଳାସାଗେନ ମହାଦେବ କ୍ଲବ ଆନୁକୂଲ୍ୟରେ ପାଳିତ ଲାକୋ ବଦ୍ରା ଜୟନ୍ତୀ ଅବସରରେ ବିଧାୟକ ଜଲେନ ନାଏକଙ୍କ ପ୍ରୟାସରେ ହୋ' ସମ୍ପ୍ରଦାୟ ଲିପି ସ୍ରଷ୍ଟା ୱାରାଙ୍ଗଚିତି ଲିପି ସ୍ରଷ୍ଟା ଅତଗୁରୁ କୋଲ ଲାକ ବଦ୍ରାଙ୍କ ପ୍ରତିମୂର୍ତ୍ତି ଅନବରଣ ହୋଇଯାଇଛି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁକୋଲା, ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ସହିତ ଅନେକ ବିଜେପି ନେତା ଯୋଗଦେଇଛନ୍ତି। ତେବେ ଦୀର୍ଘ ଦିନର ଗ୍ରାମବାସୀଙ୍କ ଆଶା ଓ ଆକାଂକ୍ଷା ଆଜି ପୂରଣ ହୋଇଛି। ପବିତ୍ର ଜୟନ୍ତୀରେ ଗ୍ରାମରେ ଦେଖିବାକୁ ମିଳିଛି ହଜାର ହଜାର ଆଦିବାସୀ ହୋ ସମ୍ପ୍ରଦାୟର ଲୋକଙ୍କ ସମାଗମ। ଜୟନ୍ତୀରେ ମୁଖ୍ୟ ଅତିଥି କହିଛନ୍ତି ପ୍ରତ୍ୟେକ ସମ୍ପ୍ରଦାୟର ପରିଚୟ ହେଉଛି ତାର ଭାଷା। କାରଣ ଭାଷା ବଞ୍ଚିଲେ ଜାତି ବଞ୍ଚିବ। ତେଣୁ ପ୍ରତ୍ୟକ ସମ୍ପ୍ରଦାୟ ତାର ଭାଷାର ବିକାଶ ସହ ତାର ପରମ୍ପରାକୁ ଜାବୁଡି ଧରି ସାମାଜିକ ଜୀବନ ଅତିବାହିତ କରିବା ଉଚିତ୍ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଶଳାସାଗେନ କ୍ଲବ୍‌ର ସହସ୍ରାଧିକ ସାମାଜିକ ହୋ' ସମ୍ପ୍ରଦାୟର ଲୋକମାନେ ଉପସ୍ଥିତ ଥିଲେ।



# ହାତୀପଲ ଆକ୍ରମଣରେ ମୃତ ମହିଳାଙ୍କୁ ମିଳିବ କ୍ଷତିପୂରଣ

ମୋରଡ଼ା,୭।୯ (ସମିସ): ରାସଗୋବିନ୍ଦପୁର ବନାଞ୍ଚଳ ଅନ୍ତର୍ଗତ ମୋରଡ଼ା ଥାନାର ରବର ପ୍ଲାଣ୍ଟ ନିକଟରେ ଶନିବାର ରାତିରେ ହାତୀ ଆକ୍ରମଣରେ ମୃତ ବାରିପଦା ଚିପଟ ଅସ୍ତିଆ ଅଞ୍ଚଳର ପବନା ନାୟକଙ୍କ ସ୍ତ୍ରୀ ରୀନା ନାୟକ (୪୫)ଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ କରାଯିବ। ଅମରଦାରୁ ଏକ ବ୍ୟାଟେରୀ ଚାଳିତ ଓଟୋରେ ୮ ଜଣ ଲୋକ ବାରିପଦା ଫେରୁଥିଲେ। ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲରୁ ଏକ ୧୦ଟିକିଆ ହାତୀପଲ ହଟାତ ରାସ୍ତା ଅତିକ୍ରମ କରୁଥିବାର ଦେଖି ଡ୍ରାଇଭର ଜଣକ ଓଟୋକୁ ପଛକୁ ଆଣୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଯାହାଫଳରେ ହାତୀପଲ ଆସି ରୀନାକୁ ଆକ୍ରମଣ କରିଥିବା ବେଳେ ଅନ୍ୟମାନେ ଦୌଡ଼ି ପଳାଇ ଯାଇଥିଲେ। ହାତୀ ଆକ୍ରମଣରେ ରୀନାଙ୍କ ହାତ, ଛାତି ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ମୋରଡା ପୁଲିସ ଓ ସ୍ଥାନୀୟ ଲୋକେ କିଶାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରୀନାଙ୍କ ବ୍ୟତୀତ ଆଉ ୩ ଜଣ ଗୁରୁତର ଆହତ ହୋଇଥିବାରୁ ସେମାନଙ୍କୁ ଚିକିତ୍ସା କରାଯାଉଛି। ଏସମ୍ପର୍କରେ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ରୀନା ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବାବେଳେ ସରକାରଙ୍କ ତରଫରୁ ତାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଚାରା ବଣ୍ଟନ ଯାନ 'ସବୁଜ ବାହନ' ଉଦ୍‌ଘାଟିତ

କରଞ୍ଜିଆ,୭।୯ (ସମିସ): ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମାଆ ପାଇଁ ଗଛଟିଏ ଯୋଜନାରେ ରାଜ୍ୟର ସମସ୍ତ ପଞ୍ଚାୟତ, ଶିକ୍ଷାନୁଷ୍ଠାନ ଓ ଅନ୍ୟସ୍ଥାନମାନଙ୍କରେ ୭୫ଲକ୍ଷ ଚାରାରୋପଣ କରାଯିବାକୁ ନିଷ୍ପତ୍ତି ହୋଇଛି। ତଦ୍‌ନୁଯାୟୀ କରଞ୍ଜିଆ ବନଖଣ୍ଡ ପକ୍ଷରୁ ୪ଟି ବନାଞ୍ଚଳ ଅଧୀନ ୫ବ୍ଲକ ଅଞ୍ଚଳରେ ଥିବା ୭୩ ପଞ୍ଚାୟତରେ ୧ଲକ୍ଷ ୧୦ହଜାର ଚାରାରୋପଣ କରାଯିବା ପାଇଁ ସିଦ୍ଧାନ୍ତ ହୋଇଛି। ପ୍ରତି ପଞ୍ଚାୟତକୁ ୫୦୦ ଚାରା ଯୋଗାଣ ପାଇଁ କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ଚାରାବଣ୍ଟନ ଯାନ ସବୁଜ ବାହନ ପ୍ରସ୍ତୁତ ହୋଇଥିଲା। ବନଖଣ୍ଡର ସେଣ୍ଟ୍ରାଲ ନର୍ସରୀ ଠାରେ ଆଜି ଭ୍ରାମ୍ୟମାଣ ଚାରାବଣ୍ଟନ ଯାନର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଙ୍କ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦେଇ ଉଦଘାଟନ କରିଥିଲେ।



ଉଦଘାଟନ ପରେ ପତାକା ଦେଖାଇ ଚାରା ବଣ୍ଟନର ଶୁଭାରମ୍ଭ କରିଥିଲେ। କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ପ୍ରତି ପଞ୍ଚାୟତକୁ ୫୦୦ ଲେଖାଏଁ ମୋଟ ୭୩ ପଞ୍ଚାୟତକୁ ୩୬,୫୦୦ ଚାରା ଯୋଗାଣ ହେବା ସହ ବିଭାଗ ପକ୍ଷରୁ ୩୮,୦୦୦ ଚାରାରୋପଣ ପାଇଁ ନିଷ୍ପତ୍ତି ହୋଇଥିବା ନେଇ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ ସୂଚନା ଦେଇଛନ୍ତି। ଆଇଟିଡିଏ ପକ୍ଷରୁ ୨୫ହଜାର ଜଙ୍ଗଲଜାତ ଚାରାରୋପଣ କରାଯିବା ସହ ସ୍ଥାନୀୟ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୧୦ହଜାର ଫଳ ଚାରାରୋପଣ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିବା ନେଇ ବନଖଣ୍ଡ ଅଧିକାରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ, ସହକାରୀ ବନ ସଂରକ୍ଷକ ପ୍ରଭାତ କୁଅଁର ଓ ମଦନ ମୋହନ ମହାନ୍ତ, ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, ବନପାଳ ସୁରମୋହନ ବେହେରା,ସିଙ୍ଗଡା ବନପାଳ ଦିପ୍ତିମୟୀ ସେଠୀ ସମେତ ଛାତ୍ରଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଜୁଆ ଖେଳ ବେଳେ ଚଢ଼ଉ; ଖେଳ ସାମଗ୍ରୀ ଜବତ

ଠାକୁରମୁଣ୍ଡା,୭।୯ (ସମିସ): ମହୁଲଡ଼ିହା ଥାନା ଅଧୀନ ତରାମରା ପଞ୍ଚାୟତ ଡକେଇପାଳ ଫୁଟବଲ ପଡିଆରେ ସିଲଭରଜୁବୁଲି ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳେ ଭିଡକୁ ଦେଖି ରବିବାର ପଡିଆ ନିକଟରେ ଜୁଆଖେଳ ଚାଲିଥିଲା। ଏନେଇ ମହୁଲଡ଼ିହା ଥାନା ପୁଲିସ ସୂଚନା ପାଇବା ପରେ ସନ୍ଧ୍ୟା ପ୍ରାୟ ୫ଟାରେ ଅଚାନକ ଘଟଣାସ୍ଥଳରେ ପହଞ୍ଚି ଜୁଆଖେଳ ହେଉଥିବା ସ୍ଥାନରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ଜୁଆ ଖେଳ କରୁଥିବା ବ୍ୟକ୍ତିମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ପୁଲିସ ଦୁଇଟି ଜୁଆଆଡାରୁ ଖେଳ ନିମନ୍ତେ ବ୍ୟବହୃତ ସାମଗ୍ରୀ ଗୁଡିକୁ ଜବତ କରିଥିଲେ। ସେହିପରି ସେହି ନିକଟରେ ଚୋରା ମହୁଲି ମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ୫ ଲିଟର ମହୁଲି ମଦ କୁ ଜବତ କରିଥିଲେ। ଚଢ଼ଉରେ ଥାନା ଏଏସଆଇ ବିଜୟ କୃଷ୍ଣ ସାନ୍ତରା ଓ ସଞ୍ଜୟ କୁମାର ନାୟକ ସମେତ ପୁଲିସ ଟିମ ସାମିଲ ଥିଲେ।

**ଲୌହପଥର ପରିବହନରେ ହେର୍‌ଫେର୍ ଘଟଣା**

# କ୍ଷତିପୂରଣ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର

ଯୋଡ଼ା, ୭।୯ (ସମିସ):

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଥିବା ମିତ୍ତଲ କମ୍ପାନୀର ଠାକୁରାଣୀ ଲୌହଖଣିରୁ ଦୁବୁନାସ୍ଥିତ କାରଖାନାକୁ ପରିବହନ ହେଉଥିବା ବେଳେ ଏଥିରେ ୬୧% ପ୍ରତିଶତ ଲୌହ ଅଂଶ ଥିବା ଲୁହାପଥରକୁ ୫୮% ପ୍ରତିଶତ ଦେଖାଇ ଲୁହାପଥରର ମାନ ହେରଫେର କରୁଥିବା ଅଭିଯୋଗରେ ଖଣି ବିଭାଗ ଦୁଇଟି ଲୁହାପଥର ବୋଝେଇ ଟ୍ରକକୁ ଜବତ ସହ ବଡ଼ବିଲ ଥାନାକୁ ହସ୍ତାନ୍ତର କରିଥିଲା। ଏହି ମାନ ହେରଫେରରେ ଗାଡି ମାଲିକଙ୍କ କୌଣସି ସମ୍ପୃକ୍ତି ନଥିବା ବେଳେ ଏହାକୁ ବିରୋଧ କରି ଏବଂ ଅନ୍ୟ କେତେକ ଦାବିନେଇ ପରିବହନ ଠିକାଦାର କେଶବ ଏଣ୍ଟେରପ୍ରାଇଜଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଓ କେତେକ ଗାଡି ମାଲିକ ଖଣି ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଫଳରେ ଖଣିରୁ ଲୁହା ପଥର ସମ୍ପୂର୍ଣ ବନ୍ଦ ରହିଥିଲା। ରବିବାର ମିତ୍ତଲ କମ୍ପାନୀ ପକ୍ଷରୁ ସେମାନଙ୍କ ଦାବିଗୁଡିକୁ ମାନି ନିଆଯାଇଛି। ମୁଖ୍ୟତଃ ଖଣି ନିକଟରୁ ନାଲଦା ପର୍ଯ୍ୟନ୍ତ ରାସ୍ତାର ମରାମତି ନିମନ୍ତେ ମା' ଠାକୁରାଣୀ ସର୍ଭିସ ଏଜେନ୍ସିକୁ କାର୍ଯାଦେଶ ଦିଆଯାଇଥିବା ଜଣାପଡିଛି। ସେହିପରି ଖଣି ନିକଟରେ ଟ୍ରକ ରହଣିସ୍ଥଳ, ସେଠାରେ ପାନୀୟଜଳର ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ନିମନ୍ତେ ବ୍ୟବସ୍ଥା, ଡ୍ରାଇଭରଙ୍କ ବିଶ୍ରାମ କକ୍ଷ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ମିଳିଛି। ସ୍ଥାନୀୟ ନିଯୁକ୍ତିକୁ ଆବଶ୍ୟକ ମୁତାବ ଗ୍ରହଣ କରିବାକୁ ସହମତି ପ୍ରଦାନ କରିଛି। ସେହିପରି ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପାଇଁ ଦଲକି, ବେଲକୁଣ୍ଡି, ଟାଙ୍ଗୁରା, କାରୋକଲା ଏବଂ ନାଲଦା ଅଞ୍ଚଳବାସୀଙ୍କୁ ମିଳିଛି ପ୍ରତିଶ୍ରୁତି। ଅଦ୍ୟାବଧି ଅଟକ ରହିଥିବା ଟ୍ରକଗୁଡିକର କ୍ଷତିପୂରଣ ଦେବାପାଇଁ ସହମତି ପ୍ରଦାନ କରିବା ପରେ ଏ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏ ସଂକ୍ରାନ୍ତରେ ଖଣି ଉପନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ ଆସନ୍ତାକାଲି ସରକାରଙ୍କ ନିୟମ ଅନୁଯାୟୀ ଜରିମାନା ଏବଂ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବରେ ସମ୍ବର୍ଦ୍ଧିତ ହେଲେ ୨ ଶିକ୍ଷକ



ଠାକୁରମୁଣ୍ଡା,୭।୯ (ସମିସ): ଗୁରୁ ଦିବସ ଅବସରରେ ଜିଲ୍ଲା ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ବାରିପଦା ଲାଲବଜାର ସ୍ଥିତ ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବରେ ଠାକୁରମୁଣ୍ଡା ବ୍ଲକର ୨ ଜଣ କାର୍ଯ୍ୟରତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗତକାଲି ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବର ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଅତିଥି ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଓ ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ୍ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଇଓ ବିଶେଶ୍ୱର ଟୁଡୁ, ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କ ମଧ୍ୟରେ କାର୍ଯ୍ୟରତ ଠାକୁରମୁଣ୍ଡା ବ୍ଲକ ଅଧୀନ ଜମୁନାଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(ଇ) ର ରବୀନ୍ଦ୍ର କୁମାର ପତି ଏବଂ ଜାମୁନାଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ଇ)ର ନୟନ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଠାକୁରମୁଣ୍ଡା ବ୍ଲକର ଶିକ୍ଷକ ସଂଘ ତରଫରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ସରଡିହା କ୍ଲଷ୍ଟରରେ ଶିକ୍ଷକଙ୍କୁ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା

ଶରତ,୭।୯ (ସମିସ): କପ୍ତିପଦା ବ୍ଲକ ଅଧୀନ ସରଡିହା କ୍ଲଷ୍ଟରରେ ବଦଳି ହୋଇଥିବା ଶିକ୍ଷକଙ୍କୁ ବିଦାୟକାଳୀନ ସଭା ଓ ନୂତନ ଭାବେ ଯୋଗଦାନ କରିଥିବା ଶିକ୍ଷକମାନଙ୍କୁ ସ୍ୱାଗତ ସମ୍ବୋର୍ଦ୍ଧନା ସଭା ଶ୍ରୀପଦମଞ୍ଜରୀ ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଶିକ୍ଷକ ପ୍ରମୋଦ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସିଆରସିସି ପ୍ରଶାନ୍ତ ବେହେରା ଏବଂ ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ଚକ୍ରଧର ବେହେରା, ସିଆରସିସି ସଞ୍ଜୟ କୁମାର ବେହେରା ମଞ୍ଚାସୀନ ହୋଇଥିଲେ। ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ସଂଜୀବ କୁମାର ସାହୁ। କ୍ଲଷ୍ଟର ଶିକ୍ଷକ ମନୋରଞ୍ଜନ ଶଙ୍ଖୁଆ, ପ୍ରଶାନ୍ତ କୁମାର ଜେନା ଅନ୍ୟତ୍ର ବଦଳି ହୋଇଥିବା ବେଳେ କାଳିଚରଣ ହୋ ଓ ରଞ୍ଜିତ ମୁଖାର୍ଜୀ ଉକ୍ତ କ୍ଲଷ୍ଟରକୁ ବଦଳି ହୋଇ ଆସିଥିବା ବେଳେ ସିଆରସିସି ସଞ୍ଜୟ କୁମାର ବେହେରାଙ୍କ କାର୍ଯ୍ୟକାଳ ସରିବାରୁ ସେ ବିଦ୍ୟାଳୟକୁ ଫେରିଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ଅତିଥି ମାନଙ୍କୁ ଶିକ୍ଷକ ଭକ୍ତହରି ଦେହୁରୀ ଧନ୍ୟବାଦ ଦେଇଥିଲେ।



# ବାଲେଶ୍ୱର ରାମ ଯାଦବ ସାହିତ୍ୟ ସଂସଦ ଗଠିତ



ରାଇରଙ୍ଗପୁର,୭।୯ (ସମିସ): ରାଇରଙ୍ଗପୁରରେ ସାହିତ୍ୟିକ ସ୍ୱର୍ଗତ ବାଲେଶ୍ୱର ରାମ ଯାଦବଙ୍କ ଜୀବନବ୍ୟାପି ହିନ୍ଦୀ ସାହିତ୍ୟସେବା ଏବଂ ତାଙ୍କର ଆଦର୍ଶ ଓ ପରାକାଷ୍ଠାକୁ କେନ୍ଦ୍ର କରି 'ବାଲେଶ୍ୱର ରାମ ଯାଦବ ସାହିତ୍ୟ ସଂସଦ' ଗଠିତ ହୋଇଯାଇଛି। ଅଧ୍ୟାପକ ବିଜୟ କୁମାର ରାମଙ୍କ ଆବାହକତ୍ୱରେ ରାଇରଙ୍ଗପୁର ସାହିତ୍ୟିକମାନଙ୍କ ମାର୍ଗଦର୍ଶନରେ ଅବଧେଶ ମିଶ୍ର, ରାଜେଶ କୁମାର ପ୍ରଜାପତି, ସନ୍ତୋଷୀ ରାମ, ସୁନୀଲ ଚୌବେ, ଗୋପାଳ କୃଷ୍ଣ ମହାନ୍ତି, ଚନ୍ଦ୍ରଭୂଷଣ (ଛୋଟୁ) ଯାଦବ, ନିଶା ପ୍ରଜାପତି, ପ୍ରୀତି ରାଜ, ଟାରଜନ, ଓ ଅନ୍ୟାନ୍ୟ ହିନ୍ଦୀଭାଷୀ ମାନେ ଉପସ୍ଥିତ ରହି ତାଙ୍କ ଜୀବନୀ ଏବଂ ତାଙ୍କଦ୍ୱାରା ରଚିତ "ମେରୀ ଲାଲୀ' ପୁସ୍ତକ ଚର୍ଚ୍ଚା କରିଥିଲେ। ବାଲେଶ୍ୱର ରାମଙ୍କ ସୁପୁତ୍ର ଛୋଟୁ ଯାଦବ ଏହି ବ୍ୟାନରରେ କବି ଓ ସାହିତ୍ୟ ସମ୍ମେଳନ ଆୟୋଜନ ପାଇଁ ପ୍ରସ୍ତାବ ଦେଇଛନ୍ତି। ସାହିତ୍ୟିକ ଆଲୋକ ଅଗ୍ରବାଲ, ବିଜୟ ଅଗ୍ରବାଲ, ରମେଶ ସାହା, ମନୋଜ ଢନଢନିଆ, ଆନନ୍ଦ ଅଗ୍ରବାଲ, ସୌରଭ ପଟ୍ଟନାୟକ, ଡକ୍ଟର ଦିଗମ୍ବର ଗିରି, ତିମିର ରଂଜନ ପଣ୍ଡା, ରଞ୍ଜନ କୁମାର ନନ୍ଦ, କିଶୋର ଅଗ୍ରୱାଲ, ଲାଲବାବୁ ସାଓ, ମଣିଷ ଗୁପ୍ତା ଓ ଅନ୍ୟାନ୍ୟ ସାହିତ୍ୟିକ ମାନେ ଏହି ପଦକ୍ଷେପକୁ ସ୍ୱାଗତ ଓ ପ୍ରଶଂସା କରିଛନ୍ତି।

# ଡା. ପ୍ରଶାନ୍ତ ମିଶ୍ର ସିପିଆଇର ରାଜ୍ୟ ସମ୍ପାଦକ ନିର୍ବାଚିତ

**ଜଗବନ୍ଧୁ ମିଶ୍ର ରାଜ୍ୟ ପରିଷଦକୁ ନିର୍ବାଚିତ**



ବାରିପଦା,୭।୯ (ସମିସ): ବାରିପଦା, ୭।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଭୀମଦା ଗ୍ରାମରେ ତିନିପିଢ଼ିର କମ୍ୟୁନିଷ୍ଟ ପରିବାରରେ ଜନ୍ମିତ ଡ. ପ୍ରଶାନ୍ତ ମିଶ୍ର ସିପିଆଇର ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଛାତ୍ର ଜୀବନରୁ କମ୍ୟୁନିଜିମ ଆଦର୍ଶ ପ୍ରତି ସମର୍ପିତ ଡ. ମିଶ୍ର ୧୯୮୪ ମସିହାରେ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସଏଫ୍)ରେ ଯୋଗଦେଇ ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ ଆରମ୍ଭ କରିବା ସହ ଅଖିଳ ଭାରତ ଯୁବ ସଂଘର ରାଜ୍ୟ ସମ୍ପାଦକ, ରାଜ୍ୟ ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିଛନ୍ତି। ପରେ ସିପିଆଇର ରାଜ୍ୟ ସହସମ୍ପାଦକ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଭାବେ ବିଭିନ୍ନ ଜନ ଆନ୍ଦୋଳନରେ ରହି ନେତୃତ୍ୱ ନେଇ ଆସିଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଭାବେ ଗରିବ ଲୋକଙ୍କ ବିଭିନ୍ନ ମୋକଦ୍ଦମାକୁ ମାଗଣାରେ ପରିଚାଳନା କରି ନ୍ୟାୟ ପ୍ରଦାନ କରାଇଛନ୍ତି। ତାଙ୍କ ଅଜା ସ୍ୱାଧୀନତା ସଂଗ୍ରାମୀ, ନୀଳଗିରି ପ୍ରଜା ଆନ୍ଦୋଳନର ନେତା ଗୋବିନ୍ଦ ଚନ୍ଦ୍ର ପଣ୍ଡା ଅବିଭକ୍ତ ବାଲେଶ୍ୱର ଜିଲ୍ଲା କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ଥିଲେ। ତାଙ୍କ ପିତା ବରିଷ୍ଠ କମ୍ୟୁନିଷ୍ଟ ନେତା ପ୍ରୟାତ ସାଥୀ ଶରତ ଚନ୍ଦ୍ର ମିଶ୍ର ବିଗତ ଦିନରେ ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଥାଇ ଭାଗଚାଷ ଆନ୍ଦୋଳନର ନେତୃତ୍ୱ ନେବା ସହ ଅବିଭକ୍ତ ପଟିସାରୀ ପଞ୍ଚାୟତ ସରପଞ୍ଚ, ବଡ଼ସାହିର ବ୍ଲକର ଚେୟାରମ୍ୟାନ ଥିଲେ। ଡ. ମିଶ୍ର ମୟୂରଭଞ୍ଜର ବିଶିଷ୍ଟ କମ୍ୟୁନିଷ୍ଟ ନେତା, ବରିଷ୍ଠ ଆଇନଜୀବୀ ପ୍ରୟାତ ସାଥୀ ହରିହର ଦାଶଙ୍କ ବଡ ଜ୍ୱାଇଁ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତ ବାର୍ଷିକୀ(୧୯୨୫-୨୦୨୫) ପରିପ୍ରେକ୍ଷୀରେ ରାଜ୍ୟ ପାର୍ଟିର ଗତ ୪, ୫ ଓ ୬ ସେପ୍ଟେମ୍ବରରେ ଅନୁଷ୍ଠିତ ହୋଇଯାଇଥିବା ୨୪ତମ ରାଜ୍ୟ ସମ୍ମିଳନୀରେ ସାଥୀ ଡା.ପ୍ରଶାନ୍ତ ମିଶ୍ର ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାରୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ତଥା ଉତ୍ତର ଓଡ଼ିଶା ରାଜ୍ୟ ପାର୍ଟିର ନେତୃତ୍ୱ ନେଇଛନ୍ତି। ଠିକ୍ ସେହିପରି ପାର୍ଟିର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ରାଜ୍ୟ ପାର୍ଟିର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ରାଜ୍ୟ ପରିଷଦକୁ ପୁନଃ ନିର୍ବାଚିତ ହୋଇଥିବାରୁ ଜିଲ୍ଲା ବ୍ୟାପୀ ଉଭୟଙ୍କୁ ସମସ୍ତ ସାଥୀ, ସମର୍ଥକ, ଶୁଭେଚ୍ଛୁ, ବିଭିନ୍ନ ଗଣ ସଂଗଠନ ଓ ଜିଲ୍ଲାର ସାଧାରଣ ମଣିଷଙ୍କ ପକ୍ଷରୁ କ୍ରାନ୍ତିକାରୀ ଅଭିନନ୍ଦନ ଦିଆଯାଇଛି। ଜିଲ୍ଲାର ବୟୋଜ୍ୟେଷ୍ଠ ସାଥୀ ତ୍ରିନାଥ ପାତ୍ରଙ୍କୁ ପାର୍ଟିର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ସାଥୀ ଡି. ରାଜା ଶତବାର୍ଷିକୀ ଅବସରରରେ ଉକ୍ତ ସମ୍ମିଳନୀରେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ନୂଆପଡ଼ା 'ଲକ୍ଷ୍ମୀ ବସଷ୍ଟାଣ୍ଡ' କାର୍ଯ୍ୟକ୍ଷମ କେବେ ?

ରାମଚନ୍ଦ୍ରପୁର, ୭।୯ (ସମିସ): ସରକାର ପରିବର୍ତ୍ତନ ପରେ ପୂର୍ବର ଲକ୍ଷ୍ମୀ ବସ୍ ଏବେ ଅବ୍ୟବସ୍ଥାରେ ପରିଚାଳିତ ହେଉଛି। ଅଧପନ୍ତିରିଆ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ପତିତପାବନ କ୍ଷେତ୍ର ଭାବେ ପରିଚିତ ନୂଆପଡ଼ା ବଜାରରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଗାଁ ମୁଣ୍ଡରେ ଲକ୍ଷ୍ମୀବସ୍ ଷ୍ଟାଣ୍ଡ ନିର୍ମାଣ କରିଥିଲେ ଗତ ସରକାର; ହେଲେ ସରକାର ବଦଳିଗଲା ପରେ ଯୋଜନା ବଦଳିଗଲା। ଆର୍ଥିକ ବର୍ଷ ସରିଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଏବେବି ଅଧପନ୍ତରିଆ ହୋଇ ପଡିରହିଛି। ଫଳରେ ତୀର୍ଥକ୍ଷେତ୍ର ଭାବେ ମାନ୍ୟତା ପାଇଥିବା ନୂଆପଡ଼ା ଅଞ୍ଚଳର ଲୋକେ ଏଥିନେଇ ଘୋର ଅସନ୍ତୋଷ ପ୍ରକାଶ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଅଧପନ୍ତରିଆ ବସଷ୍ଟପ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଗାଁର ଅନେକ ବୁଦ୍ଧିଜୀବୀ ଜିଲ୍ଲାପାଳ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରଛନ୍ତି।



# ଫକୀରପୁରରେ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍




ଆନନ୍ଦପୁର, ୭।୯ ସମିସ): କେନ୍ଦୁଝର ଜିଲ୍ଲା ଫକୀରପୁର ସିଟି ସ୍କୁଲ୍ ପରିସରରେ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍‌ଲେଭ୍-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା କାରଣରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପରିବେଶବିତ୍, ଗବେଷକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଏହି ସମ୍ମିଳନୀର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମକୁ ପୂର୍ବତନ ସାଂସଦ, ବିଧାୟକ ତଥା ପ୍ରତିଷ୍ଠିତ ସାମ୍ବାଦିକ-ସମ୍ପାଦକ ତଥାଗତ ଶତପଥୀ ଉଦ୍‌ଘାଟନ କରିଥିଲେ। 'ଯିଏ ନକାରାତ୍ମକ କମେଣ୍ଟ ଦେଉଛି ତୁମେ ଭାବିବ ଶହେଟି ସକାରାତ୍ମକ କମେଣ୍ଟ ତୁମ ସପକ୍ଷରେ ଆସିଲା। ସବୁବେଳେ ସକାରାତ୍ମକ ଚିନ୍ତାଧାରା ରଖି କାମ କରିବାକୁ ହେବ' ବୋଲି ସେ କହିଥିଲେ। ସହଯୋଗୀ ତଥା ତାଙ୍କ ପତ୍ନୀ ଆଦ୍ୟାଶା ଶତପଥୀ ଯୋଗ ଦେଇ ଆଜିର ପରିବେଶ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜ୍ ସହକାରୀ ପ୍ରଫେସର ଡ ସବିତା ଜେନା ନିଜର ଆବଶ୍ୟକତାକୁ କମାଇବାକୁ କହିଥିଲେ। ଫକୀରପୁର ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ପରିବେଶବିତ୍ ସରୋଜ ସାହୁ, ବୈଲୋଚନ ସୁତାର, ପରିବେଶବିତ୍ ଚନ୍ଦନ ପଣ୍ଡା, ସନତ କର, ସୁରେନ୍ଦ୍ର ଦାସ, ନିରଞ୍ଜନ ସାହୁ, ଜଳେନ୍ଦ୍ର ମହାଳିକ, ଶୁଭାସ୍ମିତା ମିଶ୍ର, ସର୍ବେଶ୍ୱର ଦଳାଇ ଓ ବଳଦେବ ପତି ବକ୍ତବ୍ୟ ରଖିଥିଲେ। ଅନିଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଅୟୋଜକ ତ୍ରିଲୋଚନ ସାହୁ ଯୁବପିଢି ସମେତ ସମସ୍ତେ ନିଜ ନିଜ ଭିତରେ ଯଦି ବ୍ୟବହାରିକ ପରିବର୍ତ୍ତନ ଆଣିପାରିବ ତେବେ ପରିବେଶ ସୁରକ୍ଷା ସମ୍ଭବ ବୋଲି ମତ ବ୍ୟକ୍ତ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳ ଏବଂ ଜିଲ୍ଲାରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରକୃତିପ୍ରେମୀ, ଛାତ୍ରଛାତ୍ରୀ ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ବିଚ୍ଛିନ୍ନାଞ୍ଚଳ ଷଢେଇକଳାରେ ପୁଣି ଓଡ଼ିଆ ନାଟକର ମାନିଆ

ବାରିପଦା,୭।୯ (ସମିସ):

ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ୍ୟ 'ଜୟ ମା ପାଉଡ଼ି ନାଟ୍ୟାନୁଷ୍ଠାନ, ଷଢେଇକଳା' ଏକ ମହାନ ସାମାଜିକ ନାଟକ 'କିଏ ଜାଣି ଥିଲା ଏମିତି ହେବ' ମଞ୍ଚସ୍ଥ କରିବାକୁ ଯାଉଛି। ଏଥିଲାଗି ଅଗ୍ର ପୂଜ୍ୟ ଗଣପତିଙ୍କ ପୂଜାଦିନରେ ଅନୁଷ୍ଠାନ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ରୂପେ ଷଢେଇକଳାର ବିଧାୟକ ପ୍ରତିନିଧି ସନନ୍ଦ ଆଚାର୍ଯ୍ୟ ଓ ଅନୁଷ୍ଠାନର ନିର୍ଦ୍ଦେଶକ ନୀଳକଣ୍ଠ ଷଡ଼ଙ୍ଗୀ ସହ କଳାକାରମାନଙ୍କର ଉପସ୍ଥିତିରେ ନାଟକ ପରିବେଷଣ ଲାଗି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ନଭେମ୍ବରରେ ନାଟକ ମଞ୍ଚସ୍ଥ ହେବ। ଗଣପତିଙ୍କ ମଣ୍ଡପରେ ଯାଇ ବିଧିପୂର୍ବକ ଆଖଡ଼ା ପୂଜା କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀଙ୍କ ସୂଚନାନୁଯାୟୀ, ନାଟକ ଦ୍ୱାରା ଆମର ବିଚ୍ଛିନ୍ନାଞ୍ଚଳ ଷଢେଇକଳା ଓ ଆଖପାଖ ଗ୍ରାମାଞ୍ଚଳରେ ଓଡ଼ିଆ ଭାଷା ଉନ୍ନତି ହେବ। ସବୁଦିନ ପାଇଁ ଆମର ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ବଞ୍ଚି ରହିବା ପାଇଁ ଉଦ୍ୟମ ତଥା ପ୍ରୟାସ କରାଯାଉଛି। ଏହି ଅବସରରେ ଅତି ଉତ୍ସାହର ସହ ଶଶାଙ୍କ ସାଥୁଆ, ସନୁ ଆଚାର୍ଯ୍ୟ, ଚନ୍ଦନ ସାହୁ, ମନବୋଧ ଦାରଘା, ଟିଙ୍କୁ ସାହୁ, ବାବଲୁ ସାଥୁଆ, ତାପସ ସାହୁ, ଅଶୋକ ସାହୁ, ତାପସ ମୋଦକ, ରାଜେଶ ଦାରଘା, ମନରଞ୍ଜନ ଦାରଘା, ମୁକେଶ ସାହୁ, କିଶୋର ଷଡ଼ଙ୍ଗୀ, ପିଣ୍ଟୁ ରଣା, ଅଗସ୍ତି ବାରିକ, ରାଖହରି ରଜକ, ସୁମିତ ପତି ଓ ଅନ୍ୟାନ୍ୟ ସଦସ୍ୟ ଏବଂ କଳାକାରମାନେ ଯୋଗଦେଇଥିଲେ ବୋଲି ଷଢେଇକଳାର ଓଡ଼ିଆ ସଂଗଠକ ଦୁଖୁରାମ ସାହୁ ଜଣାଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୯୩୪: ନ୍ୟୁୟର୍କ ଉପକୂଳରେ ଯାତ୍ରୀବାହୀ ଜଳ ଜାହାଜରେ ଅଗ୍ନିକାଣ୍ଡ ଘଟି ୧୩୭ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା ।
- ୧୯୫୧: ବିଶ୍ୱର ୪୮ ଟି ରାଷ୍ଟ୍ର ଜାପାନ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।
- ୧୯୯୧: ମାସିଡୋନିଆ ସ୍ୱାଧୀନ ହୋଇଥିଲା ।
- ୨୦୦୬: ମହାରାଷ୍ଟ୍ରର ମାଲେଗାଁଓରେ ହୋଇଥିବା ବିସ୍ଫୋରଣରେ ୪୫ମୃତ, ୧୨୫ରୁ ଅଧିକ ଆହତ।

## ଆନ୍ତର୍ଜାତିକ ସାକ୍ଷରତା ଦିବସ



ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଗୋଟିଏ ସମାଜ ଅନୁନ୍ନତ ହୋଇ ରହେ ଏବଂ ଜନ ସହଯୋଗ ଓ ଭାଗିଦାରୀ ବିନା ଏହା ବିକାଶ ପଥରେ ଅଗ୍ରସର ହୋଇପାରେ ନାହିଁ। ଯେଉଁ ଦେଶର ସାକ୍ଷରତା ହାର ଯେତେ ଅଧିକ ତାହା ସେତେ ବିକଶିତ। ସାକ୍ଷରତା କେବଳ ପଢ଼ିବା ଓ ଲେଖିବା ମଧ୍ୟରେ ସୀମିତ ରହି ନ ଥାଏ । ଏହା ଲୋକମାନଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିଥାଏ। ଗରିବୀ ଦୂର କରିବା, ଶିଶୁ ମୃତ୍ୟୁହାର କମାଇବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ପାଇଁ ଜଣେ ସାକ୍ଷର ହେବାର ଆବଶ୍ୟକତା ରହିଛି । କେବଳ ଉନ୍ନତ ଶିକ୍ଷା ମାଧ୍ୟମରେ ହିଁ ଏଭଳି ସମସ୍ୟାକୁ ଦୂର କରାଯାଇପାରିବ । ଏକ ସୁସ୍ଥ ସମାଜ ଗଠନରେ ସାକ୍ଷରତାର କିଭଳି ଆବଶ୍ୟକତା ରହିଛି ସେସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ସେପ୍ଟେମ୍ବର ୮ ତାରିଖରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୁଏ। ସାକ୍ଷରତାର ମହତ୍ତ୍ୱ ପ୍ରତିପାଦନ କରିବା ସହ ବ୍ୟକ୍ତିଗତ, ସାମୁଦାୟିକ ତଥା ସାମାଜିକ ସ୍ତରରେ ସାକ୍ଷରତା ହାର ବଢ଼ାଇବା ନିମିତ୍ତ ସଚେତନତା ସୃଷ୍ଟି କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସାରା ବିଶ୍ୱରେ ନିରକ୍ଷରତା ହଟାଇବା ପାଇଁ ଏହି ଦିବସ ପାଳନ କରାଯାଉଥିବାବେଳେ ଏହାର ସୂତ୍ରପାତ ଇରାନରୁ ହୋଇଥିଲା। ୧୯୬୫ ମସିହା ସେପ୍ଟେମ୍ବର ୮ରୁ ୧୯ ତାରିଖ ଏହି ଦିବସ ପ୍ରଥମେ ଇରାନ୍‌ର ରାଜଧାନୀ ତେହେରାନ୍‌ରେ ପାଳିତ ହୋଇଥିଲା। ସେତେବେଳେ ଏହା ଅନ୍ତର୍ଜାତୀୟ ମାନ୍ୟତା ପାଇ ନଥିଲା। ଇରାନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନେକ ରାଷ୍ଟ୍ରର ଶିକ୍ଷାମନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ। ୨୬ ଅକ୍ଟୋବର ୧୯୬୬ ମସିହାରେ ୟୁନେସ୍କୋ ଦ୍ୱାରା ଏହାର ୧୪ତମ ଅଧିବେଶନରେ ୮ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ସାକ୍ଷରତା ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହୋଇଥିଲା। ପ୍ରଥମ ଥର ପାଇଁ ଏହା ୧୯୬୭ ମସିହାରେ ପାଳିତ ହେଲା । ବିଶ୍ୱରୁ ନିରକ୍ଷରତା ଦୂର କରିବା ଏହାର ପ୍ରାଥମିକ ଲକ୍ଷ୍ୟ। ରାଷ୍ଟ୍ର ବା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଜଣେ ନାଗରିକ ହିସାବରେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଅସମ୍ଭବ। ପଢ଼ିବା ଓ ଲେଖିବା ପାଇଁ ଅସମର୍ଥ ହେଲେ ଶିକ୍ଷା ବାଧାପ୍ରାପ୍ତ ହୁଏ ଓ ଆମ ବ୍ୟକ୍ତିତ୍ୱର ବିକାଶ ମଧ୍ୟ କଷ୍ଟକର ପାଲଟିଥାଏ। ତେଣୁ ସାକ୍ଷରତାର ପ୍ରୟୋଜନ ପ୍ରତି ଜନସଚେତନତା ସୃଷ୍ଟି କରିବା ଆନ୍ତର୍ଜାତିକ ସାକ୍ଷରତା ଦିବସର ପ୍ରମୁଖ ଉଦ୍ଦେଶ୍ୟ। ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସଂସ୍ଥାଗୁଡ଼ିକୁ ୟୁନେସ୍କୋ ପକ୍ଷରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ କରାଯାଏ।



## ଇଟାଲୀରେ 'ଲଭ୍ ଆଣ୍ଡ ୱାର୍'ର କ୍ଲାଇମାକ୍ସ

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀଙ୍କ ଫିଲ୍ମ 'ଲଭ ଆଣ୍ଡ ୱାର୍'ର ରିଲିଜ୍‌କୁ ଦର୍ଶକେ ଏବେ ଚାହିଁ ବସିଛନ୍ତି। ଏଥିରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ଲିଡ୍ ରୋଲରେ ନଜର ଆସିବେ। ଗତବର୍ଷ ନଭେମ୍ବରରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇ ଯାଇଛି। ସୁଟିଂ ସେଟ୍‌ରୁ ଫଟୋ ଓ ଭିଡିଓ ମଧ୍ୟ ଅନେକ ସମୟରେ ଭାଇରାଲ ହେଉଛି। ଇତିମଧ୍ୟରେ ୧୨୫ ଦିନର ସୁଟିଂ ସରି ଯାଇଛି। ମୁମ୍ବାଇରେ ଏକ ବିଶାଳ ସେଟ୍‌ରେ ଏବେ ଏହାର ସୁଟିଂ ଚାଲିଛି। ଅକ୍ଟୋବର ଅଧାଅଧି ପର୍ଯ୍ୟନ୍ତ ଏଠାରେ ସୁଟିଂ ଚାଲିବ। ଏହାପରେ ସଞ୍ଜୟ ସୁଟିଂ ପାଇଁ ଇଟାଲୀ ଯିବେ। ଫିଲ୍ମର କ୍ଲାଇମାକ୍ସ ସିନ୍‌ର ସୁଟିଂ ସେ ସିସିଲିରେ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେବେ କ୍ଲାଇମାକ୍ସ ସିନ୍‌ରେ ଫିଲ୍ମକୁ ପୂରାପୂରି ଏକ ନୂଆ ମୋଡ଼ ଦେବା ପାଇଁ ସେ ଯୋଜନା କରିଥିବା ଜଣାପଡ଼ିଛି। ଏହି ସମୟରେ ସେ ରଣବୀର, ଭିକି ଓ ଆଲିଆଙ୍କୁ ନେଇ ଏଠାରେ ଗୋଟିଏ ଗୀତର ମଧ୍ୟ ସୁଟିଂ କରିବେ। ପାଖାପାଖି ମାସେ ଧରି ସଞ୍ଜୟ ଏଠାରେ ରହିବେ। ଆସନ୍ତା ଡିସେମ୍ବର କିମ୍ବା ଜାନୁୟାରୀ ସୁଦ୍ଧା ସେ ଏହାର ସୁଟିଂ ସାରିବା ଯୋଜନା କରିଛନ୍ତି। ସଞ୍ଜୟ ଫିଲ୍ମର ସୁଟିଂ ସହ ଏଡିଟିଂ କାମ ମଧ୍ୟ କରୁଛନ୍ତି। ଏହା ମାର୍ଚ୍ଚ ୨୦, ୨୦୨୬ରେ ରିଲିଜ୍ ହେବ।

## କାନ୍ଦିବା ପାଇଁ ଲୋକେ ଗଣୁଛନ୍ତି ଟଙ୍କା



ସାରା ଦୁନିଆରେ ବିଭିନ୍ନ ପ୍ରକାର କ୍ଲବ୍ ଥିବାବେଳେ ସେଥିରୁ ଅନ୍ୟତମ କ୍ରାଏ କ୍ଲବ୍। ମୁମ୍ବାଇର ବିଭିନ୍ନ ସ୍ଥାନରେ ଏବେ ଏହା ଖୋଲାଯାଇଛି। ଫଳରେ ଲୋକେ ଏଠାରେ ମନ ଖୋଲି କାନ୍ଦିବାର ସୁଯୋଗ ପାଇପାରୁଛନ୍ତି। ଏଠାକୁ ଲୋକେ ଆସି କାନ୍ଦି ନିଜର ମନ ହାଲୁକା କରିପାରୁଛନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଜଣେ କାନ୍ଦିବା ପରେ ମନରେ ଚାପି ହୋଇ ରହିଥିବା ଦୁଃଖ ଲାଘବ ହୋଇଥାଏ। ମୁମ୍ବାଇର କ୍ରାଏ କ୍ଲବ୍ ଏହି ବିଚାରଧାରା ଉପରେ ପର୍ଯ୍ୟବେସିତ। ସେହିପରି ଏହି କ୍ଲବ୍‌ରେ ଲୋକେ ଏକ ନିର୍ଦ୍ଦିଷ୍ଟ ମାତ୍ରାର ଫି' ଦେଇ କାନ୍ଦିବା ସେସନ୍‌ରେ ସାମିଲ ହୁଅନ୍ତି। କାନ୍ଦିବା ଦୁର୍ବଳତାକୁ ଦର୍ଶାଏ ନାହିଁ, ବରଂ ମଣିଷର ମାନସିକସ୍ଥିତିକୁ ଠିକ୍ ରଖିବା ନିମନ୍ତେ ଏହା ଏକ ନିବେଶ। ଯେମିତି ଲୋକେ ଜିମ୍‌ରେ ଝାଳ ବୁହାଇ ଶରୀରର ବିଷାକ୍ତ ତତ୍ତ୍ୱଗୁଡ଼ିକୁ ବାହାର କରିଥାନ୍ତି ସେହିପରି ଲୁହ ଜରିଆରେ ମଣିଷର ଭାବନାତ୍ମକ ବୋଝ ହାଲୁକା ହୁଏ ବୋଲି ଏହି କ୍ଲବ୍ ପକ୍ଷରୁ କୁହାଯାଇଛି। ଭାରତ ପାଇଁ ଯଦିଓ ଏହି ପରିକଳ୍ପନା ନୂଆ, ହେଲେ ଏହାର ଆରମ୍ଭ ଜାପାନରୁ ହୋଇଥିଲା । ୨୦୧୩ ମସିହାରେ ହିଦେଫୁମି ୟୋଶିଦା ଏବଂ ହିରୋକି ତେରାଇ ଏହାକୁ ପ୍ରଥମେ ଆରମ୍ଭ କରିଥିଲେ। ସେମାନଙ୍କର କହିବାନୁସାରେ, ଅନେକ ଲୋକ ଅବସାଦ, ଏକାକୀତ୍ୱ ଦେଇ ଗତି କରୁଛନ୍ତି। ଯଦି ସେମାନଙ୍କୁ ଏକ ସେଭଳି ମାହୋଲ ଦିଆଯାଏ, ସେମାନେ ଅପରିଚିତ ଲୋକଙ୍କ ଗହଣରେ ମନଖୋଲି କାନ୍ଦିପାରିବେ। ଏହାଦ୍ୱାରା ସେମାନଙ୍କର ମାନସିକ ସ୍ଥିତି ଭଲ ରହିବା ସହ ସେମାନେ ମନରେ ବୋଝ ନେଇ ବଞ୍ଚିବେ ନାହିଁ। ଏବେ ଏହି ଟ୍ରେଣ୍ଡ ଟୋକିଓରେ ସୀମିତ ନ ରହି, ବେଙ୍ଗାଲୁରୁ, ପୁଣେ, ମୁମ୍ବାଇରେ ପହଞ୍ଚିଲାଣି। ଆମ ସମାଜରେ କାନ୍ଦିବାକୁ ମଣିଷର ଦୁର୍ବଳତା ଭାବେ ଦେଖାଯାଏ। ସେହିଭଳି ଲୋକେ ଅଜଣା ଲୋକଙ୍କ ସମ୍ମୁଖରେ କାନ୍ଦିବାକୁ ପସନ୍ଦ କରନ୍ତି। କାରଣ ଅଜଣା ଲୋକ ସମ୍ମୁଖରେ କାନ୍ଦିବା ଦ୍ୱାରା ମାନ ସମ୍ମାନ ହ୍ରାସ ହେବା ଆଶଙ୍କା ନ ଥାଏ। ୨୦୧୯ର ଏକ ଅଧ୍ୟୟନରୁ ଜଣାପଡ଼ିଥିଲା, ଯେଉଁମାନେ ଭାବପ୍ରବଣ ହୋଇ କାନ୍ଦନ୍ତି, ସେମାନଙ୍କର ମାନସିକ ସ୍ଥିତି ଠିକ୍ ରହିଥାଏ।

## ଦ୍ୱିତୀବାହନ ଓଷା



ଆଶ୍ୱିନ କୃଷ୍ଣ ଅଷ୍ଟମୀକୁ 'ମୂଳାଷ୍ଟମୀ' କୁହାଯାଏ। ଏହିଦିନ 'ଦ୍ୱିତୀବାହନ' ଓଷା ପାଳନ କରାଯାଏ। ତେବେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ନାମରେ ପରିଚିତ। ଏହା 'ଦୁତିଆ ଓଷା', 'ପୁଅ ଜିଉଁତିଆ ଓଷା', 'ଦୂତିବାମନ ଓଷା' ଆଦି ନାମରେ ମଧ୍ୟ ଜଣା। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା 'ପୁଅ ଜିଉଁତିଆ' ନାମରେ ମୁଖ୍ୟ ଓଷା ଭାବେ ପାଳନ କରାଯାଏ। ଏଥିରେ ଦ୍ୱିତୀବାହନଙ୍କୁ ପୂଜା କରାଯାଏ। ପୁତ୍ରଲାଭ ଓ ସନ୍ତାନଙ୍କ ମଙ୍ଗଳ କାମନା ପାଇଁ ମହିଳାମାନେ ଏହି ଓଷା କରିଥାନ୍ତି। ଦ୍ୱିତୀବାହନଙ୍କୁ ପୂଜା କଲେ ଅପୁତ୍ରିକ ପୁତ୍ରଲାଭ କରୁଥିବା ବିଶ୍ୱାସ ଅଛି। ବିଧବା ବ୍ରାହ୍ମଣୀଙ୍କ ଗର୍ଭରୁ ଜନ୍ମିତ ସୂର୍ଯ୍ୟଦେବଙ୍କ ପୁତ୍ର ହେଉଛନ୍ତି ଦ୍ୱିତୀବାହନ। ସୂର୍ଯ୍ୟଦେବ ଆଶୀର୍ବାଦରେ ଦ୍ୱିତୀବାହନଙ୍କ ଜନ୍ମଦିନରେ ଏହି ଓଷା ପାଳନ କରାଯାଏ। ଏହିଦିନ ମହିଳାମାନେ ଉପବାସରେ ରହନ୍ତି। ଓଷା ପରଦିନ ସବୁ ପରିବା ମିଶାଇ ଘାଣ୍ଟ ତରକାରି ପ୍ରସ୍ତୁତ କରାଯାଏ। ଏହାକୁ ବନ୍ଧୁବାନ୍ଧବଙ୍କ ମଧ୍ୟରେ ବଣ୍ଟନ କରାଯିବାର ପ୍ରଥା ଅଛି। ଚଳିତବର୍ଷ ଏହି ଓଷା ସେପ୍ଟେମ୍ବର ୧୪ ତାରିଖରେ ପଡ଼ୁଛି।

## ସ୍ୱସ୍ତି

## ପିତୃପକ୍ଷରେ ଦାନର ମହତ୍ତ୍ୱ



**ଆରମ୍ଭ ହୋଇଛି ପିତୃପକ୍ଷ। ପ୍ରତିବର୍ଷ ଭାଦ୍ରବ ପୂର୍ଣ୍ଣିମାରୁ ଆଶ୍ୱିନ କୃଷ୍ଣ ଅମାବାସ୍ୟା ବା ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଅବଧିକୁ 'ପିତୃପକ୍ଷ' ବା ଅପରପକ୍ଷ କୁହାଯାଏ। ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ। ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି। ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ। ତେବେ ପିତୃପକ୍ଷରେ ଦାନ-ପୁଣ୍ୟର ବିଶେଷ ମହତ୍ତ୍ୱ ଅଛି।**

- ପିତୃପକ୍ଷରେ ରୁପା ଜିନିଷ ଦାନ କରିବା ଅତ୍ୟନ୍ତ ଶୁଭ। କୁହାଯାଏ, ରୁପା ଦାନ କରିବା ଦ୍ୱାରା ପିତୃପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳେ ଏବଂ ସେମାନଙ୍କ ଆଶୀର୍ବାଦ ମିଳିଥାଏ।
- ଚାଉଳ, ରାଶି ଦାନ କରିବା ଦ୍ୱାରା ଜୀବନର ସମସ୍ୟା ଦୂର ହୋଇଥାଏ।
- ପିତୃପକ୍ଷରେ ଭୂମି ଦାନକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ପାପ ଓ ପିତୃଦୋଷରୁ ମୁକ୍ତି ମିଳେ।
- ପିତୃପକ୍ଷରେ ଗୁଡ଼ ଦାନ ମଧ୍ୟ ଲାଭକାରୀ। ଗୁଡ଼ ଦାନ ଦ୍ୱାରା ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।
- ପିତୃପକ୍ଷରେ ଗୋ ଦାନ ଦ୍ୱାରା କାର୍ଯ୍ୟରେ ବିଘ୍ନ ଦୂର ହୁଏ।

## ରାଶି ଅନୁସାରେ କେଶ ବିନ୍ୟାସ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମହିଳାମାନେ ରାଶି ଅନୁସାରେ କେଶ ବିନ୍ୟାସ କରିବା ଦ୍ୱାରା ଏହା କେବଳ ଭାଗ୍ୟରେ ଉନ୍ନତି ଆଣି ନ ଥାଏ। ଏଥିରୁ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ। ତେବେ କେଉଁ ରାଶି କେଉଁ ପ୍ରକାର ହେୟାର ଷ୍ଟାଇଲ ଆପଣାଇବା ଦରକାର, ସେ ସମ୍ପର୍କରେ ଜାଣିବା।**

**ମେଷ:** ଏହି ରାଶିର ମହିଳା ସ୍ୱଭାବରେ ଉତ୍ସାହୀ ହୋଇଥାନ୍ତି। ଷ୍ଟେପ୍-କଟ୍ ହେୟାର୍ ଷ୍ଟାଇଲ୍ ସେମାନଙ୍କ ଲାଗି ଉତ୍ତମ। ଏହା ଶକ୍ତି ବଜାୟ ରଖେ।

**ବୃଷ:** ଏହି ରାଶିର ମହିଳା ପରିଶ୍ରମୀ ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରାଶିଧାରୀ ମହିଳାଙ୍କ ପାଇଁ ବବ୍-କଟ୍ ହେୟାର ଷ୍ଟାଇଲ ଉତ୍ତମ।

**ମିଥୁନ:** ମିଥୁନ ରାଶି ମହିଳାମାନେ ବୁଦ୍ଧିମାନ ହୋଇଥାନ୍ତି। ସେମାନେ ସବୁବେଳେ କିଛି ନା କିଛି ନୂଆ ଶିଖିବାକୁ ଚାହାନ୍ତି। ତେବେ ଏହି ରାଶି ମହିଳାଙ୍କୁ ନିଜ ପସନ୍ଦର ଯେକୌଣସି ହେୟାର୍-ଷ୍ଟାଇଲ ଭଲ ମାନିଥାଏ।

**କର୍କଟ:** ଏହି ରାଶିର ମହିଳା ଭାବୁକ ଏବଂ ନମ୍ର ହୋଇଥାନ୍ତି। ସ୍ୱଭାବରେ ଚୁଲବୁଲି ହୋଇଥାନ୍ତି। ୟୁସେପ୍ କଟ୍ ଏଭଳି ମହିଳାଙ୍କୁ ଭଲ ଲାଗେ।

**ସିଂହ:** ଏହି ରାଶିର ମହିଳା ଶକ୍ତିବାନ, ପରିଶ୍ରମୀ ଓ କ୍ରୋଧୀ ହୋଇଥାନ୍ତି। ଚ୍ୟାଲେଞ୍ଜ ଯୁକ୍ତ କାମ କରିବାକୁ ସେମାନେ ଭଲପାଆନ୍ତି। ତେବେ ସେମାନଙ୍କୁ ଲେୟାର୍ କଟ୍ ହେୟାର୍ ଷ୍ଟାଇଲ ଭଲ ଲାଗେ।

**କନ୍ୟା:** ପ୍ରତ୍ୟେକ କାମରେ କନ୍ୟା ରାଶି ମହିଳାଙ୍କୁ ପରଫେକସନ ପସନ୍ଦ। ଆତ୍ମବିଶ୍ୱାସର ଅଭାବ ଏହି ରାଶି ମହିଳାଙ୍କଠାରେ ନ ଥାଏ। ସେମାନଙ୍କୁ ସର୍ଟ ହେୟାର ଷ୍ଟାଇଲ ଭଲ ଲାଗେ।

**ତୁଳା:** ବୁଝିବିଚାରି କାମ ତୁଳା ରାଶିର ମହିଳାମାନେ କରନ୍ତି। ମୁଖ୍ୟତଃ ସେମାନେ ଠିକ୍ ନିଷ୍ପତ୍ତି ନେଇଥାନ୍ତି। କର୍ଲି ହେୟାର୍ ଷ୍ଟାଇଲ କରିବା ଭଲ।

**ବିଛା:** ଏହି ରାଶି ମହିଳାଙ୍କୁ ଲମ୍ବା କେଶ ରଖିବା ଉଚିତ। କର୍ଲି ଷ୍ଟାଇଲ ବିନ୍ୟାସ ଉପରେ ଗୁରୁତ୍ୱ ଦେଲେ ସୁନ୍ଦର ଲାଗିବେ।

**ଧନୁ:** ଏଭଳି ମହିଳା ସ୍ୱଭାବରେ ଭାବୁକ ହୋଇଥନ୍ତି। ଷ୍ଟ୍ରେଟ୍ ହେୟାର୍ ଷ୍ଟାଇଲ ଏଭଳି ମହିଳାଙ୍କ ଲାଗି ଉତ୍ତମ।

**ମକର:** ନିଜ ନିୟମରେ ଜୀବନ ଜିଇଁବାକୁ ମକର ରାଶି ମହିଳାମାନେ ପସନ୍ଦ କରନ୍ତି। ଲମ୍ବା କେଶ ରଖିବାରେ ସେମାନେ ଅଧିକ ଆକର୍ଷଣୀୟ ଲାଗନ୍ତି।

**କୁମ୍ଭ:** ଏହି ରାଶି ମହିଳା ସ୍ପଷ୍ଟବାଦୀ ହୋଇଥାନ୍ତି। ଠିକ୍ ନିର୍ଣ୍ଣୟ ନିଅନ୍ତି। କେଶ ବାନ୍ଧି ରଖିବା ଏହି ରାଶି ମହିଳାଙ୍କ ଲାଗି ଉତ୍ତମ। ଏହା ଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱ ଅଧିକ ଆକର୍ଷଣୀୟ ଲାଗେ।

**ମୀନ:** ମୀନ ରାଶି ମହିଳା ମଲଟିଟାସ୍କିଂ ହୋଇଥାନ୍ତି। ତା'ସହ ପରିଶ୍ରମୀ ମଧ୍ୟ। ସେମାନଙ୍କୁ ପିରାମିଡ ହେୟାର୍ ଷ୍ଟାଇଲ ଭଲ ମାନେ।



## ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖୁଥିଲେ...

**ରୋଷେଇ ଘରେ ଅନେକ ଲୋକ ଡଷ୍ଟବିନ୍ ରଖିଥାନ୍ତି। ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିବା ଘର ଉପରେ କିଭଳି ପ୍ରଭାବ ପକାଏ, ସେ ସମ୍ପର୍କରେ ଜାଣିବା।**

- ବାସ୍ତୁ ଶାସ୍ତ୍ର ଅନୁସାରେ, ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିଲେ ନକାରାତ୍ମକତା ପୂରା ପରିବେଶରେ ବ୍ୟାପିଥାଏ। ଆବର୍ଜନାର ଗନ୍ଧ ଚାରିଆଡ଼େ ବ୍ୟାପିବା ଦ୍ୱାରା ପରିବାର ସଦସ୍ୟଙ୍କ ମନୋଦଶା ଉପରେ ଏହା ପ୍ରଭାବ ପକାଏ।
- ରୋଷେଇ ଘରେ ଡଷ୍ଟବିନ୍‌କୁ ଖୋଲା ରଖିବା ଦ୍ୱାରା ଖାଦ୍ୟ ଶୀଘ୍ର ଦୂଷିତ ହୋଇଥାଏ। ଏହା ଦ୍ୱାରା ଫୁଡ୍ ପଏଜନିଂ, ଆଲର୍ଜି ଏବଂ ପେଟ ଜନିତ ସମସ୍ୟା ଦେଖା ଦିଏ। ପରିବାରକୁ ସୁସ୍ଥ ରଖିବାକୁ ଚାହୁଁଥିଲେ, ଡଷ୍ଟବିନ୍‌କୁ ସବୁବେଳେ ବନ୍ଦ ରଖିବା ଭଲ।
- କଥାରେ ଅଛି, ଘରେ ଦୁର୍ଗନ୍ଧ ଓ ଅପରିଷ୍କାର ରହିଲେ ଲକ୍ଷ୍ମୀ ବାସ କରନ୍ତି ନାହିଁ। ବାସ୍ତୁ ଶାସ୍ତ୍ରରେ, ସଫାସୁତୁରା ଘରକୁ ସମୃଦ୍ଧି ସହିତ ଯୋଡ଼ାଯାଇଛି। ସେହିପରି ଡଷ୍ଟବିନ୍ ଖୋଲା ରହିଲେ ଖର୍ଚ୍ଚ ବଢ଼େ। ଏହାସହ ବିନା କାରଣରେ ଅର୍ଥାଭାବ ଦେଖାଦିଏ।





# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

ଏସିଆ କପ୍ ପୁରୁଷ ହକି

# ଚାମ୍ପିଅନ ସହ ଭାରତକୁ ବିଶ୍ୱକପ୍ ଯୋଗ୍ୟତା

ରାଜଗିର,୭।୯ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ବିହାର ୟୁନିଭର୍ସିଟି ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଭାରତ ଖେଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖି ୪ର୍ଥ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ସୁଖଜିତ ସିଂହ, ଦିଲପ୍ରୀତ ସିଂହ, ଅଭିଷେକ, ପେନାଲ୍ଟି କର୍ଣ୍ଣରରୁ ଅମିତ ରୋହିଦାସ ଗୋଲ ଦେଇଥିଲେ। ଜୁଗରାଜ ସିଂହ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ଦେବାରେ ବିଫଳ ହୋଇଥିଲେ। କୋରିଆ ପକ୍ଷରୁ ସୋନ ଦାଏନ୍ ଗୋଲ ଶୁଝାଇଥିଲେ। ଫାଇନାଲକୁ ଭାରତ ୪-୧ ଗୋଲରେ ଜିତିଥିଲା। ଏହି ବିଜୟ ଫଳରେ ଆସନ୍ତାବର୍ଷ ଫ୍ରାନ୍ସରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ଭାରତ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଫାଇନାଲ ପୂର୍ବରୁ ଖେଳାଯାଇଥିବା କ୍ଲାସିଫିକେସନ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ ଚୀନ୍‌କୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି।

ଦକ୍ଷିଣ କୋରିଆ ବିପକ୍ଷ ଫାଇନାଲ ମୁକାବିଲା ଆରମ୍ଭ ହେବାମାତ୍ରେ ଭାରତ ଆକ୍ରମଣ ରଚନା କରିଥିଲେ। ଏହା ଫଳ ଦଳକୁ ପ୍ରଥମ ମିନିଟ୍‌ରେ ହିଁ ମିଳିଥିଲା। ବାମପଟୁ ଆକ୍ରମଣ ହୋଇଥିଲାବେଳେ ଡି ଭିତରେ ପାଇଥିବା ସୁଯୋଗକୁ ସୁଖଜିତ ସିଂହ ଗୋଲ ସ୍କୋର କରି ଭାରତକୁ ୧-୦ ଅଗ୍ରଣୀ କରାଇଥିଲେ। ଏହା ପରେ ଦଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ଖେଳର ୯ମ ମିନିଟ୍‌ରେ ବିପଜ୍ଜନକ ଖେଳଲାଗି ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଜୁଗରାଜ ସିଂହ ମାରିଥିବା ଏହି ସଟ୍‌କୁ ଦକ୍ଷିଣ କୋରିଆ ଗୋଲରକ୍ଷକ ଦାଏହାନ୍ ଜାଙ୍ଗ୍ ଡାହାଣପଟେ ଅଟକାଇ ଦଳକୁ ଏକ ନିଶ୍ଚିତ ଗୋଲରୁ ରକ୍ଷା କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ଏଥିରେ ଉଭୟ ଦଳ ପରସ୍ପର ଉପରେ ଆକ୍ରମଣର ମାତ୍ରା ବୃଦ୍ଧି କରିଥିଲେ। କିନ୍ତୁ ରକ୍ଷଣଭାଗ ଖେଳାଳିଙ୍କ ଦୃଢ଼ତା ଯୋଗୁଁ କେହି କାହାରି ଉପରେ ଗୋଲ ସ୍କୋର କରିପାରି ନ ଥିଲେ। ଖେଳର ୨୮ତମ ମିନିଟ୍‌ରେ ବାମପଟୁ ସଞ୍ଜୟଙ୍କ ପାସ ଦିଲପ୍ରୀତଙ୍କ ନିକଟରେ ପହଞ୍ଚିଥିଲା। କୋରିଆ ରକ୍ଷଣଭାଗ ଖେଳାଳିଙ୍କ ଅସାବଧନତା ଯୋଗୁଁ ଦିଲପ୍ରୀତ୍ ଏହି ସୁଯୋଗରୁ ଫାଇଦା ଉଠାଇ ଭାରତ ଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଭାରତ ୨-୦ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାମାତ୍ରେ କୋରିଆ ଘନ ଘନ ଆକ୍ରମଣ କରିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗକୁ ଅତିକ୍ରମ କରିବାରେ ସମର୍ଥ ହୋଇ ନ ଥିଲା। ଜବାବରେ ଭାରତର ପ୍ରତ୍ୟାକ୍ରମଣକୁ ମଧ୍ୟ କୋରିଆର ରକ୍ଷଣଭାଗ ପ୍ରତିହତ କରିଥିଲେ। ୪୦ତମ ମିନିଟ୍‌ରେ କୋରିଆର କ୍ରମାଗତ ପେନାଲ୍ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ତୃତୀୟ କ୍ୱାର୍ଟରର ଶେଷ ମିନିଟ୍‌ରେ ଅଭିଷେକ ପାଇଥିବା ସୁଯୋଗକୁ ସଦ୍‌ବ୍ୟବହାର କରି ତୃତୀୟ ଗୋଲ ସ୍କୋର କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଭାରତ ଲାଗି ଚତୁର୍ଥ ତଥା ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲ ଦେଇଥିଲେ। କିନ୍ତୁ ଏହାର ପରମୁହୂର୍ତ୍ତରେ ସୋନ ଦାଏନ ଗୋଲ ଶୁଝାଇଦେଇଥିଲେ।

୮ଟି ଦଳକୁ ନେଇ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ଲିଗ୍ ପର୍ଯ୍ୟାୟରେ ଭାରତ ଚୀନ୍‌କୁ ୪-୩, ଜାପାନକୁ ୩-୨ ଓ କାଜାଖସ୍ଥାନକୁ ୧୫-୦ ଗୋଲରେ ହରାଇ ସମସ୍ତ ମ୍ୟାଚ୍ ଜିତିଥିଲା। କିନ୍ତୁ ସୁପର-୪'ର ପ୍ରଥମ ମ୍ୟାଚ୍‌ରେ କୋରିଆ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିବା ଫଳରେ ଦଳର ଖେଳ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। କିନ୍ତୁ ନିଜ ତ୍ରୁଟିକୁ ସୁଧାରି ନେଇ ଭାରତ ଦ୍ୱିତୀୟ ସୁପର-୪' ମ୍ୟାଚ୍‌ରେ ମାଲେସିଆକୁ ୪-୧ ଓ ତୃତୀୟ ମୁକାବିଲାରେ ଚୀନ୍‌କୁ ୭-୦ ଗୋଲରେ ହରାଇ ଆତ୍ମବିଶ୍ୱାସ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଦଳ ପ୍ରଭାବୀ ଖେଳ ପ୍ରଦର୍ଶନ କରି ମ୍ୟାଚ୍ ଜିତିଥିଲା।



**ଏସିଆ କପ୍ ୧୯୮୨ରୁ ୨୦୨୫**

| ବର୍ଷ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୮୨ | ପାକିସ୍ତାନ | ଭାରତ |
| ୧୯୮୫ | ପାକିସ୍ତାନ | ଭାରତ |
| ୧୯୮୯ | ପାକିସ୍ତାନ | ଭାରତ |
| ୧୯୯୪ | ଦ.କୋରିଆ | ଭାରତ |
| ୧୯୯୯ | ଦ.କୋରିଆ | ପାକିସ୍ତାନ |
| ୨୦୦୩ | ଭାରତ | ପାକିସ୍ତାନ |
| ୨୦୦୭ | ଭାରତ | ଦ.କୋରିଆ |
| ୨୦୦୯ | ଦ.କୋରିଆ | ପାକିସ୍ତାନ |
| ୨୦୧୩ | ଦ.କୋରିଆ | ଭାରତ |
| ୨୦୧୭ | ଭାରତ | ମାଲେସିଆ |
| ୨୦୨୨ | ଦ.କୋରିଆ | ମାଲେସିଆ |
| ୨୦୨୫ | ଭାରତ | ଦ.କୋରିଆ |

● ବିସିସିଆଇର ରେକର୍ଡ ରୋଜଗାର

## ୫ବର୍ଷରେ ଆୟ ୧୪୬୨୭ କୋଟି

ମୁମ୍ବଇ, ୭।୯ (ଏଜେନ୍ସି): ବିଶ୍ୱର ସବୁଠୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ରେକର୍ଡ ଆୟ ରେକର୍ଡସ୍ତରରେ ପହଞ୍ଚିଛି। ବିସିସିଆଇ ଗତ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ସେଥିମଧ୍ୟରୁ ଗତ ଆର୍ଥିକ ବର୍ଷ (୨୦୨୪-୨୫)ରେ ୪ ହଜାର ୧୯୩ କୋଟି ଟଙ୍କା ରୋଜଗାର କରିଛି ବିସିସିଆଇ। ରାଜ୍ୟ ସଂଘଗୁଡ଼ିକୁ ଦିଆଯାଇଥିବା ଏକ ରିପୋର୍ଟ ଅନୁଯାୟୀ, ୧୨ ମାସ ପୂର୍ବେ ବୋର୍ଡର ମୋଟ୍ ବ୍ୟାଙ୍କ ବାଲାନ୍ସ ୨୦ ହଜାର ୬୮୬ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ରାଜ୍ୟ ୟୁନିଟ୍‌ଗୁଡ଼ିକୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା ପରେ ମଧ୍ୟ ପାଣ୍ଠିରେ ଏକ ବଡ଼ ବୃଦ୍ଧି ଘଟିଛି। ୨୦୨୪ ବିସିସିଆଇ ଏଜିଏମରେ ଉପସ୍ଥାପିତ କରାଯାଇଥିବା ହିସାବ ଅନୁଯାୟୀ, ୨୦୧୯ ପରଠାରୁ ବିସିସିଆଇର ନଗଦ ଓ ବ୍ୟାଙ୍କ ଜମା ୬,୦୫୯ କୋଟିରୁ ବୃଦ୍ଧି ପାଇ ୨୦,୬୮୬ କୋଟିରେ ପହଞ୍ଚିଛି। ଅର୍ଥାତ୍ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିସିସିଆଇ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ଏହା ବ୍ୟତୀତ ୨୦୧୯ ପରଠାରୁ ସାଧାରଣ ପାଣ୍ଠି ମଧ୍ୟ ୩୯୦୬ କୋଟିରୁ ବୃଦ୍ଧି ପାଇ ୭୯୮୮ କୋଟିରେ ପହଞ୍ଚିଛି। ଅର୍ଥାତ୍ ଏଥିରେ ୪ ହଜାର ୮୨ କୋଟି ଟଙ୍କା ବୃଦ୍ଧି ହୋଇଛି। ସେହିଭଳି ଟିକସ ପ୍ରଦାନକୁ ନେଇ ବିଭିନ୍ନ ଟ୍ରିବ୍ୟୁନାଲରେ ମାମଲା ଜାରି ରହିଥିବାବେଳେ ବିସିସିଆଇ ୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଏଥିଲାଗି ସଂରକ୍ଷିତ ରଖିଥିବା ଜଣାପଡ଼ିଛି।

● ୧୪୮ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ପ୍ରଥମ

## ପ୍ରଥମ ଦୁଇ ବଲ୍‌ରେ ଓପନର୍ ଆଉଟ୍

ଓଣ୍ଟାରିଓ, ୭।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ମ୍ୟାଚର ପ୍ରଥମ ଦୁଇଟି ବଲ୍‌ରେ ଉଭୟ ଓପନର୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। କାନାଡା ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଆଇସିସି କ୍ରିକେଟ୍ ବିଶ୍ୱକପ୍ ଲିଗ୍-୨ର ଏକ ମ୍ୟାଚରେ ଏହି ଅଲୋଡ଼ା କୀର୍ତ୍ତିମାନ ସୃଷ୍ଟି ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ସ୍କଟଲାଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ କାନାଡା ପାଇଁ ଦୁଇ ଓପନର୍ ଅଲି ନଦୀମ ଓ ଯୁବରାଜ ଶର୍ମା ଇନିଂସ ଆରମ୍ଭ କରିଥିଲେ। ଇନିଂସର ପ୍ରଥମ ଓଭର ବୋଲିଂ କରିଥିବା ବ୍ରାଡ୍ କୁରୀଙ୍କ ପ୍ରଥମ ବଲ୍‌କୁ ଖେଳିବାକୁ ଯାଇ ନଦୀମ ସ୍ଲିପରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ପରବର୍ତ୍ତୀ ବ୍ୟାଟର୍ ପରଗତ୍ ସିଂହ ଷ୍ଟ୍ରାଇକ କରିଥିଲେ। ସେ ଦ୍ୱିତୀୟ ବଲକୁ ଷ୍ଟ୍ରେଟ୍ ଡ୍ରାଇଭ୍ ମାରିଥିଲେ। କିନ୍ତୁ ବଲ୍ ବୋଲରଙ୍କ ହାତ ବାଜି ନନ୍ ଷ୍ଟ୍ରାଇକ ପାଖର୍ ଷ୍ଟମ୍ପରେ ବାଜିଥିଲା। ଏହି ସମୟରେ ନନ୍‌ଷ୍ଟ୍ରାଇକରେ ଥିବା ଅନ୍ୟତମ ଓପନର୍ ଯୁବରାଜ କ୍ରିଜ ବାହାରେ ଥିବାରୁ ଦୁର୍ଭାଗ୍ୟଜନ ଭାବେ ରନଆଉଟ୍ ହୋଇଥିଲେ। ଫଳରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ପ୍ରଥମଥର ଲାଗି ମ୍ୟାଚର

ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

## ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ





ଭୁବନେଶ୍ୱର, ୭।୯ (ସମିସ): ଜାମସେଦପୁରରେ ଶେଷ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଓଡ଼ିଶାର ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୪ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ରହିଛି। ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକ ଯୋଡ଼ି ଚାମ୍ପିଅନ ହୋଇଥିଲେ। ସେହିଭଳି ୧୯ ବର୍ଷରୁ କମ୍ ଜୁନିଅର ବର୍ଗର ପୁରୁଷ ସିଙ୍ଗଲ୍ସରେ ମୟଙ୍କ ଭରଦ୍ୱାଜ ମଧ୍ୟ ଫାଇନାଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରାଜ୍ୟ ପାଇଁ ତୃତୀୟ ସ୍ୱର୍ଣ୍ଣପଦକ ଜୁନିୟର ମିକ୍ସଡ ଡବଲ୍ସ ଇଭେଣ୍ଟରୁ ଆସିଥିଲା। ସ୍ୱିଟିପ୍ରିୟା ପ୍ରଧାନ ଓ ଜୟେଶ ଅଗରୱାଲ ଯୋଡ଼ି ଏଥିରେ ଚାମ୍ପିଅନ ହୋଇଥିଲେ। ସେହିଭଳି ଏକମାତ୍ର ରୌପ୍ୟ ପଦକ ତନ୍ୱୀ ପତ୍ରି ଜିତିଥିଲେ। ସେ ଜୁନିଅରବର୍ଗର ବାଳିକା ସିଙ୍ଗଲ୍ସରେ ଫାଇନାଲରେ ହାରିଯାଇଥିଲେ। ଉଲ୍ଲେଖଯୋଗ୍ୟ, କିଟ୍‌ରେ ଅଧ୍ୟୟନ କରୁଥିବା ଅବିନାଶ ଓ ତାଙ୍କ ପାର୍ଟନର ଆୟୁଷ ଗତ ମାସରେ ଘାନା ଇଣ୍ଟରନ୍ୟାସନାଲରେ ରୌପ୍ୟ ବିଜୟୀ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିଲେ।

### ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତକୁ ୨ ପଦକ

ଗ୍ୱାଙ୍ଗଝୁ, ୭।୯ (ଏଜେନ୍ସି): କୋରିଆରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତ ରବିବାର ଦୁଇଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ରହିଛି। ଋଷଭ ଯାଦବ, ଅମନ ସାଇନି ଓ ପ୍ରଥମେଶ ଫୁଗେଙ୍କୁ ନେଇ ଗଠିତ ଭାରତୀୟ ଦଳ କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୫-୨୩୩ ସ୍କୋରରେ ଶକ୍ତିଶାଳୀ ଫ୍ରାନ୍ସକୁ ପରାସ୍ତ କରିଥିଲା। ଏହି ଇଭେଣ୍ଟରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ଥିଲା। ସେହିଭଳି କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଜ୍ୟୋତି ସୁରେଖା ଓ ଋଷଭଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଟିମ୍ ଦଳ ଫାଇନାଲରେ ୧୫୫-୧୫୭ ସ୍କୋରରେ ନେଦରଲାଣ୍ଡସ ଯୋଡ଼ିଠାରୁ ହାରିଯାଇଥିଲା।

ଦୁଲୀପ ଟ୍ରଫି କ୍ରିକେଟ

## କେନ୍ଦ୍ରାଞ୍ଚଳ-ଦକ୍ଷିଣାଞ୍ଚଳ ଫାଇନାଲ



ବେଙ୍ଗାଲୁରୁ, ୭।୯ (ଏଜେନ୍ସି): କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଚଳିତବର୍ଷର ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲା ହେବ। ଏଠାରେ ରବିବାର ଶେଷ ହୋଇଥିବା ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଛି। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପଶ୍ଚିମାଞ୍ଚଳକୁ ପଛରେ ପକାଇ କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳକୁ ଅତିକ୍ରମ କରି ଦକ୍ଷିଣାଞ୍ଚଳ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲ ମ୍ୟାଚ୍ ଏଠାରେ ସେପ୍ଟେମ୍ବର ୧୧ରୁ ୧୫ ଯାଏ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିଠାରେ ଖେଳାଯିବ। ଏହି ମୁକାବିଲାରେ କେନ୍ଦ୍ରାଞ୍ଚଳର ଅଫସ୍ପିନର ସାରାଂଶ ଜୈନ ଓ ଦକ୍ଷିଣାଞ୍ଚଳର ଏନ୍ ଜଗଦୀଶନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ଜୟସ୍ୱାଲଙ୍କ ଅର୍ଦ୍ଧଶତକ, ଆୟର ଫେଲ୍**

ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୪୩୮ ରନ୍ କରିଥିଲା। ଜବାବରେ ୬ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିବା ଫଳରେ କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସରେ ୬୦୦ ରନ୍ କରି ପ୍ରଥମ ଇନିଂସ ଅଗ୍ରଣୀ ନେଇଥିଲା। ରବିବାର ପଶ୍ଚିମାଞ୍ଚଳର ଦ୍ୱିତୀୟ ଇନିଂସ ୮ ୱିକେଟରେ ୨୧୬ ରନ୍ କରିବା ଫଳରେ ମ୍ୟାଚ୍ ଡ୍ର ରହିଥିଲା। ପଶ୍ଚିମାଞ୍ଚଳ ପକ୍ଷରୁ ଜୟସ୍ୱାଲ ୬୪ ରନ୍ କରିଥିଲେ। କିନ୍ତୁ ପ୍ରଥମ ଇନିଂସରେ ୨୫ ରନ୍ କରିଥିବା ଶ୍ରେୟସ ଆୟର ଦ୍ୱିତୀୟ ଇନିଂସରେ ୧୨ ରନ୍ କରି ବ୍ୟାଟିଂରେ ଫେଲ ମାରିଛନ୍ତି। କେନ୍ଦ୍ରାଞ୍ଚଳ ପକ୍ଷରୁ ହର୍ଷ ଦୁବେ ୩ଟି ଓ ସାରାଂଶ ଜୈନ ୫ଟି ୱିକେଟ ପାଇଥିଲେ।

**ଜଗଦୀଶନଙ୍କ ଶ୍ରେଷ୍ଠ ବ୍ୟାଟିଂ**

ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ପ୍ରଥମେ ବ୍ୟାଟିଂ କରି ଏନ୍ ଜଗଦୀଶନଙ୍କ ୧୯୭ ରନ୍ ସହାୟତାରେ ପ୍ରଥମ ଇନିଂସରେ ୫୩୬ ରନ୍ କରିଥିଲା। ଜବାବରେ ଶୁଭମ ଶର୍ମାଙ୍କ ଶତକ ସତ୍ତ୍ୱେ ଉତ୍ତରାଞ୍ଚଳର ପ୍ରଥମ ଇନିଂସ ୩୬୧ରେ ଅଟକିଥିଲା। ପ୍ରଥମ ଇନିଂସରେ ୧୭୫ ରନ୍‌ରେ ଆଗୁଆ ଥିବା ଦକ୍ଷିଣାଞ୍ଚଳ ମ୍ୟାଚ୍ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୧ ୱିକେଟ ହରାଇ ୯୫ ରନ୍ କରିଥିଲା। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଜଗଦୀଶନ ୫୨ ରନ୍‌ରେ ଅପରାଜିତ ରହିଥିଲେ। ଫାଇନାଲ ମୁକାବିଲା ଗୁରୁବାରଠାରୁ ଆରମ୍ଭ ହେବ।

## ଟି-୨୦ ସିରିଜ୍ ଜିତିଲା ଶ୍ରୀଲଙ୍କା

ହରାରେ, ୭।୯ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ଚାଲିଥିବା ଟି-୨୦ ସିରିଜକୁ ଶ୍ରୀଲଙ୍କା ୨-୧ରେ ଜିତିନେଇଛି। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ରବିବାର ଖେଳାଯାଇଥିବା ଅନ୍ତିମ ତଥା ୩ୟ ଟି-୨୦ରେ ଶ୍ରୀଲଙ୍କା ୮ ୱିକେଟ୍‌ରେ ଜିମ୍ବାୱେକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ତାଡିୱାନାସି ମୁରୁମାନିଙ୍କ ୫୧ ରନ ବଳରେ ୮ ୱିକେଟ୍ ହରାଇ ୧୯୧ ରନ କରିଥିଲା। ସିଂହଳୀ ଲେଗ୍-ସ୍ପିନର ଦୁଶନ ହେମନ୍ତ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଭ୍ରମଣକାରୀ ଶ୍ରୀଲଙ୍କା ୧୪ ବଲ୍ ଓ ୮ ୱିକେଟ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଯୁବ ବାମହାତୀ ବ୍ୟାଟର୍ କାମିଲ ମିଶ୍ରା ୭୩ ଓ କୁଶଲ ପେରେରା ୪୬ ରନର ଅପରାଜିତ ପାଳି ଖେଳି ଦଳକୁ ଜିତାଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୪ ୱିକେଟ୍‌ରେ ଓ ଜିମ୍ବାୱେ ୫ ୱିକେଟ୍‌ରେ ୨ୟ ମ୍ୟାଚରେ ବିଜୟୀ ହୋଇଥିଲା। ନିର୍ଣ୍ଣାୟକ ୩ୟ ମ୍ୟାଚ ଜିତି ଶ୍ରୀଲଙ୍କା ୨-୧ରେ ସିରିଜ ଜିତିଛି।

## ରୁଟ୍, ବେଥେଲଙ୍କ ଶତକ: ଇଂଲଣ୍ଡ ୪୧୪/୫

ସାଉଥାମ୍ପଟନ, ୭।୯ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏଠାରେ ରବିବାର ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆରେ ଇଂଲଣ୍ଡ ବିଶାଳ ସ୍କୋର କରିଛି। ଅଭିଜ୍ଞ ବ୍ୟାଟର୍ ଜୋ ରୁଟ୍ ଓ ଜ୍ୟାକବ ବେଥେଲଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୫୦ ଓଭରରେ ୫ ୱିକେଟ୍ ହରାଇ ୪୧୪ ରନର ଚ୍ୟାଲେଞ୍ଜିଂ ସ୍କୋର ଠିଆ କରାଇଛି। ୧୯ତମ ଦିନିକିଆ ଶତକ ହାସଲ କରି ରୁଟ୍ ଠିକ୍ ୧୦୦ ରନରେ ଆଉଟ୍ ହୋଇଥିଲେ। ସେହିଭଳି କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଥିବା ବେଥେଲ ୮୨ ବଲରେ ୧୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଶେଷ ଖବର ସୁଦ୍ଧା ୬ ଓଭରରେ ୮ ରନରେ ୪ ୱିକେଟ୍ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଜିତି ଦକ୍ଷିଣ ଆଫ୍ରିକା ଆଗୁଆ ସିରିଜ କବଜା କରିସାରିଛି।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍: ମହିଳା ଏକକ ଫାଇନାଲରେ ହାରିଲେ ଆମାଣ୍ଡା

# ଟାଇଟଲ ବଜାୟ ରଖିଲେ ସାବାଲେଙ୍କା



ନ୍ୟୁୟର୍କ,୭।୯ (ଏଜେନ୍ସି)

ବେଲାରୁଷର ଆରିନା ସାବାଲେଙ୍କା ୟୁଏସ୍ ଓପନ ମହିଳା ଏକକ ଟାଇଟଲ ବଜାୟ ରଖିଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ଫାଇନାଲରେ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରି କ୍ରମାଗତ ଟାଇଟଲ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି। ସେହିପରି ୨୦୧୪ରେ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ମହିଳା ଖେଳାଳିଭାବେ ଏକକ ବିଭାଗରେ ପ୍ରଥମ ଖେଳାଳିଭାବେ କ୍ରମାଗତ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ଟପ୍ ସିଡ୍ ସାବାଲେଙ୍କା ଶକ୍ତିଶାଳୀ ଖେଳ ପ୍ରଦର୍ଶନ କରି ଚଳିତବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଓ ତାଙ୍କ ଟେନିସ ଜୀବନର ଚତୁର୍ଥ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। ଏହା ସହ ଚଳିତବର୍ଷ ମଧ୍ୟ ଜଣେ ମହିଳା ଖେଳାଳିଭାବେ ସର୍ବାଧିକ ୫୬ଟି ମ୍ୟାଚ୍ ଓ ଏହାକୁ ମିଶାଇ ଗ୍ରାଣ୍ଡସ୍ଲାମ୍ ମୁଖ୍ୟ ଡ୍ର'ରେ ୧୦୦ତମ ମ୍ୟାଚ୍ ଜିତିବାରେ ସମର୍ଥ ହୋଇଛନ୍ତି।

ଚଳିତବର୍ଷ ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ଓ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଟାଇଟଲ ଜିତିବାରେ ସମର୍ଥ ହୋଇ ନ ଥିଲେ। ଶନିବାର ଫାଇନାଲରେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ ଦୃଢ଼ତାର ସହ ଖେଳିଥିଲେ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଖେଳୁଥିବା ଏବଂ ଟେନିସ ଜୀବନରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଫାଇନାଲ ଖେଳୁଥିବା ଆନିସିମୋଭା ଜୋରଦାର ଲଢ଼େଇ କରିଥିଲେ ମଧ୍ୟ ଚଳିତବର୍ଷର ୱିମ୍ବଲଡନ ସେମିଫାଇନାଲ ଫଳାଫଳର ପୁନରାବୃତ୍ତି କରିପାରି ନ ଥିଲେ। ଏହି ମୁକାବିଲାରେ ସାବାଲେଙ୍କାଙ୍କୁ ହରାଇ ଆନିସିମୋଭା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ ସାବାଲେଙ୍କାଙ୍କ ନିଖୁଣ ଖେଳ ଆଗରେ ଆନିସିମୋଭା ପ୍ରଥମ ସେଟ୍‌ରେ ଏକତରଫା ହାରିଯାଇଥିଲେ। ୩-୬ରେ ପ୍ରଥମ ସେଟ୍ ହାରିଥିଲେ ମଧ୍ୟ ଦ୍ୱିତୀୟ ସେଟ୍ ଟାଇବ୍ରେକରକୁ ଯାଇଥିଲା। ଏଥିରେ ସାବାଲେଙ୍କା ଚତୁର ଖେଳ ପ୍ରଦର୍ଶନ କରି ୭-୪ରେ ଟାଇବ୍ରେକରକୁ ଜିତିନେଇଥିଲେ। ଏଠାରେ ପରାଜିତ ହୋଇଥିଲେ ମଧ୍ୟ ଆନିସିମୋଭା ପ୍ରଥମ ୫ଜଣଙ୍କ ମଧ୍ୟରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି।

**■ ସିନ୍ନର-ଆଲକାରାଜ ମୁକାବିଲା**

ପୁରୁଷ ଏକକ ଫାଇନାଲରେ ବିଶ୍ୱର ଦୁଇ ଶ୍ରେଷ୍ଠ ଖେଳାଳି ନଂ-୧ ମାନ୍ୟତାପ୍ରାପ୍ତ ଇଟାଲୀର ଜାନିକ ସିନ୍ନର ଓ ନଂ-୨ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ଖେଳାଯିବ। ଆଜି ରାତିରେ ଖେଳାଯିବାକୁ ଥିବା ଏହି ଫାଇନାଲ ମୁକାବିଲା ଜୋରଦାର ହୋଇଛି। ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡ଼ାର ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିସିଆମେଙ୍କୁ ପରାସ୍ତ କରିଥିଲେ। ସେହପରି ଅନ୍ୟ ସେମିରେ ଆଲକାରାଜ ୬-୪, ୭-୬, ୬-୨ରେ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ୩୮ ବର୍ଷୀୟ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଆଲକାରାଜ ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ସେଟ୍‌ରେ ନ ହାରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିରେ ଯଦି ସେ କୌଣସି ସେଟ୍‌ରେ ନ ହାରି ଟାଇଟଲ ଜିତନ୍ତି ତେବେ ଏଭଳି ପ୍ରଦର୍ଶନ କରିବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହେବେ।

### ଜେବାଲୋସ୍-ଗ୍ରାନୋଲର୍ସଙ୍କୁ ପୁରୁଷ ଯୁଗଳ ଟାଇଟଲ



ନ୍ୟୁୟର୍କ,୭।୯ (ଏଜେନ୍ସି): ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଓ କାନାଡାର ମାର୍ସେଲୋ ଗ୍ରାନୋଲର୍ସଙ୍କ ଯୋଡି ୟୁଏସ୍ ଓପନ ପୁରୁଷ ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ଖେଳରେ ୫ମ ସିଡ୍ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ୬ଷ୍ଠ ସିଡ୍ ନିଲ ସ୍କୁପସ୍କି ଓ ଜୋ ସାଲିସ୍‌ବରୀଙ୍କୁ ୩-୬, ୭-୬, ୭-୫ ସେଟ୍‌ରେ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ଗୋଟିଏ ବର୍ଷରେ ୨ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏମାନେ ଚଳିତବର୍ଷ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS